

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


✽ ପଞ୍ଚମ ପୁଷ୍ପ ✽ ଚତୁର୍ଥ ପାଖୁଡ଼ା .✽ ତ୍ରୟୋବିଂଶ ସଂଖ୍ୟା ✽

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ॥



✽ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ✽

✻ କେଶବାବ୍ଦ ✻ ଦ୍ୱିଚତ୍ୱାରିଂଶତ୍

# ସ୍ୱଦେଶୀ ପାରିଚିନ୍ତି

✻ ପଞ୍ଚମ ପୁଷ୍ପ ✻
ଚତୁର୍ଥ ପାଖୁଡ଼ା
ତ୍ରୟୋବିଂଶ ସଂଖ୍ୟା
ଦ୍ୱିତୀୟ ସଂସ୍କରଣ - ୨୦୦୮

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ ।
ବସୁନ୍ଧରା ବାରି ବିମାନ ବହ୍ନିର୍ବାୟୁ
ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀ ପ୍ରଭୁପାଦସ୍ତୁତି | ୧ |
| **ସିଂହଦ୍ୱାର** | |
| ବନ୍ଦନା | ୨ |
| ଜଣାଣ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଚରମରେ ଚିନ୍ତନ : ଏ ପାଖୁଡ଼ାର | ୬ |
| **ଶ୍ରୀମନ୍ଦିର** | |
| ଶୂନ୍ୟ ସଂହିତା | ୮ |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) : | ୧୦ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| ଚରମାର୍ଥ ହିଁ ପରମାର୍ଥ | ୧୬ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୨ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି | ୨୫ |
| ଉତ୍ତିଷ୍ଠତ ! ଜାଗ୍ରତ !! | ୨୮ |
| ଜିଜ୍ଞାସା : ଜିଜ୍ଞାସୁ | ୩୧ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୪ |
| କଲ୍ୟାଣ ଦେଲି ତୋତେ | ୩୭ |
| କେଶବ କୈବଲ୍ୟ କଣିକା | ୪୧ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶର ମୀମାଂସାଂଶ | ୪୩ |
| ଅଚ୍ୟୁତଙ୍କ 'ଶୂନ୍ୟରାସ'ର ସରଳ ବ୍ୟାଖ୍ୟା | ୪୫ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୪୮ |
| ବାଲ୍ୟବନ୍ଧୁ | ୫୦ |
| ଆଶ୍ରମ ସନ୍ଦେଶ | ୫୩ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ । - ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



## ମଙ୍ଗଳାଚରଣ

ତ୍ୱମେବ ଧାତା ସଚରାଚରସ୍ୟ
ତ୍ୱମେବ ପିତା ଭୁବନତ୍ରୟସ୍ୟ ।
ଅଜ୍ଞାନହର୍ତ୍ତା ଜଗତୋଽଖିଳସ୍ୟ
ପାତୁ ନଃ ଦେବ ମହିମଣ୍ଡଳସ୍ୟ ।।

## ଶ୍ରୀପ୍ରଭୁପାଦ ସ୍ତୁତି

ଜୟ ଜୟ ପ୍ରଭୁପାଦ ଧର୍ମ ନିରଂଜନ ।
ଜୟ ଜୟ ପ୍ରଭୁପାଦ ଭକତ ରଂଜନ ।।୧।।
ଜୟ ଜୟ ପ୍ରଭୁପାଦ ବ୍ରହ୍ମାଣ୍ଡର ପତି ।
ଜୟ ଜୟ ପ୍ରଭୁପାଦ ଫେଡ଼ ମୋ ଦୁର୍ଗତି ।।୨।।
ଜୟ ଜୟ ପ୍ରଭୁପାଦ ପାଦମଧ୍ୟେ ସାର ।
ଜୟ ଜୟ ପ୍ରଭୁପାଦ ଅସାରରେ ସାର ।।୩।।
ଜୟ ଜୟ ପ୍ରଭୁପାଦ ଦୀନଜନ ବଂଧୁ ।
ଜୟ ଜୟ ପ୍ରଭୁପାଦ କରୁଣାର ସିନ୍ଧୁ ।।୪।।
ଜୟ ଜୟ ପ୍ରଭୁପାଦ ଭାବର ନଉକା ।
ଜୟ ଜୟ ପ୍ରଭୁପାଦ ଭକ୍ତ ପ୍ରାଣସଖା ।।୫।।
ଜୟ ଜୟ ପ୍ରଭୁପାଦ ବ୍ରହ୍ମାଣ୍ଡେ ପୂରିଛ ।
ଜୟ ଜୟ ପ୍ରଭୁପାଦ ପିଣ୍ଡ ମଧ୍ୟେ ଅଛ ।।୬।।
ଜୟ ଜୟ ପ୍ରଭୁପାଦ ଆଦ୍ୟପ୍ରାନ୍ତେ ସମ ।
ଜୟ ଜୟ ପ୍ରଭୁପାଦ ଶ୍ରୀଗୋଲକ ଧାମ ।।୭।।
ଜୟ ଜୟ ପ୍ରଭୁପାଦ ଅବ୍ୟକତର ବିନ୍ଦୁ ।
ଜୟ ଜୟ ପ୍ରଭୁପାଦ ବ୍ୟକ୍ତଲୋକ ସିନ୍ଧୁ ।।୮।।
ଜୟ ଜୟ ପ୍ରଭୁପାଦ ଓଁକାର ମୂରତି ।
ଜୟ ଜୟ ପ୍ରଭୁପାଦ ଦାସଜୀବ ପତି ।।୯।।
ଜୟ ଜୟ ପ୍ରଭୁପାଦ ଖଚର ଭୂଚର ।
ଜୟ ଜୟ ପ୍ରଭୁପାଦ ବିଶ୍ୱ ଚରାଚର ।।୧୦।।
ଜୟ ଜୟ ପ୍ରଭୁପାଦ ଜୀବନ ଦେବତା ।
ଜୟ ଜୟ ପ୍ରଭୁପାଦ ସୁମତି ସୁଚେତା ।।୧୧।।
ଜୟ ଜୟ ପ୍ରଭୁପାଦ ଅମପାରୁ ମାପ ।
ଜୟ ଜୟ ପ୍ରଭୁପାଦ ଅଜପାର ଜପ ।।୧୨।।
ଜୟ ଜୟ ପ୍ରଭୁପାଦ ଲୀଳା କଳେବର ।
ଜୟ ଜୟ ପ୍ରଭୁପାଦ କରୁଣାସାଗର ।।୧୩।।
ଜୟ ଜୟ ପ୍ରଭୁପାଦ ପୁରୁଷ ପ୍ରକୃତି ।
ଜୟ ଜୟ ପ୍ରଭୁପାଦ ପିତାମାତାପତି ।।୧୪।।
ଜୟ ଜୟ ପ୍ରଭୁପାଦ ଅଗତିର ଗତି ।
ଜୟ ଜୟ ପ୍ରଭୁପାଦ ପ୍ରଣବ ମୂରତି ।।୧୫।।
ଜୟ ଜୟ ପ୍ରଭୁପାଦ ଜ୍ୟୋତିଃ ବିନ୍ଦୁରେଖା ।
ଜୟ ଜୟ ପ୍ରଭୁପାଦ ଭକତର ସଖା ।।୧୬।।
ଜୟ ଜୟ ପ୍ରଭୁପାଦ ଶରଣ ରକ୍ଷଣ ।
ଜୟ ଜୟ ପ୍ରଭୁପାଦ ସତ୍ୟସନାତନ ।।୧୭।।
ଜୟ ଜୟ ପ୍ରଭୁପାଦ ବିଦ୍ୟା ଜ୍ଞାନ ଧନ ।
ଜୟ ଜୟ ପ୍ରଭୁପାଦ ଭକତ ଜୀବନ ।।୧୮।।
ଜୟ ଜୟ ପ୍ରଭୁପାଦ ପଞ୍ଚପ୍ରାଣବାୟୁ ।
ଜୟ ଜୟ ପ୍ରଭୁପାଦ ପ୍ରାଣାୟାମ ଆୟୁ ।।୧୯।।
ଜୟ ଜୟ ପ୍ରଭୁପାଦ ମୁଁ ଅଜ୍ଞାନ ଦୀନ ।
ଜୟ ଜୟ ପ୍ରଭୁପାଦ ପଦେ ଦିଅ ସ୍ଥାନ ।।୨୦।।




## ବନ୍ଦନା

ଗୁରୁସ୍ୱାମୀ ଅନ୍ତର୍ଯ୍ୟାମୀ କ୍ଷମି ପଦେ ଦିଅ ସ୍ଥାନ
ଭରମେ ଭ୍ରମିବି କେତେ ଭବଭୂମି ନିଶିଦିନ ।।୦।।
କରମେ କି ଅଛି ଆଉ
କୁହନ୍ତୁ ହେ ମହାବାହୁ
ପରମ ବୋଲି ଧରିଛି, ଚରମ ବେଦନା ଘେନ ।।୧।।
ଭଠ ମଠ ନ କର ହେ
ଜଠର ଅନଳ ଦହେ
ଶଠ ମିଥ୍ୟା ପରପଞ୍ଚ ଲୀଳା ହେଉ ଅବସାନ ।।୨।।
ପ୍ରଭୁ କରୁଣା ସାଗର
ମାୟା ବୀଜ ଗୋଟି ହର
ଶିଶୁସୁଲଭ ସରଳ ଭାବେ ପଦେ ଥାଉ ମନ ।।୩।
ଧାୟିଛି ହୋଇ ଆକୁଳ
ଅକୂଳରେ ଦିଅ କୂଳ
ବ୍ରହ୍ମବିଷ୍ଣୁହର ଅଙ୍ଗ ପାମର ମିନତି ଘେନ ।।୪।।

୦୦୦

# ଜଣାଣ

ବନ୍ଧୁ ! ତୋ ବନ୍ଧନ ପାଇଁ ଦୀନଜନ
ସକଳ ବନ୍ଧନ ତେଜିଛି ।
ଶ୍ରୀପଦ ବନ୍ଦନ କରିବା ପାଇଁକି
ବହୁଦୂରୁ ଧାଇଁ ଆସିଛି ।।୦।।

ଶ୍ରୀଯଦୁନନ୍ଦନ ପତିତପାବନ
ନିନ୍ଦା ସହି ଯାହା ରହିଛି ।
ବୁନ୍ଦାବୁନ୍ଦା ଲୁହ ଅଞ୍ଚଳେ ପୋଛିଣ
ଧନ୍ଦାକୁ ବରଜି ଦେଇଛି ।।୧।।

ପୁରନ୍ଦରପଦ ମାଗୁନି ଠାକୁରେ !
କଠର ବେଦନା ସହୁଛି ।
ମନ୍ଦ ମତି ହୀନ ଚନ୍ଦନ ପରାଏ
ତୁମ ପଦରେଣୁ ଲୋଡୁଛି ।।୨।।

ହେ ମନ୍ଦରଧରା ମୁକତି ପସରା
ନିରିମାଖି ଘାରି ହେଉଛି

ଜ୍ଞାନସିନ୍ଧୁ ମଧୁ ବୁନ୍ଦାଏ ପିୟୂଷ
ଅଧମ ସନ୍ତାନ ମାଗୁଛି ।।୩।।

ସବୁପଛେ ଯାଉ ଶ୍ରୀପଦଯୁଗଳ
ହୃଦେ ମୋ ବିରାଜୁ ସତତ ।
ଏତିକି ମାଗୁଣି ପାଦପଦ୍ମେ ପ୍ରଭୁ
ଏତିକି ପାମର ଖୋଜୁଛି ।।୪।।

୦୦୦

ମୁଖଶାଳା

# ସମ୍ପାଦକୀୟ

''ପୁରୁଷ୍ ନପୁଂସକ୍ ନାରୀ ବା ଜୀବ୍ ଚରାଚର୍ କୋଇ ।
ସର୍ବଭାବ ଭଜ କପଟ୍ ତେଜି ମୋହି ପରମ ପ୍ରିୟ ସୋଇ ।।''

ପୁରୁଷ ହେଉ, ସ୍ତ୍ରୀ ହେଉ, ନପୁଂସକ ହେଉ ବା ଅନ୍ୟ ଯେ କେହି ହେଉ, ଯିଏ ମୋତେ ନିଷ୍କପଟ ମନ, ପ୍ରାଣ ଓ ହୃଦୟରେ ସଂପୂର୍ଣ୍ଣ ସମର୍ପିତ ହୋଇ ମୋର ନାମ ଭଜନ କରେ, ସେ ମୋର ପରମପ୍ରିୟ ଅଟେ । ଏହି ଉକ୍ତିରୁ ଭଗବାନ ଠାକୁରଙ୍କର ନାମଜପର ମହାତ୍ମ୍ୟ ବେଶ୍ ସ୍ପଷ୍ଟ ଭାବରେ ବୁଝାପଡ଼େ । ବାସ୍ତବରେ ଠାକୁରଙ୍କର ପୁଣ୍ୟ ଦିବ୍ୟ ନାମ ନିଃସନ୍ଦେହରେ ଏକ ବିଶାଳ ଅନଳ ସଦୃଶ ଯେଉଁ ଅଗ୍ନି ନିମିଷକ ମଧ୍ୟରେ ନଡ଼ାଗଦା ପରି ଜନ୍ମଜନ୍ମାନ୍ତରର ସଞ୍ଚିତ ପ୍ରାଣୀର ସକଳ କଳୁଷକୁ ପୋଡ଼ି ପାଉଁଶ କରିଦେଇପାରେ । ଏହା ମଧ୍ୟ ସତ ଯେ ପ୍ରଭୁଙ୍କ ଦିବ୍ୟପୁଣ୍ୟ ନାମ ଉଚ୍ଚାରଣ ମାତ୍ରେ ସମସ୍ତ ମହାପାପ ପଳକ ମାତ୍ରକେ ଧୋଇ ହୋଇଯାଏ । ଲୋଡ଼ା କେବଳ ଅଟଳ ବିଶ୍ୱାସ, ଅଟଳା ଭକ୍ତି ଏବଂ ସରଳ ପ୍ରାଣ ।

ବୈସମ୍ପାୟନ ସଂହିତାରେ ଲିପିବଦ୍ଧ ହୋଇଛି :

''ସର୍ବଧର୍ମ ବହିର୍ଭୂତଃ ସର୍ବପାପରତସ୍ତଥା ।
ମୁଚ୍ୟତେ ନାତ୍ର ସନ୍ଦେହୋ ବିଷ୍ଣୋର୍ନାମାନୁକୀର୍ତ୍ତନାତ୍ ।।''

ଅର୍ଥାତ୍, ଯେ କେହି ସମସ୍ତ ନୈତିକ ଧର୍ମ ଉଲଂଘନ କରିଅଛି ଏବଂ ସକଳ ପ୍ରକାର ପାପଯୁକ୍ତ କର୍ମରେ ଲିପ୍ତ ହୋଇଅଛି, ନିଃସନ୍ଦେହରେ ଶ୍ରୀହରି ଠାକୁରଙ୍କ ପୁଣ୍ୟ ନାମ ଶ୍ରଦ୍ଧା ଓ ଭକ୍ତି, ସମର୍ପଣ ଓ ବିଶ୍ୱାସ, ସରଳ ପ୍ରାଣ ଏବଂ ନିଷ୍କପଟ ହୃଦୟରେ ଉଚ୍ଚାରଣ କଲେ, ସମସ୍ତ ପାପବନ୍ଧନରୁ କ୍ଷଣକ ମାତ୍ରେ ମୁକ୍ତିଲାଭ କରେ ।

ଠାକୁରଙ୍କର ପୁଣ୍ୟନାମ ଭଜନ କୀର୍ତ୍ତନ ହିଁ ଏ ଯୁଗରେ ପ୍ରାଣୀର ଅତୀତ ପାପରାଶିରୁ ମୋଚନର ସୁନିଶ୍ଚିତ, ଶୀଘ୍ରତମ ଏବଂ ସହଜତମ ପଥ ଅଟେ । ଏପରିକି ମହାପାପୀ ମଧ୍ୟ ପ୍ରଭୁଙ୍କର ପବିତ୍ର ନାମ ଓ ଲୀଳା କୀର୍ତ୍ତନର ଅପାର କରୁଣା ଅସୀମ କଲ୍ୟାଣରୁ ଭଗବାନଙ୍କର ସାନ୍ନିଧ ଲାଭ ପାଇଁ କ୍ଷମ ହୋଇପାରେ । ମାତ୍ର ଏକଥା ମଧ୍ୟ ଭଲ ଭାବରେ ସ୍ମରଣରେ ରଖିବା ଉଚିତ ଯେ, ଜାଣିଶୁଣି ବାରମ୍ବାର ଇଚ୍ଛାକୃତ ଭାବରେ ଠାକୁରଙ୍କ ପୁଣ୍ୟନାମ ଉଚ୍ଚାରଣ କରି ମଧ୍ୟ ପାପପଥରେ ପାଦ ଦେଲେ, ପାପରୁ ମୁକ୍ତିର ଆଶା କ୍ଷୀଣତମ ଅଟେ । ରୋଗରୁ ମୁକ୍ତିପାଇଁ ଔଷଧ ସେବନ ପ୍ରକୃଷ୍ଟ ଅଟେ । ମାତ୍ର ରୋଗର ପ୍ରାଦୁର୍ଭାବକୁ ବଢ଼ାଇବା ପାଇଁ ଔଷଧ ସେବନ କଲେ, ଶେଷ ପରିଣତି କେବଳ ମୃତ୍ୟୁ ହିଁ ହୋଇଥାଏ । ପଦ୍ମପୁରାଣରେ ଏକଥା ସ୍ପଷ୍ଟ ଭାବରେ ଉଲ୍ଲିଖିତ ହୋଇଅଛି ଯେ, ଯେଉଁ ପ୍ରାଣୀ ଦୃଢ଼ସଂକଳ୍ପର ସହିତ ନାମକୀର୍ତ୍ତନ ବଳରେ ପାପପଥରେ ପାଦଦିଏ, ସେ ଯେତେ ପ୍ରକାର ସାଧ ସାଧନା କଲେ ମଧ୍ୟ ସେହି ପାପବନ୍ଧନରୁ ମୁକ୍ତି ଲାଭ କରିପାରେ ନାହିଁ ।

''ନାମ୍ନୋ ବଳାଦ୍ ଯସ୍ୟ ହି ପାପବୁଦ୍ଧି -
ର୍ନ ବିଦ୍ୟତେତସ୍ୟ ଯମୈର୍ହି ଶୁଦ୍ଧିଃ ।।''

ପୁନଶ୍ଚ ପଦ୍ମପୁରାଣ ଠାକୁରଙ୍କର ନାମ କୀର୍ତ୍ତନର ମହିମା ଓ ମହତ୍ତ୍ୱ ପ୍ରକାଶ କରିବାକୁ ଯାଇ ଏକଥା ମଧ ଘୋଷଣା କରେ :

''ନାମାପରାଧ ଯୁକ୍ତାନାଂ ନାମାନ୍ୟେବ ହରନ୍ତ୍ୟଘମ୍ ।
ଅବିଶ୍ରାନ୍ତ ପ୍ରଯୁକ୍ତାନି ତାନ୍ୟେବାର୍ଥକରାଣି ଚ ।।''

ନାମ ଓ ଲୀଳା କୀର୍ତ୍ତନ ବିରୋଧରୁ ସଂଜାତ ପାପ ସମୂହରୁ ମୁକ୍ତି ପାଇବାର ଏକମାତ୍ର ପଥ ହେଉଛି ଶ୍ରଦ୍ଧା ଓ ବିଶ୍ୱାସର ସହିତ ଅବିଶ୍ରାନ୍ତ ଭାବରେ ନିରନ୍ତର ପ୍ରଭୁଙ୍କର ପବିତ୍ରନାମ ଓ ପୁଣ୍ୟ ଲୀଳା ପ୍ରସଙ୍ଗ କୀର୍ତ୍ତନ କରିବା । ଏହାଦ୍ୱାରା ପାପଗ୍ରସ୍ତ କଳିହତ ଦୁର୍ବଳ ପ୍ରାଣୀ ନାମ ଓ ଲୀଳା କୀର୍ତ୍ତନର ଆଶିଷରୁ ସକଳ ମନୋବାଞ୍ଛା ପୂରଣ ହୋଇଥାଏ ।

ତେଣୁ ସକଳ ପାର୍ଥିବ ଭୋଗବିଳାସ, ଜାଗତିକ ଆଡ଼ମ୍ବର, ସାଂସାରିକ ବୃଥା ଗର୍ବଅହଂକାର, ଛଳନା, କପଟତା ଆଦି ସର୍ବଦୌ ତ୍ୟାଗ କରି ଶିଶୁସୁଲଭ ସରଳ ନିଷ୍କପଟ ମନପ୍ରାଣ ଓ ହୃଦୟରେ ଠାକୁରଙ୍କ ପୁଣ୍ୟନାମ ଓ ପବିତ୍ର ଲୀଳା ପ୍ରସଙ୍ଗରେ ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରି ତାହା କୀର୍ତ୍ତନ, ଶ୍ରବଣ, ପ୍ରଚାର ଓ ପ୍ରସାର ଦ୍ୱାରା ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀଙ୍କର କଲ୍ୟାଣ ଓ କୃପା ଲାଭ କରିବା ପ୍ରତ୍ୟେକଙ୍କର ଏକମାତ୍ର ସାଧନା ହେବା ଏକାନ୍ତ ପ୍ରୟୋଜନ । ସାଧାରଣ ଜାଗତିକ ଉଦ୍ଦେଶ୍ୟ ପୂରଣ ପାଇଁ ଏହି ପବିତ୍ର ପୁଣ୍ୟ ନାମ ଓ ଲୀଳାକୁ ବ୍ୟବହାର କରିବା ଆଦୌ ଉଚିତ ନୁହେଁ । ଏପରି କରିବା ଅଜ୍ଞତାର ପରିଚାୟକ । ଏହା ନାମ ଓ ଲୀଳାର ଶକ୍ତି ଉପରେ ଅବିଶ୍ୱାସର ପ୍ରମାଣ ମଧ । ଯେଉଁ ବ୍ୟକ୍ତି ବହୁମୂଲ୍ୟ ହୀରାଲୀଳାର ମୂଲ୍ୟ ଜାଣେ ନାହିଁ, ସେ ହିଁ କେବଳ ଖଣ୍ଡିଏ କାଚଟୁକୁରାର ମୂଲ୍ୟରେ ତାହା ବିକ୍ରୟ କରିପାରେ ସିନା ! ଭକ୍ତ ଭଗବାନଙ୍କର ନାମ ଓ ଲୀଳା ପ୍ରସଙ୍ଗକୁ ଏତେ ଶସ୍ତାରେ ବିକ୍ରି କରେ ନାହିଁ ବା ଉପଯୋଗ କରେ ନାହିଁ । ଯେ ଏପରି କରେ ସେ ପ୍ରକୃତପକ୍ଷରେ ଭକ୍ତ ପଦବାଚ୍ୟ ହୋଇ ନ ପାରେ । ଜଗତର ସକଳ ସ୍ୱାର୍ଥ ବୁଦ୍ଧିରୁ ନିଜକୁ ମୁକ୍ତ କରିବା ନିମନ୍ତେ ଠାକୁରଙ୍କର ପୁଣ୍ୟନାମ ଓ ପବିତ୍ର ଲୀଳାର ଉପଯୋଗ କରାଯିବା ବିଧେୟ । ଫଳରେ ଆଧ୍ୟାତ୍ମିକ ପଥ ଉନ୍ମୁକ୍ତ ହୁଏ, ଆତ୍ମୋନ୍ନୟନ ହୁଏ । ପରମାର୍ଥ ଲାଭହୁଏ । ସଂସାରର ସକଳ ତାପରୁ ରକ୍ଷା ମିଳେ । ଭଗବତ୍ କରୁଣା ଲାଭ ହୁଏ ଏବଂ ଈଶ୍ୱରୋପଲବ୍ଧି ସମ୍ଭବ ହୁଏ ।

ଶେଷରେ ଆମର ଏତିକି ବକ୍ତବ୍ୟ :

''ସଂସାର ସିନ୍ଧୁ ତରଣେ ହୃଦୟଂ ଯଦି ସ୍ୟାତ୍
ସଂକୀର୍ତ୍ତନାମୃତ ରସେ ରମତେ ମନଶ୍ଚେତ୍
ପ୍ରେମାମ୍ବୁଧୌ ବିହରଣେ ଯଦି ଚିତ୍ତବୃତ୍ତି
କେଶବଚନ୍ଦ୍ର ଚରଣେ ଶରଣଂ ପ୍ରୟାତୁ ।।''

ଅର୍ଥାତ୍, ଯଦି ଏହି ଘୋର ସଂସାର ସମୁଦ୍ରରୁ ତରିଯିବା ପାଇଁ ତୁମ୍ଭର ହୃଦୟ ଚାହୁଁଛି, ପୁଣ୍ୟନାମ ଓ ଲୀଳା ସଂକୀର୍ତ୍ତନରେ ମଜ୍ଜିଯିବା ମନ ଚାହୁଁଛି, ପ୍ରେମସାଗରରେ ସନ୍ତରଣ କରିବା ପାଇଁ ଚିତ୍ତବୃତ୍ତି ଅଛି, ତେବେ ବିଶ୍ୱାସର ସହିତ ଶ୍ରୀ ଶ୍ରୀକେଶବଚନ୍ଦ୍ରଙ୍କର ଚରଣପଙ୍କଜରେ ଶରଣ ନିଅ, ଶରଣ ନିଅ, ଶରଣ ନିଅ !!!

- ସଂପାଦକ, 'ଚରମ' ।।

୦୦୦

# 'ଚରମ'ରେ ଚିନ୍ତନ : ଏ ପାଖୁଡ଼ାର

## ଭକ୍ତି ( ୨ )

''ଉଦ୍ଧବ ଭକ୍ତିଯୋଗ ମୋର । ନାହିଁ ନିଗମ ଅଧିକାର ।।''

ସତରେ ଭଗବାନଙ୍କର ଆମ ପ୍ରତି କି କରୁଣା ! କେତେ କଲ୍ୟାଣ !! କଳିହତ ପତିତ ଜୀବ ଆମେ । ଆମେ କ'ଣ କୌଣସି ପ୍ରକାର କୃଚ୍ଛ୍ର ସାଧନା କରିପାରିବା ? ପ୍ରାଣାୟାମ ଓ ତପସ୍ୟାରେ ଆମର ଯୋଗ୍ୟତା କାହିଁ ? ଆଜିର ଜୀବ ଅତୀବ ଦୁର୍ବଳ । କୌଣସି ପ୍ରକାର ବିଧିନିଷେଧ ମାନି ଚଳିବାକୁ ଏକାନ୍ତ ଅକ୍ଷମ । ତେଣୁ ସରଳ ପ୍ରାଣରେ, ବ୍ୟାକୁଳ ଅନ୍ତରରେ ଠାକୁରଙ୍କୁ ଡ଼ାକି ପାରିଲେ ହିଁ ହେଲା । ଅନ୍ତଃକରଣ ଯେଉଁଠି ନିର୍ମଳ, ମନ ପ୍ରାଣ ଯେଉଁଠି ସରଳ, ସେଇଠି ହିଁ ସେ ବଶ ହୁଅନ୍ତି । ଭକ୍ତ ପାଖରେ ବନ୍ଧା ପଡ଼ନ୍ତି ।

ମହାପୁରୁଷ ଅଚ୍ୟୁତାନନ୍ଦ ଗାଇ ଯାଇ ଅଛନ୍ତି -

''ଭାବ ବିନୋଦିଆ ଠାକୁର ଭକ୍ତବତ୍ସଳ ହରି ।
ଭକ୍ତ ନିମନ୍ତେ କଳେବର ଦଶ ମୂରତି ଧରି ।।
ଭକ୍ତ ତୁମ୍ଭ କିସ କରିବ ଭକ୍ତ ବୋଲରେ ଥାଅ ।
ଭକ୍ତ ପେଶିଲା ହସ୍ତିନାକୁ ଦୂତପଣରେ ଯାଅ ।।
ଭକ୍ତ ଦେଖାଇଲା ସ୍ତମ୍ଭକୁ ସ୍ତମ୍ଭୁ ହେଲ ଉଦିତ ।
ଭୃତ୍ୟର ଭୃତ୍ୟ ପରିଭୃତ୍ୟ ଭଣେ ଦୀନ ଅଚ୍ୟୁତ ।।

ହୃଦୟରେ ଥରେ ଭକ୍ତିଭାବର ଉଦୟ ହେଲେ, ଆଉ କୌଣସି ସାଧନ ବା ନିୟମ ନିଷ୍ଠାର ଆବଶ୍ୟକତା ନାହିଁ । ଭକ୍ତିପୂତ ହୃଦୟରେ ଯିଏ ଯାହା ଠାକୁରଙ୍କୁ ନିବେଦନ କରେ, ତାହା ସେ ପରମ ସନ୍ତୋଷରେ ଗ୍ରହଣ କରି ସେଥିରେ ତୁଷ୍ଟ ହୁଅନ୍ତି । ଏପରିକି କେହି ଯଦି ଭକ୍ତିପୂତ ମନପ୍ରାଣରେ ତାଙ୍କୁ ଗଣ୍ଡୁଷେ ଜଳ ଓ ତୁଳସୀ ପତ୍ରଟିଏ ଦିଏ, ଠାକୁରେ ତାହା ଗ୍ରହଣ କରି ପ୍ରତିବଦଳରେ ତାକୁ କ'ଣ ଦେବେ ଠିକ୍ କରି ନ ପାରି ତା'ପାଖରେ ନିଜେ ବିକ୍ରି ହୋଇ ଯାଆନ୍ତି । ଠାକୁରଙ୍କର ଏହି ମହାଭାବକୁ କେତେଜଣ ବୁଝନ୍ତି ଯେ !!

''ଯଦ୍ୟପି ଭକତ ଅଗ୍ରତେ । ଯା' କିଛି ମିଳେ ଅକସ୍ମାତେ ।।
ତେଣୁ ପୂଜିବ ନରହରି । ହୃଦେ ଭକତି ଭାବ ଧରି ।।
ଦରିଦ୍ର ପ୍ରାଣୀ ଯେବେ ମୋତେ । ଭାବେ ପୂଜଇ ଦୃଢ଼ ଚିତ୍ତେ ।।
ତାହାର ଜଳ ପୁଷ୍ପ ମୁହିଁ । ଅଣୁ ପ୍ରମାଣେ ଯେବେ ପାଇ ।।
ସନ୍ତୋଷେ କରଇ ଆହାର । ଯେଣୁ ଭକତ ବନ୍ଧୁ ମୋର ।।
ସେ ଯେବେ ଅଣୁମାତ୍ର ଦେଇ । ମୁଁ ତାହା ବହୁତ ଘେନଇ ।।

ଭକ୍ତ ପାଖରେ ଠାକୁରେ ଅତି ଆପଣାର ହୋଇଯାଆନ୍ତି । ସେ ସେତେବେଳେ ତାଙ୍କ ଭକ୍ତ ପାଖରେ ନିୟମ ନିଷ୍ଠା, ଚାରବିଚାର କିଛି ଖୋଜନ୍ତି ନାହିଁ । ପ୍ରକୃତ ଭକ୍ତଠାରୁ ସେ ଶୁଦ୍ଧଅଶୁଦ୍ଧ ବିଚାର ଲୋଡ଼ନ୍ତି ନାହିଁ । ଅନ୍ତର୍ଯ୍ୟାମୀ ପୁରୁଷ କେବଳ ଅନ୍ତରର ଭକ୍ତିଭାବଟିକୁ ଖୋଜିଲୋଡ଼ି ନିଅନ୍ତି । ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଭକ୍ତ !!

ଶ୍ରୀରାମକୃଷ୍ଣ ପରମହଂସ ଦେବ ଅନେକ ସମୟରେ କହୁଥିଲେ - କଳିଯୁଗରେ ନାରଦୀୟ ଭକ୍ତି ପ୍ରକୃଷ୍ଟ । ଏ ଯୁଗପକ୍ଷରେ ଭକ୍ତିଯୋଗ ଶ୍ରେୟସ୍କର । ଏଥିରେ ଅନ୍ୟାନ୍ୟ ପଥ ଅପେକ୍ଷା ସହଜରେ ଈଶ୍ୱରଙ୍କୁ ପାଇହୁଏ । କଳିଯୁଗରେ ଭକ୍ତିଯୋଗ ହିଁ ଯୁଗଧର୍ମ । ଶ୍ରୀମଦ୍‌ଭାଗବତ ଗୀତାର ଦ୍ୱାଦଶ ଅଧ୍ୟାୟର ସମସ୍ତ ଶ୍ଳୋକରେ ମହର୍ଷି ବ୍ୟାସଦେବ ଗାଇ ଯାଇ ଅଛନ୍ତି -

''ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ ସଂସାର ସାଗରାତ୍ ।

ଭବାମି ନ ଚିରାତ୍ ପାର୍ଥ ! ମଯ୍ୟାବେଶିତ ଚେତସାମ୍ ।।''

ଶ୍ରୀଭଗବାନ ଭକ୍ତିଯୋଗର ମହାତ୍ମ୍ୟ କୀର୍ତ୍ତନ କରି କହିଛନ୍ତି ଯେ, ଯେଉଁମାନେ ପରମେଶ୍ୱରରୂପୀ ମୋଠାରେ ସର୍ବକର୍ମ ସମର୍ପଣ କରନ୍ତି, ଅର୍ଥାତ୍ ମୋର ପ୍ରୀତି ପାଇଁ ଏକମାତ୍ର ଭକ୍ତିଯୋଗ ଆଶ୍ରୟ କରି ଉପାସନା କରନ୍ତି, ସେମାନଙ୍କୁ ମୁଁ ଅତି ଶୀଘ୍ର ମୃତ୍ୟୁଯୁକ୍ତ ଅନିତ୍ୟ ଏହି ସଂସାର ସାଗରରୁ ଉଦ୍ଧାର କରେ । ଠାକୁରେ ଆମର ଠିକ୍ ଏହାହିଁ କରୁଛନ୍ତି, ଏହାହିଁ ତାଙ୍କର ଭକ୍ତମାନଙ୍କ ଠାରୁ ଚାହୁଁଛନ୍ତି । କିନ୍ତୁ କାହିଁ, କିଏ, କେଉଁଠି ଅଛନ୍ତି ତାଙ୍କର ଭକ୍ତ ??

ସମସ୍ତେ ତାଙ୍କୁ ନାନା ଦ୍ରବ୍ୟ ଉପହାର ଦେଉଛନ୍ତି । ମନ ଟିକକ ଦେଉଛି କିଏ ? ସେ ପରା ବ୍ୟାକୁଳତାର ସହିତ ସର୍ବଦା ହାତପାତି ବସିଛନ୍ତି ଭକ୍ତର ମନପୁଷ୍ପ ଟିକକ ପାଇବାପାଇଁ !! କିଏ ତୋଳି ଦେଉଛି ଏହି ମନତୁଳସୀ ତାଙ୍କ ପାଇଁ ? ଈଶ୍ୱରତ୍ୱ ପ୍ରାପ୍ତିର ପୂର୍ବସୂଚନା ଅନେକ । ଭକ୍ତିଭାବ ଯାହାର ହୃଦୟସାଗରରେ ଅବାରିତ ତରଙ୍ଗମାଳା ସଦୃଶ ଉଦ୍‌ବେଳିତ ହେଉଅଛି, ସେ ନିଶ୍ଚିତ ରୂପେ ଈଶ୍ୱରତ୍ୱର ଦ୍ୱାର ଦେଶରେ ପହଞ୍ଚି ସାରିଛି । ଅତି ଶୀଘ୍ର ସେ ପ୍ରଭୁଙ୍କ ସହିତ ମିଳିତ ହେବ ହିଁ ହେବ । ଏହା ନିଃସନ୍ଦେହ ।


''ମଯ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।
ନିବସିଷ୍ୟସି ମଯ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟ ।।'' - ଗୀତା - ୧୨/୮ ।।

ଅର୍ଥାତ୍, 'ତୁମ ମନକୁ କେବଳ ମୋଠାରେ ସ୍ଥାପନ କର; ତୁମର ବୁଦ୍ଧି ମୋ ଚିନ୍ତାରେ ଅଭିନିବିଷ୍ଟ ରହୁ । ତା' ହେଲେ ତୁମେ ମୋଠାରେ ହିଁ ବାସ କରିବ । ଏହା ସୁନିଶ୍ଚିତ ।'

ଭକ୍ତିର ମହାତ୍ମ୍ୟ ଅନନ୍ତ । ଭକ୍ତିର ଶକ୍ତି ଅସୀମ । ଭକ୍ତି ଆସେ ମୁକ୍ତିରୁ ଏବଂ ମୁକ୍ତି ଆଣିଦିଏ ଭକ୍ତି । ଅଭ୍ୟାସ କର୍ମଯୋଗରେ ସିଦ୍ଧିପରେ ହିଁ ଏହା ପ୍ରାପ୍ତ ହୁଏ । ଥରେ ଏହି ସ୍ତରରେ ପହଞ୍ଚିଗଲେ, ଆଉ ଅଭ୍ୟାସ କର୍ମଯୋଗର କୌଣସି ଆବଶ୍ୟକତା ନ ଥାଏ । ଏହି ଅବସ୍ଥା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଦେଖାଶିଖାରେ କର୍ମଯୋଗ ଅଭ୍ୟାସରୁ ବିରତ ହେବା ଦ୍ୱାରା ଆଧାତ୍ମିକ ଅଧଃପତନ ହେବା ଅସମ୍ଭବ ନୁହେଁ । ଧାରା ଧରି ଧାରାରେ ଚଳୁଥିଲେ ରାଧାଙ୍କୁ ପାଇବ; ରାଧାଙ୍କୁ ପାଇଲେ, ଠାକୁରଙ୍କୁ ମଧ୍ୟ ନିଜ ଭିତରେ ଖୋଜି ପାଇବ ।

ooo

# ଶ୍ରୀମନ୍ଦିର



## - ଶୂନ୍ୟ ସଂହିତା -

ଦେଉଳେ ଦେଖ ନିରେଖି,  
ବିଜେ ହୋଇଛନ୍ତି ଦେବ  ନାହିଁ କାନ ନାହିଁ ଆଖି,  
ଦେଉଳେ ଦେଖ ନିରେଖି ।।୦।।

ଦେଉଳର ଦଶ ଦ୍ୱାର  ମୁକୁଳା, ଗୋଟେ ଆବର  
ମୁଦ ଦିଆ ହୋଇଅଛି ଊର୍ଦ୍ଧ୍ୱ ଦେଶର ।  
ପ୍ରାଣ ଉଦାନ ଅପାନ  ବାୟୁ ଆଦି ପଞ୍ଚପ୍ରାଣ  
ସ୍ୱରରେ ସାଧିଲେ ମୁକୁଳିବ ସେ ଦ୍ୱାର ।  
ସେ ଦ୍ୱାରେ ପଶିଲେ ପ୍ରାଣ  ବାୟା ମନ, ତୁ'ରେ ଜାଣ  
ନିମିଷେ ଫିଟିବ ଆଖି ।।୧।।

ଚଳନ୍ତି ଦେଉଳ ଏଯେ  ଦେବତା ତହିଁରେ ବିଜେ  
ଶିବ ଅନ୍ତର ହୋଇଲେ ପାଲଟେ ଶବ ।  
ବାୟୁକୁ ସ୍ୱରରେ ବାନ୍ଧି  ଊର୍ଦ୍ଧ୍ୱକୁ ପାରିଲେ ରୁନ୍ଧି  
ହୃଦ ସିଂହାସନେ ଦେଖା ଦେବେ କେଶବ ।।  
ଆତ୍ମରତି କରି ଜୀବ  ପାଲଟଇ ତହୁଁ ଶିବ  
ସେ ଶୂନ୍ୟ ଦେବତା ଦେଖି ।।୨।।

ନାହିଁ ଆକାର ବିକାର  ସର୍ବଗୁଣ ଗୁଣାକାର  
ନାମ ରୂପ ଗୁଣ ହୀନ ଶୂନ୍ୟପୁରୁଷ ।  
ଭବସାଗରରେ ଭାବ -  ସାଗର ସେ ଶୂନ୍ୟଦେବ  
ସର୍ବତତ୍ତ୍ୱ ଜ୍ଞାନାକାର ଲୀଳା ଅଶେଷ ।  
ଭକତି ବିଶ୍ୱାସ ଥିଲେ  ନିଷ୍ଠା ଶ୍ରଦ୍ଧା ମୂଳ ହେଲେ  
ହୃଦରେ ପାରିବୁ ରଖି ।।୩।।

୦୦୦

# ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

''ପ୍ରେମାନନ୍ଦ ରୂପଧରି ପରଂବ୍ରହ୍ମ ହରି । ରାଧାରସେ ଲୀଳାକରି ନିର୍ଲେପ ମୁରାରୀ ।।'' - *ଅଚ୍ୟୁତାନନ୍ଦ (ଶୂନ୍ୟରାସ)*

*ସନାତନ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ଭୂମିକା ଓ ସାମାଜିକ ଅଙ୍ଗୀକାର ରହିଛି । ମାନବିକ ଚେତନାର ଉତ୍ତରଣ, ଚିରନ୍ତନ ସତ୍ୟର ଉଦ୍‌ଘୋଷଣ ଏବଂ ଜୀବୋଦ୍ଧାର ନିମନ୍ତେ ଆତ୍ମିକ ଉନ୍ନୟନ ଆନୟନ ହିଁ ସନାତନ ସାହିତ୍ୟର ବାସ୍ତବ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଅଚ୍ୟୁତାନନ୍ଦ ପ୍ରମୁଖ ପଞ୍ଚସଖାଙ୍କର ସାହିତ୍ୟଧାରା ଧର୍ମୀୟ ଭାବନା, ଧାର୍ମିକ ତତ୍ତ୍ୱ, ଈଶ୍ୱର ଉପାସନା, ଯୋଗ ସାଧନା, ବ୍ରହ୍ମ ଆରାଧନା, ସମାଜ ସଂସ୍କାର, ଭବିଷ୍ୟତ ବାଣୀ କଥନ ଇତ୍ୟାଦି ମହା ବିଭାବ ଉପରେ ପର୍ଯ୍ୟବେସିତ । ଏହି ମହାନ ସୃଜନଶୀଳ ଅଭିମନ୍ତ୍ରରେ ମହାପୁରୁଷ ଅଚ୍ୟୁତଙ୍କର ସାହିତ୍ୟ ସମ୍ଭାର ଅଭିମନ୍ତିତ । 'ଚରମ'ର ପ୍ରତିଟି ପୃଷ୍ଠାର ପ୍ରତିଟି ପାଖୁଡ଼ାରେ ମହାପୁରୁଷ ଅଚ୍ୟୁତଙ୍କର ରଚନାରୁ କିୟଦଂଶ ଉଦ୍ଧୃତ କରାଯାଇ ପରିବେଷିତ ହେଉଅଛି ଓ ତାହାର ତାତ୍ତ୍ୱିକ ଅର୍ଥ ମଧ୍ୟ ପ୍ରକାଶ କରାଯାଇଅଛି । ଏହି ସଂଖ୍ୟାରେ ତାଙ୍କ ବିରଚିତ 'ଶୂନ୍ୟରାସ'ରୁ କେତୋଟି ପଦ ଉଦ୍ଧୃତ କରାଯାଇ ତାହାର ସରଳ ଅର୍ଥ ସ୍ଥାନିତ ହେଉଛି ।*

ପୁରୁଷେ ଦେଖିଲି ଅମନା ଶିଖ
ରଙ୍ଗ ସମ ନୁହେଁ ରଙ୍ଗୀ ଶ୍ରୀମୁଖ ।
ଜଳଦ ଆନନ୍ଦ କହ୍ଲରୁ କଳା
କୁସୁମ କାନ୍ତି ଦେଖି ହେଲି ଭୋଳା ।
ସହି ଗୋ, ଶୂନ୍ୟ ମନ୍ଦିରେ ବାସ
ଜ୍ୟୋତି ଦରଶନେ ଦୂରିତ ନାଶ ।।୧।।

ଭାଳପଟ ତା' ଏମନ୍ତ ଉଦିତ
ମୃଗମଦ ଇନ୍ଦୁ ଦେଖି ଚକିତ ।
ଶିରରେ କୁଞ୍ଚିତ ତ୍ରିଭଙ୍ଗୀ ଚୂଳ
କୁସୁମ ନାହିଁ ବାସ ପରିମଳ ।
ସହି ଗୋ, ଶୂନ୍ୟ ମନ୍ଦିରେ ବାସ
ଜ୍ୟୋତି ଦରଶନେ ଦୂରିତ ନାଶ ।।୨।।

ନାସାପୁଡ଼ା ତା' ଉଜ୍ଜ୍ୱଳ ଦିଶଇ
କାନ୍ତି ମୁକୁତା କର୍ଣ୍ଣରେ ଝୁଲଇ ।
ନୟନ ତୁଲେ ନାହିଁ ସମକକ୍ଷ
ଶ୍ୱେତ ନଳିନୀ କି କରିଛି ପକ୍ଷ ।
ସହି ଗୋ, ଶୂନ୍ୟ ମନ୍ଦିରେ ବାସ
ଜ୍ୟୋତି ଦରଶନେ ଦୂରିତ ନାଶ ।।୩।।

ଗଣ୍ଡସ୍ଥଳ ତା' ଏମନ୍ତ ବିରାଜେ
ଲକ୍ଷେ କିରଣର ଗରବ ଗଂଜେ ।
କଣ୍ଠତଟ ତା'ର ଅପୂର୍ବ ଶୋଭା
ଉରେ କଉସ୍ତୁଭ ଦିଶଇ ଆଭା ।
ସହି ଗୋ, ଶୂନ୍ୟ ମନ୍ଦିରେ ବାସ
ଜ୍ୟୋତି ଦରଶନେ ଦୂରିତ ନାଶ ।।୪।।

ଶ୍ରୀଭୁଜକୁ ଦେଖି କେକୀ ଝୁରୁଛି
ଇନ୍ଦ୍ର ନୀଳମଣି ତନୁ ନିନ୍ଦୁଛି ।
ସୁନ୍ଦର ତମାଳଗୁଂଜ ଶ୍ରୀକକ୍ଷ
କାଳିନ୍ଦୀ ତମାଳ ଦେଖି ବିରସ ।
ସହି ଗୋ, ଶୂନ୍ୟ ମନ୍ଦିରେ ବାସ
ଜ୍ୟୋତି ଦରଶନେ ଦୂରିତ ନାଶ ।।୫।।

କଟୀରେ ତା' ପୀତପଟନୀ ଯହିଁ
ପୀତବାସ ବୋଲି ନାମ ଅଛଇ ।
ରତି ନାହିଁ ଆଦି ଅନନ୍ତ ଯତି
ଅଚ୍ୟୁତ ନାମେ ଚ୍ୟୁତ କାହିଁ ଅଛି ।
ସହି ଗୋ, ଶୂନ୍ୟ ମନ୍ଦିରେ ବାସ
ଜ୍ୟୋତି ଦରଶନେ ଦୂରିତ ନାଶ ।।୬।।

''ପୁଣ୍ୟ ସ୍ୱର୍ଣ୍ଣକ୍ଷେତ୍ରେ ରମ୍ୟେ ଧାୟେଦେବ ଶ୍ରୀକେଶବମ୍ । ପୀତବାସ ପରିଧେୟଂ ପୀତାମ୍ବର ରମାପତିମ୍ ।।''

ଉଦ୍ଧୃତାଂଶର ସରଳାର୍ଥ ଏହି ସଂଖ୍ୟାର ରତ୍ନବେଦୀରେ ୪୫ ପୃଷ୍ଠାରେ ପଢ଼ିବାକୁ ପାଇବେ ।




# ଗଳ୍ପାଂଶ

*(ପୁରାଣ ପୃଷ୍ଠା ମଣ୍ଡନ କରିଥିବା ଗଳ୍ପ ବା ଆଖ୍ୟାୟିକା ଗୁଡ଼ିକ ମଧ୍ୟରୁ ଅଧିକାଂଶ ଅବାସ୍ତବ ବୋଧ ହେଲେ ମଧ୍ୟ, ସେ ସବୁ ତାତ୍ତ୍ୱିକ ପବିତ୍ରତାରେ ଶ୍ରୀମନ୍ତ ଏବଂ ଏହାହିଁ ପୌରାଣିକ ସାହିତ୍ୟର ବୈଶିଷ୍ଟ୍ୟ । ଏହି ବିଶେଷତାର ପୁନଃ ପ୍ରତିଷ୍ଠା ଉଦ୍ଦେଶ୍ୟରେ 'ଚରମ' ପୃଷ୍ଠାରେ ଏ ଯାବତ୍ ପୁରାଣ ପୃଷ୍ଠାରୁ ଗଳ୍ପାଂଶମାନ ନିର୍ବାଚନ କରି ସ୍ଥାନିତ ହେଉଅଛି । ସୁଖପାଠ୍ୟ ଗଳ୍ପାଂଶ ଉଦ୍ଧାର କରି ସାଧାରଣ ପାଠକ / ପାଠିକାମାନଙ୍କୁ ପ୍ରମୋଦଦାୟକ ଆମୋଦ ଆନନ୍ଦ ଦେଇ ସଂପାଦନା ନିଜର କର୍ତ୍ତବ୍ୟ ସମ୍ପାଦନ କରି ନୀରବ ରହିନାହିଁ । ପରନ୍ତୁ ଉଦ୍ଧୃତ ଗଳ୍ପାଂଶର ପ୍ରଚ୍ଛନ୍ନରେ ନିହିତ ଯୋଗ ଉପଯୋଗୀ ଜୀବନାନୁଭୂତିମୂଳକ ବ୍ୟବହାରିକ ଯୋଗଜ୍ଞାନ କୌଶଳର ନିର୍ଯ୍ୟାସ ମୀମାଂସା ସୂତ୍ରରେ ଆହରଣ କରି ପୁରାଣ ପ୍ରସଙ୍ଗକୁ ଶକ୍ତିଶାଳୀ କରି ଯୋଗୀମାନଙ୍କର ଯୋଗତୃଷ୍ଣା ଚରିତାର୍ଥ କରିବା ଆମର ଅନ୍ୟତମ କ୍ରିୟାଯୋଗ ବୋଲି ଗ୍ରହଣ କରି ନିଆଯାଇଛି । ଭକ୍ତବନ୍ଧୁ ଶ୍ରୀଠାକୁରଙ୍କର କରୁଣା ଓ କଲ୍ୟାଣରୁ 'ଚରମ'ର ଏହି ପୃଷ୍ଠାର ଏହି ପାଖୁଡ଼ାରେ ଆମର ଉପହାର :)*

**ଭକ୍ତକବି ମହାଦେବଦାସଙ୍କ ବିରଚିତ ମାର୍କଣ୍ଡେୟ ପୁରାଣରୁ ଉଦ୍ଧୃତ :**

## ସାଧ୍ୱୀ କପୋତୀ କଥା

ଲବଣ ସିନ୍ଧୁତୀରର ପଶ୍ଚିମ ପ୍ରାନ୍ତରରେ କପାଳୀ ବନ ମଧ୍ୟରେ ସୁଆଗୀ ଗିରି ପାଖରେ ମନୁତାର ନାମରେ ଶବରପଲ୍ଲୀଟିଏ ପୂର୍ବକାଳରେ ଅବସ୍ଥିତ ଥିଲା । ସେହି ଶବରପଲ୍ଲୀର ନାୟକ ଥିଲେ ପତଙ୍ଗକାଳ । ସେ ଜଣେ ଦକ୍ଷ ବାଣୁଆ ଥିଲେ । ଏପରିକି ଉଡ଼ନ୍ତା ପକ୍ଷୀକୁ ମଧ୍ୟ ସେ ଶରବିଦ୍ଧ କରି ପାରୁଥିଲେ । ତାଙ୍କର କୁଟୁମ୍ବ ପରିବାର କେହି ନ ଥିଲେ । ସେ ଏକାକୀ ପଶୁପକ୍ଷୀ ମାରି ଭୋଜନ କରୁଥିଲେ । ଏହିପରି କିଛିକାଳ ଅନ୍ତେ ଏକଦା ବର୍ଷାଋତୁରେ ସେ ଅଠାକାଠି ଘେନି ଘୋର ବନ ମଧ୍ୟରେ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କଲେ । ବନ ମଧ୍ୟରେ ଦିନସାରା ଘୁରିବୁଲି ମଧ୍ୟ ସେ ସେହିଦିନ କୌଣସି ଶିକାର ପାଇଲେ ନାହିଁ । ଦିବସ ଅନ୍ତେ ସେ ଯୋଡ଼ିଏ କପୋତ ପକ୍ଷୀ ଦେଖିବାକୁ ପାଇଲେ । ପକ୍ଷୀ ଯୋଡ଼ିକୁ ଖଣ୍ଡେ ଦୂରରୁ ଦେଖି ସାମନାରେ ତାଳପତ୍ରର ତାଟିଟିଏ ଉହାଡ଼ କରି ଜାନୁମାଡ଼ି ସେ ବସିଗଲେ । ତା'ପରେ ନଳମୁଣ୍ଡରେ ଅଠାକାଠି ଯୋଡ଼ି ସେ ଧିରେଧିରେ ଅଠାକାଠି ଯୋଖିଲେ । ଅଠାକାଠି ବାଜିବାରୁ କପୋତଟି ତଳେ ପଡ଼ିଗଲା ଏବଂ କପୋତୀଟି ଚମକି ପଡ଼ି ଉଡ଼ି ପଳାଇ ଯାଇ ଗଛ ଡାଳରେ ବସିଲା । ଗଛ ଡ଼ାଳରେ ବସି କପୋତୀଟି ତଳକୁ ଦୃଷ୍ଟି ଦେଇ ଦେଖିଲା ଯେ, ତା'ର ପତି କପୋତଟି ବାଣୁଆର ଅଠାକାଠିରେ ବନ୍ଦୀ ହେଲା । ଶିକାରୀ ଚଢ଼େଇୟା ହାତରେ କପୋତ ବନ୍ଦୀ ହେବାର ଦେଖି ସେ କପୋତୀ ମନ ମଧ୍ୟରେ ଚିନ୍ତାକଲା । ସେ ଅତି କ୍ରୁଦ୍ଧିତା ହୋଇ ବ୍ୟାଧକୁ ଅନାଇ କହିଲା - ରେ ନିଷ୍ଠୁର ବ୍ୟାଧ,ତୁ କାହିଁକି ମୋ ସ୍ୱାମୀକୁ ଧରିଲୁ ? ଆମେ ଦିହେଁ ତ ପୂର୍ବରୁ ତୋଠାରେ କୌଣସି ଦୋଷ କରିନାହୁଁ, ତେବେ ବିନାଦୋଷରେ କାହିଁକି ଆମ୍ଭଙ୍କୁ ତୁ ଧରି ବନ୍ଦୀ କଲୁ ? ଆମ୍ଭେ ତ କେବେ କାହାକୁ ଭୟ ଦେଖାଇ ନାହୁଁ, ବରଂ ସବୁବେଳେ ଡ଼ରି ମରି ପକ୍ଷୀଜାତିରେ ଜନ୍ମ ହୋଇଥିବାରୁ ଗଛଡ଼ାଳରେ

ରହିଥାଉଁ । ଆମେ ଧର୍ମକୁ ଆଶ୍ରୟ କରି ଜଳଫଳ ଭକ୍ଷଣ କରି ଗଛଡ଼ାଳରେ ଜୀବନ ଅତିବାହିତ କରୁ । ଆମ୍ଭେ ଯେହେତୁ ଏହି ଘୋର ବନସ୍ତରେ ବସବାସ କରି ରହିଅଛୁ, ତେଣୁ କାହାକୁ କେବେ ମଧ ଆମ୍ଭେ ଭୟ କରୁନାହିଁ । ତୁ କାହିଁକି ଆମ୍ଭପରି ଅରକ୍ଷିତଙ୍କ ପ୍ରତି ଦୟା ନ ଦେଖାଇ ଅକାରଣରେ ଆମ୍ଭଙ୍କୁ ଦୁଃଖ ଦେଉଅଛୁ ? ହେ ଶବର, ଏବେ ତୁ ଆମ୍ଭର ଭକ୍ତି ଗ୍ରହଣ କର ଏବଂ ମୋର ପ୍ରାଣବଲ୍ଲଭଙ୍କୁ ଦୟାକରି ଛାଡ଼ିଦିଅ ।

କପୋତୀର କଥା ଶୁଣି ଶବର ଉତ୍ତର ଦେଇ କହିଲା - କପୋତୀରେ, ତୁ ମୋ କଥା ଶୁଣ । ତୁ ତୋର ପତିକୁ କ'ଣ ଆଉ ଫେରି ପାଇବୁ ? ତୁ ଯଦି ତୋର ପତି ପରି ମୋ ଅଠାକାଠିରେ ପଡ଼ନ୍ତୁ, ତେବେ ମୋର ଓଳିଏ ଭୋଜନ ସୁରୁଖୁରୁରେ ଚଳିଯାଆନ୍ତା । ତହୁଁ କପୋତୀ ବୋଇଲା - ହେ ଶବର, ଆମ୍ଭେ ତୁମ୍ଭର ଶରଣ ନେଉଛୁ । ତୁମ୍ଭର ବୋଲି ମନେ କରି ତୁମ୍ଭେ ଆମ୍ଭର ପ୍ରାଣ ରକ୍ଷା କର । ଏହା ଶୁଣି ଶବର କହିଲା - କପୋତୀ ଲୋ,ଯଦି ତୋର ମୋ ପ୍ରତି ଏତେ ଭକ୍ତିଭାବ, ତେବେ ମୋ ପାଇଁ ଅଗ୍ନିଟିକିଏ ଆଣିଦେଲେ, ମୁଁ ତୋ ପତିକୁ ପୋଡ଼ି ଖାଇବି । ଏହା ଶୁଣି କପୋତୀ ଆନନ୍ଦିତା ହୋଇ ଗୋରୁ ଗୋଠରୁ ଅନଳ ଆଣି ଶବରକୁ ଦେଲା । ତହୁଁ ଉତ୍ତାରୁ ଶବର କାଠ ସଂଗ୍ରହ କରି ଅଗ୍ନି ସଂଯୋଗ କଲା ଏବଂ ନିଜ ମୁଣ୍ଡାରୁ କପୋତଟିକୁ କାଢ଼ି ତା'ର ପର ସବୁ ଉପାଡ଼ି ପକାଇଲା । ଏହା ଦେଖି କପୋତୀ ବିକଳ ହେଲା ଏବଂ ଶବର ମୁହଁକୁ ଚାହିଁ କହିଲା - ରେ ଚଣ୍ଡାଳ, ସତରେ ତୁ ଏଡ଼େ ନିର୍ଦ୍ଦୟ ? ରେ ମହାପାପୀ, କହୁକହୁ ତୁ ଧର୍ମକୁ ଲଂଘନ କରୁଛୁ ? ଏବେ ମୁଁ ଦେଖିବି ଧର୍ମ କିପରି ତୋର ଏ କୁକର୍ମ ସହିବ । ମାତ୍ର କପୋତୀର କଥା ଶବର ଶୁଣିଲା ନାହିଁ । ତହୁଁ ମୃତପ୍ରାୟ କପୋତ କପୋତୀକୁ ଚାହିଁ କହିଲା - ଗୋ ସଙ୍ଗାତୁଣୀ, ମୁଁ ତ ଏ ନିର୍ଦ୍ଦୟ ବ୍ୟାଧ କବଳରେ ପଡ଼ିଲିଣି । ତୁ ଆଉ ମନରେ କିଛି ଭାଳ ନାହିଁ । ଏବେ ମୋର ଆଶା ଛାଡ଼ି ତୁ ନିଜ ବସାକୁ ଫେରିଯା ଏବଂ ପୁତ୍ରକନ୍ୟାଙ୍କୁ ଲାଳନପାଳନ କରି କୁଳ ରକ୍ଷା କର । କପୋତୀ କହିଲା - କିଏ ପୁଅଝିଅ ପାଳିବ ? ତୁମ୍ଭ ବିନା ମୁଁ କଦାପି ଜୀବନ ରଖିବି ନାହିଁ । ମୁଁ ମଧ ତୁମ୍ଭ ସହିତ ମରିବି ।

କପୋତ ଏବଂ କପୋତୀ ଏପରି ଭାବରେ କଥାବାର୍ତ୍ତା ହେଉଥିବା ବେଳେ ବ୍ୟାଧ କପୋତକୁ ନେଇ ଅଗ୍ନି ଉପରେ ରଖିଲା । ଏହା ଦେଖି କପୋତୀ ବୃକ୍ଷଡ଼ାଳରୁ ତଳକୁ ଅଗ୍ନିଶିଖା ଉପରେ ଡ଼େଇଁପଡ଼ିଲା । ଚାହୁଁଚାହୁଁ ପତିପତ୍ନୀ ଦୁହେଁ ଅନଳରେ ଦଗ୍ଧିମାନ ହେଲେ । ତହୁଁ ସ୍ୱର୍ଗରୁ ମାତଳି ପୁଷ୍ପଯାନ ଘେନି ସେଠାକୁ ଆସିଲେ ଏବଂ ସେହି ପୁଷ୍ପଯାନରେ କପୋତ ଏବଂ କପୋତୀର ଆତ୍ମା ସ୍ୱର୍ଗକୁ ଆରୋହଣ କରି ଗଲେ । ସ୍ୱର୍ଗର ସୁଧର୍ମା ସଭାରେ କପୋତକପୋତୀ ଯାଇ ପହଞ୍ଚିବା ପରେ କଶ୍ୟପଙ୍କର ପୁତ୍ର ତାଙ୍କୁ ପୂଜା କଲେ । ଏହାପରେ ବିଧାତା ସେହି କପୋତକପୋତୀଙ୍କୁ ବୈକୁଣ୍ଠପୁରକୁ ନେଇଯିବା ପାଇଁ ଆଦେଶ ଦେଲେ । ଏହାଶୁଣି ବେନିପକ୍ଷୀ କହିଲେ - ହେ ବିଧାତା, ଦୟାକରି ଆମ୍ଭକଥା ଟିକିଏ ଶୁଣନ୍ତୁ । ଆପଣଙ୍କର ଆଜ୍ଞାମାତ୍ରେ ଆମ୍ଭେ ବୈକୁଣ୍ଠଭୂମି ଲାଭ କଲୁ ସତ୍ୟ,ମାତ୍ର ଆମ୍ଭର ସଂସାରର ଜୀବନଯାତ୍ରା ଦେଖିବା ପାଇଁ ଶ୍ରଦ୍ଧା ହେଉଅଛି । ଏଥିପାଇଁ ବ୍ୟବସ୍ଥା କଲେ ଆମ୍ଭେ ଆପଣଙ୍କ ଦ୍ୱାରା ଉପକୃତ ହୋଇ ପାରିବୁ । ବିଧାତା କହିଲେ - ହେଉ, ତୁମ୍ଭର ଯାହା ଇଚ୍ଛା ତାହାହିଁ ହେବ । ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ତୁମ୍ଭେ ଦୁହେଁ ଆକାଶମଣ୍ଡଳରେ ରୁହ । ସେହିଦିନୁ ଏକ ନବରତ୍ନ ନିର୍ମିତ ବିମାନରେ ବସି ବେନି ପକ୍ଷୀ ଗଗନରେ ଦିବାନିଶୀ ଆତଯାତ ହେଉଛନ୍ତି । ପଶ୍ଚିମ ଆକାଶର ଉତ୍ତରପାର୍ଶ୍ୱରେ ମୂଳାନକ୍ଷତ୍ର ନିକଟରେ ସେହି ଦୁଇପକ୍ଷୀ ଦୁଇ ନକ୍ଷତ୍ର ହୋଇ ସର୍ବଦା ଆତଯାତ ହେଉଛନ୍ତି । ଯେଉଁ ବ୍ୟକ୍ତି କାର୍ତ୍ତିକ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ରାତିରେ ସେହି ଦୁଇ ନକ୍ଷତ୍ରଙ୍କୁ ଦର୍ଶନ କରେ, ତାହାର ବର୍ଷତମାମର ସମସ୍ତ ପାପ ନିମିଷକ ମଧରେ ପୋଡ଼ି ପାଉଁଶ ହୋଇଯାଏ ଓ ସେ କାର୍ତ୍ତିକ ହବିଷ୍ୟର ଫଳ ପ୍ରାପ୍ତହୁଏ ।

ଏହି ଉପାଖ୍ୟାନ ଦେବଦେବ ମହାଦେବ ମହାଦେବୀ ଉମା ମାହେଶ୍ୱରୀଙ୍କୁ କହିଅଛନ୍ତି । ଏହା ପୁରାଣ ପ୍ରସିଦ୍ଧ ବାଣୀ ଅଟେ । ମହାଦେବ ଏହା ପ୍ରଜାପତିଙ୍କ ଶ୍ରୀମୁଖରୁ ଶୁଣିଥିଲେ । ସ୍ତ୍ରୀଲୋକମାନେ ଅନ୍ୟ କୌଣସି ବ୍ରତ ଉପବାସ ନ କରି କେବଳ ମାତ୍ର ସତୀବ୍ରତ ପାଳନ କରିବା ଏକାନ୍ତ କର୍ତ୍ତବ୍ୟ । ପ୍ରଜାପତିଙ୍କ ମୁଖରୁ ଏହାଶୁଣି ସମସ୍ତ ତରୁଣୀ ପଶ୍ଚିମ ଦ୍ୱାର ଦେଇ ବାହାରକୁ ଚାଲିଗଲେ । ପ୍ରଜାପତିଙ୍କ ତରୁଣୀର ନାମ ଚନ୍ଦ୍ରକାନ୍ତି । ସେ ଅନ୍ତଃପୁରରେ ଏକାକିନୀ ରହିଥାଆନ୍ତି । ସେ ମନ ମଧ୍ୟରେ ବିଚାର କଲେ : ମୁଁ ମୋ ଜୀବନକୁ ଅନଳରେ ଝାସ ଦେବି । କାଳେ ଈଶ୍ୱର ମୋର ପ୍ରତିରୋଧ କରିବେ, ତେଣୁ ପ୍ରଥମେ ଈଶ୍ୱରଙ୍କୁ ଅର୍ଘ୍ୟ ଦେଇ ସନ୍ତୁଷ୍ଟ କରିବା ପରେ ଅଗ୍ନି ମଧ୍ୟରେ ପ୍ରବେଶ କରିବି । ଏହା ବିଚାରି ମହାଦେବୀ ସତୀ ଅର୍ଘ୍ୟଥାଳି ଧରି ଈଶ୍ୱରଙ୍କ ସନ୍ନିଧାନରେ ପହଞ୍ଚିଲେ । ତାହା ଦେଖି ଧୂର୍ଜଟୀ କୋପାନଳରେ ଜଳିଗଲେ । କ୍ରୋଧରେ ଅଗ୍ନିଶର୍ମା ହୋଇ ଦେବଦେବ ମହାଦେବ ଗର୍ଜନ କରି କହିଲେ -ଲୋ ପାପିଷ୍ଠା, କାହିଁକି ଅର୍ଘ୍ୟଥାଳୀ ଧରି ଆସିଛୁ ? କାହାକୁ ଅର୍ଘ୍ୟ ଦେବାପାଇଁ ଆସିଛୁ ? ଏହା କହି ଶିବ ଶାଶୁ ସମ୍ମୁଖରେ ଲଜ୍ଜା ତ୍ୟାଗ କରି ଉଲଗ୍ନ ହୋଇ ପଡ଼ିଲେ ଏବଂ ଚନ୍ଦ୍ରକାନ୍ତି ଭୟରେ କିଛି କହି ନ ପାରି ଲଜ୍ଜାରେ ମୁହଁପୋତି ଛିଡ଼ା ହୋଇ ରହିଲେ । ମନେମନେ ମହାସତୀ ବିଚାର କଲେ : ପଶୁପତିଙ୍କର ନିଶ୍ଚୟ ଜ୍ଞାନ ଧ୍ୱଂସ ହୋଇଗଲାଣି । ସତରେ କ'ଣ ମୋ ଭାଗ୍ୟରେ ଏହାହିଁ ଥିଲା, ଏହାହିଁ ଦେଖିବାକୁ ପଡ଼ିଲା । ମୁଁ ତ ଈଶ୍ୱରଙ୍କ ନିକଟରେ ଅପରାଧୀ ନୁହେଁ, ତେବେ କାହିଁକି ସଦାଶିବ ଏପରି ହୀନ ବୁଦ୍ଧି ଆଚରଣ କଲେ ? ସେ ଯଦି ମୋତେ ଦୟା କଲେ ନାହିଁ, ମୁଁ ଅବା କାହିଁକି ଉପ୍ରୋଧ କରିବି ? ଏହା କହି ସେ ଅର୍ଘ୍ୟଥାଳୀ ତଳେ ପକାଇ ଦେଲେ ଏବଂ ସ୍ୱାମୀଙ୍କୁ କୋଳରେ ଧରି ନିଜକୁ ଅଗ୍ନିରେ ଝାସ ଦେଲେ । ଯଜ୍ଞର ଅନଳ ପ୍ରଚଣ୍ଡ ତେଜରେ ଜଳୁଥିଲା, ତହିଁରେ ଦକ୍ଷପତିପତ୍ନୀ ପ୍ରବେଶ କରି ନିମିଷକ ମଧ୍ୟରେ ଦଗ୍ଧିଭୂତ ହେଲେ । ଏହା ଦେଖି ବିଶ୍ୱନାଥ ସ୍ୱୟଂ ଆଶ୍ଚର୍ଯ୍ୟ ହୋଇଗଲେ ।

''ପତି ସହ ଯେଉଁ ନାରୀ ଲଭଇ ମରଣ ।
ମହାଦେବ ଦାସ କହେ ଧନ୍ୟ ତା' ଜନମ ।''

୦୦୦

ଅଲିଅଳି ପ୍ରିୟ ସନ୍ତାନ ମୋର ଧନମଣିରେ ।
ସବୁ ଚିନ୍ତା ଛାଡ଼ି ଚିନ୍ତତୁ ନିତି ଚିନ୍ତାମଣିରେ ।।

(ପୁରାଣ ପୃଷ୍ଠାରୁ : ଗଙ୍ଗାଂଶର ମୀମାଂସା ଖଣ୍ଡ ଏହି ସଂଖ୍ୟାରେ ରତ୍ନବେଦୀର ୪୩ ପୃଷ୍ଠାରେ ପଢ଼ିବାକୁ ପାଇବେ ।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ



# ମୋହ

('ଚରମ' ପୃଷ୍ଠାରେ 'ମୋହ' ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରି ପାରିଛି । 'ମୋହ'ର ପ୍ରକାରଭେଦ, ପ୍ରକରଣ ଏବଂ ସର୍ବଜନବୋଧଗମ୍ୟ ନିମନ୍ତେ ସହଜସରଳ ବ୍ୟାଖ୍ୟା ଓ ତତ୍ ସଂଶ୍ଳିଷ୍ଟ ଉପଯୁକ୍ତ ଗଳ୍ପାଂଶ ଏହି ଅଧ୍ୟାୟକୁ ଚିରସବୁଜ, ଚିରସୁନ୍ଦର, ଦୁର୍ଲଭ ଏବଂ ମନୋଜ୍ଞ କରିପାରିଛି । ସଂସାର ପଥରେ ପଥିକ ସଂସାରୀ, ଗୃହୀ, ବିଷୟୀ ତଥା ଯୋଗୀ ଓ ସାଧକମାନଙ୍କର ପରମାର୍ଥ ପଥ ପରିଷ୍କାର କରିବା ନିମନ୍ତେ ବିଶ୍ୱକଲ୍ୟାଣ ଏବଂ ଜଗତର ମଙ୍ଗଳ କାମନା କରି ପରମକାରୁଣିକ ଠାକୁରଙ୍କ ଅପାର କରୁଣା ଏବଂ ଅମାପ କଲ୍ୟାଣର ଫଳଶ୍ରୁତି : 'ମୋହ'

## କ୍ଷରିତ ଅଂଶ ମୋହ

**ଶିଷ୍ୟ ଉବାଚ :**

କ୍ଷରିତ ଅଂଶ ମୋହ ଦେବ । ବତ୍ସକୁ ବୁଝାଇ କହିବ ॥
ପ୍ରାର୍ଥନା କରେ ଗୁରୁସ୍ୱାମୀ । ଭାବରେ ଯୋଡ଼ି କର ବେନି ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଶୁଣ ହୋ ବତ୍ସ ଧ୍ୟାନ ଦେଇ । କ୍ଷରିତ ଅଂଶ ମୋହ କହି ॥
ଯେବେଳେ ପ୍ରାଣୀ କରି ଧ୍ୟାନ । ମାର୍ଗରେ ସାଧନା ପାଳନ ॥
କରି ଦର୍ଶନ ଜଗତର । ପହଞ୍ଚେ ଆଦ୍ୟ ସୋପାନର ॥
ସେବେଳେ ଜ୍ଞାନର ଏକାଂଶ । କ୍ଷରିତ ହୋଇ ପରକାଶ ॥
ହୁଅଇ ପ୍ରାଣୀର ହୃଦୟ । ତହୁଁଟି ଜ୍ଞାନର ଉଦୟ ॥
କ୍ଷରିତ ଅଂଶ ମୋହ ଏହା । ଏହା କାଟଇ ଭବ ମାୟା ॥
ମାୟାର ପରଳ ବର୍ଜନ । ହୁଅଇ ଆତ୍ମାର ଦର୍ଶନ ॥
ଜ୍ଞାନର ଏକାଂଶ କ୍ଷରିତ । ହୋଇଣ ଆତ୍ମାର ନିକଟ ॥
ହେବା ପଥରେ ଘେନିଯାଏ । ସଂପୂର୍ଣ୍ଣ ଜ୍ଞାନ ଅନୁଦୟେ ॥
ଆତ୍ମା ନିକଟବର୍ତ୍ତୀ ନୋହି । ସଂପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ନାହିଁ ॥
ମୁକତି ଆତ୍ମ ଦରଶନ । ଚରମେ ଆତ୍ମାରେ ମିଳନ ॥
ଏହି ଅବସ୍ଥା ଚକ୍ର ଗୋଟି । କ୍ଷରିତାଂଶ ମୋହ ସେହିଟି ॥
ଏ ମୋହ ପ୍ରାଣୀ ହିତକାରୀ । କରେ ସାଧନ ପଥଚାରୀ ॥

ପ୍ରାଣୀ ସ୍ଥୂଳଜଗତରେ ଅଧ୍ୟାତ୍ମଜ୍ଞାନ ପିପାସୁ ହୋଇ ଆତ୍ମୋନ୍ନତି ନିମନ୍ତେ ଲକ୍ଷ୍ୟ ରଖି ଗୁରୁବରଣ କରି ସାଧନମାର୍ଗ ଅବଲମ୍ବନ ପୂର୍ବକ ଦର୍ଶନ ଜଗତର ପ୍ରଥମ ସୋପାନରେ ପାଦ ଦେଇ ପହଞ୍ଚିଯାଏ, ସେତେବେଳେ ପ୍ରାଣୀର ଅନ୍ତଃକରଣରେ ଯେଉଁ ମୋହର ସୂକ୍ଷ୍ମବୀଜ ଅଙ୍କୁରିତ ହୁଏ, ତାହାକୁ 'କ୍ଷରିତ ଅଂଶ ମୋହ' କୁହାଯାଏ ।

ଗୁରୁବରଣ ପରେ ଶ୍ରୀଗୁରୁସ୍ୱାମୀଙ୍କର ନିର୍ଦ୍ଦେଶିତ ସାଧନାପଥରେ ଯଥାଶକ୍ତି ଗୁରୁ ଉପଦେଶ ପାଳନ କରି ଧ୍ୟାନମାର୍ଗରେ ଶିଷ୍ୟ ଯେତେବେଳେ କ୍ରମଶଃ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରି ଦର୍ଶନଜଗତର ପ୍ରଥମ ସୋପାନରେ ପହଞ୍ଚି ପ୍ରଥମ ପାଦ ଦିଏ, ସେତେବେଳେ ଗୁରୁକୃପା ବଳରୁ ଜ୍ଞାନର ଏକାଂଶ କ୍ଷରିତ ହୋଇ ତା' ହୃଦୟରେ ପ୍ରକାଶ ପାଏ । (ଶ୍ରୀମଦ୍‌ଭାଗବତ ବାଣୀ : 'ମୁଁ ଯା'କୁ ହୁଅଇ ସଦୟ, ଜ୍ଞାନ ତା' ହୃଦରୁ ଉଦୟ' — ଏଠାରେ ଅବଶ୍ୟ ପ୍ରଣିଧାନ ଯୋଗ୍ୟ) ସାଧନ ସୂତ୍ରର ଯଥାର୍ଥ ଉପଯୋଗ ଦ୍ୱାରା ପ୍ରାଣୀ ଇହଜଗତରେ ଗୁରୁକୃପା ଲାଭ କରିବାକୁ ସମର୍ଥ ହୋଇଥାଏ । ଗୁରୁକୃପାରୁ ଶିଷ୍ୟ କ୍ଷରିତ ମୋହର ସୂକ୍ଷ୍ମ ବୀଜ ନିଜର ଅନ୍ତଃକରଣରେ ଅଙ୍କୁରିତ କରିବାରେ ସମର୍ଥ ହୁଏ । କ୍ଷରିତ ମୋହର ସୂକ୍ଷ୍ମ ପ୍ରକ୍ରିୟାରୁ ଶିଷ୍ୟର ହୃଦସ୍ଥଳରୁ ଜ୍ଞାନର ଉଦୟ ଓ ପ୍ରକାଶ ହୁଏ । କ୍ଷରିତ ଜ୍ଞାନର ଏକାଂଶ ମାତ୍ର ଉଦୟ ହେବାମାତ୍ରେ ହିଁ ପ୍ରାଣୀର ଭବମାୟା ବା ସାଂସାରିକ ବିଷୟାଜଗତର ବନ୍ଧନ କ୍ରମଶଃ ଧୀରେ ଧୀରେ କଟି ଶେଷରେ ଛିଡ଼ିଯାଏ । ପ୍ରାଣୀ ମାୟାବନ୍ଧନରୁ ମୁକ୍ତ ହୋଇ ପ୍ରକୃତ ଭକ୍ତ ପଦବାଚ୍ୟ ହୁଏ । ବିଷୟାବନ୍ଧନରୁ ମୁକ୍ତ ନ ହେଲେ କେହି କେବେ ଭକ୍ତ ହୋଇପାରେ ନାହିଁ । ପ୍ରାଣୀର ସ୍ଥୂଳଚକ୍ଷୁରୁ ମାୟାର ପରଳ କଟିଗଲେ, ଆତ୍ମଦର୍ଶନ ସମ୍ଭବ ହୁଏ । ଏହି ଆତ୍ମଦର୍ଶନ ନିମନ୍ତେ ମଧ୍ୟ ଶ୍ରୀଗୁରୁସ୍ୱାମୀଙ୍କର କୃପାଲାଭ ଏକାନ୍ତ ପ୍ରୟୋଜନ ।

ଶ୍ରୀଗୁରୁସ୍ୱାମୀଙ୍କର ନିର୍ଦ୍ଦେଶିତ ସାଧନପଥରେ ଏକନିଷ୍ଠ ଏକାଗ୍ରତାର ସହିତ ଯଥାର୍ଥ ଧ୍ୟାନଧାରଣାଦି ପ୍ରତିଦିନ କରିଚାଲିଥିଲେ, ଯଥା ସମୟରେ ଶିଷ୍ୟ ଶ୍ରୀଗୁରୁସ୍ୱାମୀଙ୍କର କୃପାଲାଭ ଅବଶ୍ୟ କରିଥାଏ । ଏଥିପାଇଁ ପୂର୍ବ ଜନ୍ମଜନ୍ମାନ୍ତରର ସଂସ୍କାରଗତ ପ୍ରାରବ୍ଧର ପରିଣାମରୁ କାହାର ସହଜ ତ ପୁଣି କାହାର ବିଳମ୍ବରେ ଏହା ସଂଘଟିତ ହୋଇଥାଏ । ତେଣୁ, ଏଥିପାଇଁ ନିଜକୁ ହୀନମନ୍ୟ ବିଚାରିବା ବା ଅନ୍ୟକୁ ଈର୍ଷାଦ୍ୱେଷ କରି ଆପଣାର ଆଧ୍ୟାତ୍ମିକ ପଥ ଅବରୋଧ କରିବା ସର୍ବାଦୌ ଅନୁଚିତ । କ୍ଷରିତ ଅଂଶ ମୋହ ବଳରୁ ଏବଂ ଶ୍ରୀଗୁରୁସ୍ୱାମୀଙ୍କର ଅପାର କୃପାଲାଭରୁ ମାୟାମୁକ୍ତ ପ୍ରାଣୀ ଭକ୍ତରେ ରୂପାନ୍ତରିତ ହୋଇ କ୍ଷରିତ ଜ୍ଞାନର ଏକାଂଶ ନିଜ ହୃଦୟରେ ଅନୁଭବ କରେ ଏବଂ ଆତ୍ମାର ନିକଟତର ହେବା ଫଳରେ ଆଗେଇ ଯାଏ ସତ, ମାତ୍ର ସଂପୂର୍ଣ୍ଣ ଜ୍ଞାନ ସେ ପର୍ଯ୍ୟନ୍ତ ତା' ହୃଦୟରେ ଉଦୟ ହୋଇ ନ ଥାଏ । ଆତ୍ମାର ନିକଟତମ ନ ହେବା ପର୍ଯ୍ୟନ୍ତ ଭକ୍ତ ସାଧକ ହୃଦୟରେ ସଂପୂର୍ଣ୍ଣ ଜ୍ଞାନ ଉଦୟ ହୁଏ ନାହିଁ କି ଭକ୍ତସାଧକ ସଂପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇପାରେ ନାହିଁ ।

ଶ୍ରୀଗୁରୁସ୍ୱାମୀଙ୍କର ନିର୍ଦ୍ଦେଶିତ ସାଧନମାର୍ଗରେ ମୂଳଲକ୍ଷ୍ୟ ଆତ୍ମଦର୍ଶନ ଏବଂ ଚରମ ଉଦ୍ଦେଶ୍ୟ ଆତ୍ମାରେ ମିଳନ । ଯେଉଁ ଅବସ୍ଥାଚକ୍ରରେ ଶିଷ୍ୟ ମାୟାମୁକ୍ତ ହୋଇ ଭକ୍ତରେ ପରିଣତ ହୁଏ, କ୍ଷରିତ ଜ୍ଞାନ ଲାଭ କରେ, ଆତ୍ମଦର୍ଶନ କରେ ଏବଂ ଚରମରେ ଆତ୍ମମିଳନର ନିତ୍ୟାନନ୍ଦ ଆସ୍ୱାଦନ କରେ, ସେହି ଅବସ୍ଥାଚକ୍ରକୁ ହିଁ 'କ୍ଷରିତ ଅଂଶ ମୋହ' କୁହାଯାଏ । ଏହି ମୋହ ପ୍ରାଣୀର ହିତକାରୀ ଅଟେ ଏବଂ ଚରମ ଲକ୍ଷ୍ୟ ପ୍ରାପ୍ତି ପଥରେ ପ୍ରାଣୀକୁ କ୍ରମଶଃ ପର୍ଯ୍ୟାୟକ୍ରମରେ ଆଗେଇ ନେଇଥାଏ । 'କ୍ଷରିତ ଅଂଶ ମୋହ'ର ପର୍ଯ୍ୟାୟକ୍ରମର ସରଳୀକରଣ ନିମନ୍ତେ ଠାକୁରେ ସଂକ୍ଷିପ୍ତ ଉଦାହରଣଟିଏ ଦେଇ କହନ୍ତି; ଏକଦା ସତ୍ୟଯୁଗର ଆଦ୍ୟଭାଗରେ କଣେରୁ ନାମକ ଜଣେ ଜନ୍ମସିଦ୍ଧ ମହାପୁରୁଷ ନିବିଡ଼ ଅରଣ୍ୟ ମଧ୍ୟରେ ମନୋରମ ଆଶ୍ରମଟିଏ ଗଢ଼ି ବସବାସ କରି ରହୁଥିଲେ । କଣେରୁଙ୍କ ଆଶ୍ରମରେ ତାଙ୍କର ବୃଦ୍ଧା ବିଧବା ମାତା, କେତେଜଣ ସେବକ ଓ ଶିଷ୍ୟବୃନ୍ଦ ମଧ୍ୟ ରହୁଥିଲେ । ବନରୁ ଫଳମୂଳ

ଆଦି ସଂଗ୍ରହ କରି ସେମାନେ ଉଦରପୋଷଣ କରୁଥିଲେ । ନିରାକାର ବ୍ରହ୍ମ ଉପାସନା ହିଁ ତାଙ୍କର ସାଧନ ମାର୍ଗ ଥିଲା । ନିରାଡ଼ମ୍ବର ଭାବରେ ସେମାନେ ତ୍ୟାଗପୂତ ସରଳ ଜୀବନଯାପନ କରିବା ସହିତ ପବିତ୍ର ଚିନ୍ତାଧାରା ମଧ୍ୟରେ ସାଧନା ପଥରେ ଅଟଳ ଓ ଅବିଚଳ ଥିଲେ ।

**କଣେରୁଙ୍କ** ଶିଷ୍ୟମାନଙ୍କ ମଧ୍ୟରେ ପ୍ରଧାନ ଓ ପ୍ରମୁଖ ଥିଲେ ତିନିଜଣ ଶିଷ୍ୟ । ସେମାନେ ହେଲେ **ଚନ୍ଦ୍ରକ, ହରିଣାଙ୍କ ଓ ବୃଷଧ୍ୱଜ** । ଜନ୍ମସିଦ୍ଧ ମହାପୁରୁଷ ଶ୍ରୀଗୁରୁ **କଣେରୁ** ସମସ୍ତ ଶିଷ୍ୟଙ୍କୁ ସମାନ ଭାବରେ ଭଲ ପାଉଥିଲେ ମଧ୍ୟ **ଚନ୍ଦ୍ରକ, ହରିଣାଙ୍କ ଓ ବୃଷଧ୍ୱଜ** ଉପରେ ସୂକ୍ଷ୍ମସୂତ୍ରରେ ଅଧିକ ନଜର ଦେଉଥିଲେ । ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ ସାଧନମାର୍ଗରେ ଅଟଳ ଓ ଅବିଚଳ ରହି ବ୍ରହ୍ମ ଉପାସନାର ଧ୍ୟାନ ମାର୍ଗରେ ତିନିଜଣ ଯାକ ରହିଥିଲେ ମଧ୍ୟ **ଚନ୍ଦ୍ରକ ଓ ହରିଣାଙ୍କ** ଅଧିକ ସମୟ ଶ୍ରୀଗୁରୁଙ୍କର ସ୍ଥୂଳ ସାନ୍ନିଧ ଲାଭ କରି ସ୍ଥୂଳ ଭାବରେ ଅଧିକାଂଶ ସମୟରେ ରହିଯାଉଥିଲେ । ଫଳତଃ ସୂକ୍ଷ୍ମସୂତ୍ରୀୟ ନିରାକାର ବ୍ରହ୍ମ ଉପାସନା ବାଧାପ୍ରାପ୍ତ ହେଉଥିଲା । ଏହା ଅବଶ୍ୟ **ଚନ୍ଦ୍ରକ ଓ ହରିଣାଙ୍କ** ଜାଣି ପାରୁ ନ ଥିଲେ । **ବୃଷଧ୍ୱଜ** କିନ୍ତୁ ଶ୍ରୀଗୁରୁଙ୍କ ସ୍ଥୂଳ ସାନ୍ନିଧ୍ୟରୁ ଦୂରରେ ରହି ଗୁରୁ ନିର୍ଦ୍ଦେଶିତ ସାଧନ ପ୍ରକ୍ରିୟା ଅତ୍ୟନ୍ତ ଗୋପନୀୟ ଭାବରେ ପାଳନ କରି ସ୍ଥୂଳତଃ ଅନ୍ୟ ଭାବ ପ୍ରକାଶ କରି ଅନ୍ତଃସ୍ଥଳରେ ପରମ ଶାନ୍ତି, ସନ୍ତୋଷ ଓ ଆନନ୍ଦ ଅନୁଭବ କରୁଥାଏ । ଶ୍ରୀଗୁରୁ **କଣେରୁ** ସୂକ୍ଷ୍ମରେ ଏହା ଜାଣି **ବୃଷଧ୍ୱଜ** ପ୍ରତି କୃପା କରନ୍ତି । ଫଳତଃ ଯଥା ସମୟରେ ସାଧନ ପ୍ରକ୍ରିୟାର ବଳରୁ ଓ ଶ୍ରୀଗୁରୁଙ୍କର କୃପାରୁ **ବୃଷଧ୍ୱଜର** ଅନ୍ତଃକରଣରେ କ୍ଷରିତ ଅଂଶ ମୋହର ସୂକ୍ଷ୍ମବୀଜ ଅଙ୍କୁରିତ ହୁଏ । ଯଥାଶୀଘ୍ର **ବୃଷଧ୍ୱଜ** ଦର୍ଶନଜଗତରେ ପ୍ରଥମ ପାଦ ଦିଏ ଏବଂ ହୃଦୟରେ କ୍ଷରିତ ଜ୍ଞାନର ଏକାଂଶ ଅନୁଭବରେ ଆସେ । ଫଳରେ ଗୁରୁଙ୍କ ସହିତ ସୂକ୍ଷ୍ମସୂତ୍ରୀୟ ଯୋଗାଯୋଗ **ବୃଷଧ୍ୱଜର** ବହୁ ସମୟରେ ସମ୍ଭବ ହୁଏ । **ଶ୍ରୀଗୁରୁଙ୍କର ସ୍ଥୂଳସାନ୍ନିଧରେ** ମାତିଥିବା **ଚନ୍ଦ୍ରକ ଓ ହରିଣାଙ୍କ** ଏହା ଜାଣିବାର ସୁଯୋଗ ପାଇ ପାରନ୍ତି ନାହିଁ ଏବଂ ନିଜ ନିଜକୁ ବୃଷଧ୍ୱଜଠାରୁ ଅଧିକ ଭାଗ୍ୟବାନ ବୋଲି ମନେ କରୁଥାଆନ୍ତି ।

ଏଣେ ଶ୍ରୀଗୁରୁଙ୍କ ଅପାର କରୁଣାରୁ **ବୃଷଧ୍ୱଜର** କ୍ଷରିତ ଜ୍ଞାନର ଉଦୟ ହୋଇ ଭବସଂସାରର ମାୟା ଧୀରେ ଧୀରେ କଟିଯାଉଥାଏ । **ସ୍ଥୂଳଚକ୍ଷୁରୁ** ମାୟାର ପରଳ କଟିଯାଇ ଯଥା ସମୟରେ ତା'ର ଆତ୍ମଦର୍ଶନ ସମ୍ଭବ ହୁଏ । ଆତ୍ମାର ନିକଟତର ହେବା ପଥରେ ସେ କ୍ରମଶଃ ଆଗେଇ ଚାଲିଥାଏ । ଆତ୍ମଜ୍ଞାନ ଉଦୟ ଓ ଆତ୍ମଦର୍ଶନ ଅନୁଭବରୁ **ବୃଷଧ୍ୱଜ** ପରମଶାନ୍ତି, ସନ୍ତୋଷ ଓ ମହାନନ୍ଦ ଲାଭକରି **ଶ୍ରୀଗୁରୁଙ୍କର** ପବିତ୍ର ପାଦପଦ୍ମ ଧ୍ୟାନରେ ଲୟ ରହୁଥାଏ । ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ରର ମାନସ ଜପରେ ନିରାକାର ବ୍ରହ୍ମ ଉପାସନା ସାଧନମାର୍ଗରେ ସ୍ଥିର ଅବିଚଳ ଭାବରେ ସେ ସୋପାନ ପରେ ସୋପାନ ଅତିକ୍ରମ କରି ଆଗେଇ ଚାଲିଥାଏ । **ବୃଷଧ୍ୱଜର** ବାହ୍ୟ ଆଚରଣ, ଭାବ ଓ ଭାଷାରୁ ଅନଭିଜ୍ଞ ଶିଷ୍ୟମାନେ ଏପରିକି **କଣେରୁଙ୍କର** ନିତ୍ୟସ୍ଥୂଳ ସାନ୍ନିଧ ଲାଭ କରୁଥିବା **ଚନ୍ଦ୍ରକ, ହରିଣାଙ୍କ ବୃଷଧ୍ୱଜକୁ** ଠିକ୍ ଭାବରେ ବୁଝିବା ପାଇଁ ସମର୍ଥ ହୋଇ ପାରୁନଥାନ୍ତି । ଏକମାତ୍ର ସିଦ୍ଧସାଧକ ଶ୍ରୀଗୁରୁ **କଣେରୁ ବୃଷଧ୍ୱଜର ଅନ୍ତଃସ୍ଥଳରେ** ନିତ୍ୟ ବିରାଜମାନ ହୋଇ ତା'କୁ ଠିକ୍ ଚିହ୍ନି ଥାଆନ୍ତି ଓ ଗୁରୁକୃପାରେ ତା'କୁ ନିତ୍ୟସ୍ନାତ କରିଥାଆନ୍ତି । ପର୍ଯ୍ୟାୟ କ୍ରମିକ ସାଧନା, ଗୁରୁକୃପା ଓ କ୍ଷରିତଅଂଶ ମୋହ ପ୍ରଭାବରୁ ଯଥା ସମୟରେ **ବୃଷଧ୍ୱଜ** ସଂପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୁଏ । ଆତ୍ମଦର୍ଶନ ସିଦ୍ଧ ହୁଏ ଓ ଆତ୍ମମିଳନରେ ମିଳିତ ହୋଇ ଚରମ ଆନନ୍ଦ ପ୍ରାପ୍ତ ହୁଏ । **ଚନ୍ଦ୍ରକ ଓ ହରିଣାଙ୍କ ସୂକ୍ଷ୍ମ** ସଂଯୋଗରେ ମତ ନ ଦେଇ ଶ୍ରୀଗୁରୁଙ୍କର ସ୍ଥୂଳ ସାନ୍ନିଧରେ ସ୍ଥୂଳ ଆନନ୍ଦ ଲାଭ କରି ମଧ୍ୟ କ୍ଷରିତ ଅଂଶ ମୋହର **ସୂକ୍ଷ୍ମବୀଜ ଅଙ୍କୁରିତ** କରିବାରେ ସେ ପର୍ଯ୍ୟନ୍ତ ସମର୍ଥ ହୋଇ ପାରି ନ ଥାଆନ୍ତି ।

❏

# ଚରମାର୍ଥ ହିଁ ପରମାର୍ଥ

(୩)

*('ଚରମପୁରୁଷ'ଙ୍କର ସଂଜ୍ଞା ନିରୂପଣ କରିବା ମର୍ତ୍ତ୍ୟଭୂମି ନିର୍ମାଣ ହେବା ଦିନ ଠାରୁ ଏ ଯାବତ୍ ସମ୍ଭବ ହୋଇ ପାରିନାହିଁ । ଯୁଗାନୁବାଦରେ ଭକ୍ତର କଳ୍ପନା ଓ ଅଭିଳାଷର ସାକାର ରୂପ ନେଇ ସେ ଧରାପୃଷ୍ଠରେ ଅବତରଣ ହୋଇ ଆସୁଛନ୍ତି, ଆସିଛନ୍ତି ଓ ଆସିବେ । ଯୋଗୀ, ମୁନି, ଋଷି, ଜ୍ଞାନୀ, ଭକ୍ତ, ସାଧୁ, ସନ୍ଥ ସମସ୍ତେ ତାଙ୍କୁ ନିଜ ନିଜର ସାଧନା ସ୍ତର ଅନୁସରଣରେ ଚିତ୍ରିତ କରି ଆସୁଛନ୍ତି । ସେହି କ୍ରମରେ ଆଜ ଜଣେ ସନ୍ଥ ''ବିକ୍ରମାଦିତ୍ୟ''ଙ୍କ ଦୃଷ୍ଟିରେ ''ଚରମ, ଚରମପୁରୁଷ''ଙ୍କ ସଂଜ୍ଞା ଧାରାବାହିକ ଭାବରେ ଏହି ସ୍ତମ୍ଭରେ ପ୍ରକାଶିତ ହୋଇ ଆସୁଅଛି । ଏ ସଂଖ୍ୟାରେ ପ୍ରବନ୍ଧଟିର ତୃତୀୟ ନିବେଦନ.........)*

''ମୂର୍ଖା ବଦନ୍ତି 'ବିଷ୍ଣାୟ'
ଧୀରା ବଦନ୍ତି 'ବିଷ୍ଣବେ'
ଉଭୟୋସ୍ତୁ ଫଳଂ ସତ୍ୟଂ
ଭାବଗ୍ରାହୀ ସନାତନଃ ।।''

ମୂର୍ଖ 'ବିଷ୍ଣାୟ' କହୁ ବା ଜ୍ଞାନୀ 'ବିଷ୍ଣବେ' କହୁ, ଚରମୋକ୍ତିରେ ଉଭୟ ପରିଣାମତଃ ସତ୍ୟ । ସତ୍ୟ ଏଇଥିପାଇଁ, ଯହିଁକି ସନାତନ ପୁରୁଷ ଭାବହିଁ ଗ୍ରହଣ କରିଥାଆନ୍ତି । ବିକାର ହିଁ ଦେହ ଧାରଣର ମୁଖ୍ୟ ହେତୁ । ତହିଁରେ ମକାରାମଦୀନ! 'ମୁଁ' ଦୃଶ୍ୟମାନ । ଏହି 'ମୁଁ' ରେ ବିକ୍ରମ ଅଛି ।

ଏହି 'ମୁଁ' ଜାଣି ପାରିବାହିଁ ଯୋଗ, ଓ ତହିଁର ଉପଲବ୍ଧ ଉପାଧି 'ହର' । 'ମୁଁ' କି ଜଣାଇପାରିବା ହେଉଛି ପ୍ରେମ, ଯହିଁର ଉପାଧି 'ହରି' । 'ମୁଁ'ରେ ଭଣ୍ଡିବା ହେଉଛି 'ଅହଙ୍କାର' । ଜୀବ ସ୍ୱତଃ ଏହି ଉପାଧି କି ଧରି ପଡ଼ିଥାଏ । ବିବେକାନୁମୋଦିତ ନ ହୋଇ ସ୍ୱୀୟ ବ୍ୟତିକ୍ରମେ ବାରମ୍ବାର 'ମୁଁ' କୁ ଭଣ୍ଡିବାରେ ଲାଗିଲେ ଜୀବ ନିମ୍ନଗାମୀ ହୁଏ ଏବଂ ବଦ୍ଧଜୀବତା ଭିତିରେ ତାହାରେ ତହିଁକି ଅବକ୍ଷୟ ଅଟେ । 'ମୁଁ' ରେ ବିଚାରଧାରାକୁ ଧରି ପ୍ରତ୍ୟୁତ୍ପନ୍ନ ଭାବଭିନ୍ନତା ନିମ୍ନୋକ୍ତ ମତେ ଏହିପରି । ଯେ ବେଳେ, କୁହାଯାଇଛି -

'ଉଦ୍ଧବ ହେତୁ ରଖିଥିବୁ । 'ମୁଁ' ମଲେ ମୋତେ ତୁ ପାଇବୁ' ।।

-ସେ ବେଳେ, ଏହି 'ମୁଁ' ହେଉଛି ଅହଙ୍କାର ସୂଚକ, ପ୍ରକୃତି ବିଜଡ଼ିତେ ଭୋଗରତା, ଯାହା ଦିନେ ରାବଣକୁ 'ଅହଂଶିବୋଽସ୍ମି' ଭାବରେ ଉନ୍ମତ୍ତ କରିଥିଲା; ଦୁର୍ଯ୍ୟୋଧନକୁ 'ମାନଗୋବିନ୍ଦ' ବୋଲି ଡ଼ିଣ୍ଡିମ ପିଟୁଥିଲା । ଅପରମତେ ଯେଉଁଠି କୁହାଯାଇଛି -

'ଦଇବତ ! ତୋତେ ମୋତେ ଯା' ପାଞ୍ଚିଲା
କଂସ ଯେ ଦୂତ ପେଷିଛି ଗୋ !
ମୁହିଁ ଗଲେ ଜାଣ ତୁ ନିଶ୍ଚେ ମରିବୁ
ମୁହିଁ ଥିଲେ ତୁହି ଥିବୁ ଗୋ ରାଧିକେ !
ଦୋଷ କ୍ଷମା କର
ମୁଁ ତ ମେଲାଣି ମାଗି ଯାଉଛି ଗୋ !'

- ତଦ୍ ମନରେ ଏହି 'ମୁଁ' ହେଉଛନ୍ତି ସ୍ୱାଭିମାନ ସୂଚକେ ବ୍ରହ୍ମ ବିରହିତା ! ଯୋଗ ରାତିକ ତ୍ୟାଗୀ ପ୍ରତୀକ ।

ମାତ୍ର ଯେ' କାଳେ ଅନ୍ତର୍ନିହିତା ସ୍ୱାଭିମାନୋତ୍ପନ୍ନ 'ମୁଁ କାର' ପ୍ରତୀକ୍ଷାରତା ନୋହି ଅହଂକାର ଅଭିମାନ ଦୂତ 'ଅକ୍ରୂର ସତ୍ତା ସଂଗତା ସମ୍ମତା ପ୍ରତିଛବିରେ କ୍ଷଣସ୍ଥାୟୀ ହୋଇଉଠେ, ସେ ବେଳେ ଅଦ୍ଭୁତ 'ମ କାର ସରଣୀ' ଉଦ୍ଭାସିତ । ହିରଣ୍ୟଗର୍ଭର ଏହି ଜଟିଳ ସୂକ୍ଷ୍ମତାକୁ ସହଜରେ କେହି ଧରିପାରନ୍ତି ନାହିଁ । ସକଳ -ବିଗତ ବିଶେଷତା ଏହି ଠାବରେ ବାରମ୍ବାର ଉଦୟାସ୍ତ ହେଉଛନ୍ତି । ଅଚଳ ସମ୍ଭାବନା ରୀତିକ ଚଞ୍ଚଳ ମହାକାଳ ଚଢ଼ି ଚାଲିଯାଉଛନ୍ତି । ଗୋ-ଦୋହନରତା କେଶବରାତନୁ ଅକ୍ରୂର ଦର୍ଶନରେ ହିଁ ଚତୁର୍ଦ୍ଧାମୁରତୀ ।

ଧନ୍ୟରେ ଅକ୍ରୂର । ଧନ୍ୟ ତୋର ପ୍ରାରବ୍ଧ । ଗୋଲକ ଗିରିପଥରେ 'ଅର୍ଦ୍ଧ ବିଦଗ୍ଧା ପ୍ରାଣ ଚାତକୀ ମୁଖରେ ବାରି ବର୍ଷଣ' କେବଳ ହିଁ ତୁମର ପରାର୍ଦ୍ଧ ବିସ୍ମୟ କୃତୀର କ୍ରମ ପରିଣାମ । ସେଇଥି ପାଇଁ ଯେ' ରଥୀ, ତାହାଙ୍କ ରଥରେ ବାହକ ପୁଣି ତମେ । ତମ ରଥର ଯାତ୍ରାପଥ ପୁଣି ମଥୁରାରୁ ଗୋପ, ଗୋପରୁ ମଥୁରା ।

''ଚଉରେ ଚାରତା ତବ
ମହାଶୂନ୍ୟ ପଥେ - ପ୍ରଭଞ୍ଜନେ -
ଚରୁ, ଚେର ବିତା ବାୟବୀୟେ-ବ୍ୟଞ୍ଜନ ବଳୟେ -
ଯଥାପୂର୍ଣ୍ଣ କାମ ଏତା' ନୀଳାଞ୍ଜନାଙ୍ଗନେ -
ସଦ୍ୟ ପାକେ' ବାରିଦା ଉଦ୍‌ଗମେ ?
ପରକ୍ଷିତେ ପୟଭରା ତମ ତମସାରେ
ଜରିତେ ଯମୁନେ କି' ତା ସଦା ଉଚ୍ଛୁଳିତା !
ଅର୍ଦ୍ଧାକାଶ, ପରିଣତି ଚକ୍‌କିତା ସଗୁଣେ
ଚପଳ ଚଳତ୍ ବତ ବିଦ୍ୟୁତ ବିଭବେ
ଝଙ୍କାରେ ବା ଯା' ନୀଳାଚଳିଆ
ଚମତ୍କାରେ ମହାବାଳ କାଳେ କିଉଳିଆ
ଦରିଦ୍ରତା 'ହରୀଦ୍ରା କରିଆ'
ମରମେ-ଚରମେ-
ଜୟଗାନେ-'**ଜରିଆ କୁଳିଆ**' ।

-ସାଧାରଣ ଜଗତରେ ଅସାଧାରଣ ତୁମେ ହିଁ ବିସ୍ମୟ । ତେଣୁ ତୁମେହିଁ ମହାରଥୀ । ତୁମକୁ ପୁନଃ ପ୍ରଣାମ ।

'ମକାର' ବାହିତେ 'ଥୁକାର' ପଦ୍ଧତିରେ 'ର' ଅର୍ଥାତ୍ ଅଗ୍ନିବିଜ ଯେ' ଠାରୁ ପ୍ରକ୍ଷେପଣେ-ଆକାର ସିଦ୍ଧର୍ଥେ ଅଭିପ୍ରେତ, ତାହାହିଁ ମଥୁରା ନଗରୀ ।

'ଗୋପପୁର ବୋଲି ଦେହଟିକୁ କହି
ମଥୁରା ପୁରଟି ଶୂନ୍ୟ ଗୋ !
ଶୂନ୍ୟରୁ ଆସିଣ ଗୋପରେ ବଢ଼ିଲା
ଲୀଳା ସାରି ଯାଉଅଛି ଗୋ !
ରାଧିକେ ! ଦୋଷ କ୍ଷମା କର
ମୁଁ ତ ମେଲାଣି ମାଗି ଯାଉଛି ଗୋ ।'

ଶୂନ୍ୟୋଦ୍‌ଭବ ପୁରୁଷ ମହାନ୍ ଅଙ୍ଗଦେଶରେ ଅବତୀର୍ଣ୍ଣ ହୋଇ ଲୀଳା ରଚନା କରିବାରେ ସଂଶୟ ବା' କାହିଁ ରହିବ ? ତେବେ ଅକ୍ରୁର ସହୋତ୍‌ପନ୍ନ ତାହାଙ୍କ ସ୍ୱଭାବ ନୀତି 'ନ' କାରାର୍ଥେ ସ୍ୱଭକ୍ତଜନଗଣେ 'କଲ୍ୟାଣ ଦେଲି ତୋତେ' କହି ସମ୍ବେଦନଶୀଳ, କରୁଣା ବିତରକ, ଦୟାବନ୍ତ ଠାକୁର ପଣକୁ ବିଭୂଷିତ, ପୁଣି ଅକାରାର୍ଥେ ବିଶ୍ୱମାନ୍ୟତା ମୁଣା ଗୁଣାଧାର ଗୀତିରେ ଅବାରଣୀୟ ହେତୁ ତତ୍ ବରଣେ ପ୍ରତି ପୁନଃ ମୁନରୀତି ବତ୍ ଅତିକ୍ରୁର, ଅଗ୍ରୀବୀଜ କର୍ମ ପଦ୍ଧତି ସଂକଳିତ ସମ୍ବଳିତ ସଂସ୍କୃତି ରକ୍ଷକ, ଅନୁଶାସକ ନିଗମ ବ୍ରହ୍ମଦୂତ, ଯାଜକ ଯୁଗ୍ମଦେ କଳି କଳପିତା ଯୁଗରୀତିକି, ମାୟା କଳୁଷତା ଭୋଗ ଗତିକି ବର୍ଣ୍ଣଶଙ୍କର ଯୁଗୀୟ ବଳୟ ଗ୍ରାସରେ ଦଣ୍ଡାୟମାନ ଖଣ୍ଡାୟତଧର୍ମା ଭୁଜବଳା ଭସ୍ମକେଶବ । ତହିଁକି ସେ ଗରବଗଞ୍ଜନ ବାନା ବହିଛନ୍ତି ବୋଲି ହୁରି ପଡ଼ିଛି ।

ପ୍ରତ୍ୟୟମାନ ଜଗନ୍ନାଥ ଅବୟବେ ବିରୋଧାଭାଷ ପ୍ରତୀୟମାନ ହୁଅଇ । ଯେଉଁଥିପାଇଁ 'ସେ' 'ଏହା' ବା 'ତାହା' ନୁହଁନ୍ତି । ପୁଣି ସବୁ ସେ । ଯେପରି ଭାବ, ସେପରି ଅଛନ୍ତି, ଅଟନ୍ତି ମଧ୍ୟ । ସ୍ୱତଃ ସର୍ବଶକ୍ତିମାନ ଦୃଷ୍ଟେ ଚକାଆଖି ସବୁ ଦେଖୁଛି, ଅପଲକା ବିଭାବରୁ କୌଣସିଟି ବାଦ ପଡୁନାହିଁ, ପୁଣି ଖଣ୍ଡିଆ,କୋଡ଼ିଆ, କୋଷ୍ଟକାଠିନ୍ୟ, ବୃଦ୍ଧଭୂତତନୁବତ୍ ତହିଁରେ ଅଦ୍ଭୁତ ଭାବ ବିସ୍ମୟତା ଉପେକ୍ଷିତ, ଯଦ୍ୱାରା କଳି କଳ୍ମଷ ଗତିରେ ତାଇ କି ଅବା ସେହି ପ୍ରାୟ ନିରୂପାୟତା ବିଲକ୍ଷଣେ ବୁଝା ପଡ଼ଇ । ମାତ୍ର ମୁଁ ସେଇ ଜଗନ୍ନାଥ ଅଣାକାର ଅର୍ଥାତ୍ ସ୍ୱରାଦ୍ୟଭାଗୀ 'ଅ'ର ଅବିଚ୍ଛେଦ୍ୟ ବୋଲି ଭାବନା ସିଦ୍ଧାନ୍ତରେ ସଦ୍ୟ ଅମୃତ ଭରି ରହିଛି । 'ମୁଁ' ତାର ବା ସେହି ସ୍ୱରର ଝଙ୍କାର, 'ମୁଁ' କହୁନାହିଁ ବରଂ ସେ କହୁଛନ୍ତି ବୋଲି ମଣିବା ଯୋଗପ୍ରାପ୍ତିର ସର୍ବୋତ୍‌କୃଷ୍ଟ ଚିତ୍ତବୃତ୍ତି ନିରୋଧ ପ୍ରତିରୋଧ ନା ବିକାଶ । ତଦ୍‌ଭିନ୍ନ ଅନ୍ୟ ଯେକୌଣସି ଠାଣିରେ ପଠାଣତା ବିନାଶର ଲକ୍ଷଣ ।

ସଗୁଣାଧାରେ ତନୁ ସହଜବନ୍ତ ଓ ତନୁଭାବ ଜଟିଳ, ମାତ୍ର ନିର୍ଗୁଣାଧାରେ ଭାବସହଜ ଓ ଭାବତନୁ ଜଟିଳ । ଜଗନ୍ନାଥ ତନୁବତ୍ ମାତ୍ର ତନୁ ନୁହଁନ୍ତି । ସେ' ହେଉଛନ୍ତି ଶୁଦ୍ଧ ଜ୍ୟୋତିଷ୍ମାନ ନିରଞ୍ଜନ । ହଳ ବା ଯୁଗଳ ଭାବରସରେ ସେ ବିହ୍ୱଳୀ । ବେଶ୍ୟା-ମତି-ବୃତ୍ତି-ମୀତ-ମତରେ ବଳରାମ ଭାବ ସମୁଦ୍ର ବେଳାଭୂମିରେ ସେ ପରିଲକ୍ଷିତ । ଆଧାର ଭାବପ୍ରବଣତଃ ପ୍ରାଣଶକ୍ତି ଆଧାରେ ପ୍ରଣବାୟିତେ ସେ ମନ୍ତ୍ରାଧୀନ; ଯଦିଓ ସେ ତଦୂର୍ଦ୍ଧ୍ୱ । ସକଳ ମନ୍ତ୍ରହିଁ ତାହାଙ୍କ ଆଗମନୀ ।

ଅପଲକ ନିରଞ୍ଜନ ଝଲକରା କଦବା ତୀବ୍ର ଝଟକେ ପରିଣାମ ହେଉଛନ୍ତି ତାନ ତରଙ୍ଗାୟିତ ସଗୁଣ । ମାତ୍ର - 'ଏଇ ଯେ' ହେଉଛନ୍ତି ସେଇ' - ତହିଁରେ ସେପରି ବିଭେଦ ଭ୍ରମାତ୍ମକ । ସଗୁଣତା ତାହାଙ୍କର ସ୍ୱୟଂ ବିଭୂତି ବିଶେଷ ।

କେଶବ କାରୀକାନୁକରଣୁଁ; ତଦାବ ଧାରଣେ ପର୍ଯ୍ୟାୟ ଭିତ୍ତିକ ନାମ ବିନ୍ୟାସ ଅବଶ୍ୟମ୍ଭାବୀ । ଭେଦ ପ୍ରଭେଦାଦି ତହିଁରେ ଲକ୍ଷଣୀୟ । କପାଳକା ଦୃଷ୍ଟେ ଯୁଗ ଲକ୍ଷଣ ସୂଚିତେ ଆଖି ହେଉଛନ୍ତି ସତ୍ୟ, କାନ ହେଉଛନ୍ତି ଦ୍ୱାପର । ନାକ ହେଉଛନ୍ତି ତ୍ରେତା,ପାଟି ହେଉଛନ୍ତି କଳି । **ଦ୍ୱାଦଶ ତିଳକ ବିଧିରେ ଲଲାଟ ସ୍ଥଳାଧିକାରୀ ଏହି କେଶବ । ଶବ୍ଦତତ୍ତ୍ୱ ସ୍ଥଳେ 'କ' ବୋଲନ୍ତେ ଜଳହିଁ ବୁଝାପଡ଼ିଥାଏ । ଏକାକ୍ଷରୀ ବ୍ୟଞ୍ଜନ 'କ' ର ସପ୍ତମୀ ଏକବଚନେ ପରିଶେଷତଃ 'କେ' । 'ଶ' ହେଉଛନ୍ତି ତାଲବ୍ୟ ବର୍ଣ୍ଣ ସଂଯୁକ୍ତ ଏକାକ୍ଷର ବ୍ୟଞ୍ଜନା । ତାଳୁରେ ଏହାଙ୍କ ନିବାସ । 'ବ' ବୋଲନ୍ତେ ବୃହଦାର୍ଥେ -ବିଷ୍ଣୁ /ବ୍ରହ୍ମ ଅର୍ଥେ ବା ଜ୍ୟୋତି ଅର୍ଥେ ଅକାର ବ୍ୟଞ୍ଜକ । ପିଣ୍ଡଧର୍ମକୁ ନେଇ ସେ ତାଳତଃ ସହସ୍ରାରେ ଛନ୍ଦସିଦ୍ଧ କେଶର ପୁରୁଷ । ଅତଏବ 'କେଶବ'ର ମୌଳିକାର୍ଥ ହୁଅଇ ଜଳରେ ଶୟନରତ ବିଷ୍ଣୁ ବା ବ୍ରହ୍ମରୂପ । ସିନ୍ଧୁ ବା ଜଳମାନ୍ୟେ ସଂସାର ପ୍ରତିପାଦ୍ୟେ ବୁଝାପଡ଼ଇ ଯେ' ଏହାଙ୍କ ଚାରିପାଖେ ମାୟା ଅଛି । ସେ ପାଇଁ ଭ୍ରମତଃ ହେଉପଛେ,ସମୁଦ୍ରରେ 'ବଡ଼ବାନଳ' ଶବ୍ଦଭାବନା ଦୃଷ୍ଟି ଗୋଚର । ସ୍ୱର୍ଣ୍ଣକ୍ଷେତ୍ରରେ ସୁନାଖଣି ଥିବାର ବି ଶବ୍ଦ ପ୍ରମାଦ ଓ ତର୍କାଭାଷ । ଅଭାବୀ ଆର୍ତ୍ତିର ଆକର୍ଷଣ ହେତୁରେ ସ୍ୱତାଂନିତା ଚିନ୍ତାମଣି ସ୍ତୁତି କି ଚିତ୍ତ ଚାଞ୍ଚଲ୍ୟ । ଭକ୍ତି ଗହିରେ ତଥାପି ରଉରବ ଗରବ ଛିନ୍ନତା ପଥରେ ଗରିବୀ ନାଶନେ ଗଉରବ ହୁଅଇ ତାହାଙ୍କ ସାକାର ସଉରଭ ବ୍ରହ୍ମାନନ୍ଦ ସ୍ମୃତି ଶ୍ରୁତି ଅଭିଯାନ ।**

ସଗୁଣ ସ୍ୱରାଗମ କେଶବ ସ୍ୱୀୟ ସୂତ୍ରାଧାରେ ସଂଯୋଗା, ସ୍ୱର ବ୍ୟଞ୍ଜନେ ଗୁଞ୍ଜରିତା, ସୂକ୍ଷ୍ମ-ଅପୂର୍ବ ଧରାଧର ନିଗମ ବିନ୍ୟାସ । ତ୍ରିଗୁଣାତୀତ, ତ୍ରିତାପନାଶନେ ତରଙ୍ଗାୟିତ ଅନାଦିତତ୍ତ୍ୱକୁ ବାହି ଆଦିରେ ରୂପାନ୍ତର । 'କସ୍ତ୍ୱଂ' ପ୍ରଶ୍ନବାଚୀରେ ସ୍ୱଭାବତଃ ଅଙ୍କାରୋତ୍ତର ଦାୟୀ, ସୁବେଷିତେ ଉତ୍ତରୀୟବନ୍ତ । ଗୁପତରୁ ଗୁପତ । ହରିଜନ ଘରେ ପୂତ । ପ୍ରାଣ ଛାଡ଼ି ଯାଉଥିଲେ ବି,ପାଣି ପିଇବାର ବିକାର ଉପୁନ୍ନେ ଯହିଁ କି ଜନଜାଗରଣେ ଏ ହରିଜନ ଯୁଗରେ ବି ଅଧୁନା କାହିଁ କେଉଁଠାରେ ତଥାପି ବିରୋଧାଭାଷ, ତହିଁ କି ଅବା' ସେ ନିର୍ବିକାର ଯତୀନ୍ଦ୍ର । ସତେ କି କହି ପକାଉଛି 'ମୁଁ' ସ୍ୱର ବ୍ୟଞ୍ଜନରେ ଦେହୀ ଓ ଦେହର ଯୁଗଳ ଲବ୍ଧ ଅପୂର୍ବ ଏକକ । 'ଅ' କାର ଓ 'ନ'କାର ବିମଣ୍ଡିତେ ଅଚଳ ଅଗମ୍ୟ ପୁରୁଷୋତ୍ତମ । 'ଗମ୍' ଧାତୁ ଆଧାରିତେ ତହିଁ କି କ୍ରିୟାଶୀଳ । 'ଗ' ବ୍ୟକତରେ ଗୋବିନ୍ଦ,ଗୋପାଳ, ଗୋଲକରେ ତ, ପୁନଶ୍ଚ 'ମ' କ୍ଷରାଦିତ୍ୱେ ମୁକୁନ୍ଦ, ମାଧବ, ମଧୁସୂଦନ । ସମ୍ବୋଧନ ସିଦ୍ଧାନ୍ତେ 'ଗୋ' ପ୍ରତ୍ୟୟତଃ ଜୀବରୀତି କି ବହିତେ ବ୍ୟାକୁଳତାର ପରଷ, ଆଉ, 'ମ' ମହିମାବନ୍ତେ ଧଇର୍ଯ୍ୟ ଧାରଣୀ, ଖଡ଼୍‌ଗ କାରେଣୀ, ତହିଁକି ପଞ୍ଚମକାର ଉପାସନା ପୁରୁଷୋତ୍ତମ ସନ୍ନିକଟେ ବିଗ୍ରହମାନ୍ୟେ ପ୍ରତିଷ୍ଠିତ । ପଦ୍ଧତି ବା ଧାରା ମାନ୍ୟେ ଚାଇବି - କେଶବାନୁରତ । 'ମକାର' ଲବ୍ଧ ନୋହିଲେ ବିଗ୍ରହ ବିଭାବ ଆଦୌ ପରିଦୃଷ୍ଟ ହେବ ନାହିଁ । ତେଣୁ ଅହଂ ଅନୁତ୍ତମା ପୁରୁଷ ସଦାସର୍ବଦା ଅବତାରାଶ୍ରୟୀ ତଥା ଅବନୀ ମଣ୍ଡଳ ଧରି ମୁହୂର୍ତ୍ତାଶ୍ରିତ । ପଲକରତ । ନୀଳାଚଳନିବାସୀ ନିରାକାର ନିଷ୍ପଲକ ଜଗନ୍ନାଥରୁ ସେ ସ୍ୱୟଂ ନିଷ୍ପନ୍ନ । ତେବେ, ସ୍ୱଭାବ ସନ୍ତୁଳନେ ସେ, ନିଗମ ପଥଚାରୀ, ପରାଶ୍ରୟୀ, ତଥ୍ୟ ଅପ୍ରକଟେ ଶସ୍ୱତଃ ସ୍ତବ୍ଧ, ଶାସ୍ୱତଃ କାହିଁ କେଜାଣି ଯା' ଚାହିଁ ଏବା ନେତିଂନେତି ବାଦରେ ଗୁପ୍ତ । ମର୍ଯ୍ୟାଦା ଭାରବାହୀ । ଯୋଗଜାନୁରକ୍ତି ଭକ୍ତି ପ୍ରଗତି ଲବ୍ଧ ସତ୍ୟାର୍ଥ ପ୍ରକାଶକୁ ଚାହିଁ କ୍ଷୀରସାଗର ସ୍ଥିତିରୁ ନବ ଗୁଞ୍ଜରା ନଇ ଅନ ଜଳ୍ପେ, ନାନାଦରା ଦୃଷ୍ଟାନ୍ତ ଚଇଅନେ-କ୍ଷୀରସାଗର ଉଦ୍‌ବେଳନ୍ - ମଧୁକାମେ ମାନସ ମନ୍ଥନ ଅଙ୍କନାଶ୍ରୀତା, ପ୍ରୀତି କଣ୍ଠବୋଧନୀୟା, ପରାଶ୍ରୟା, ପ୍ରେମାନୁପମା ।

କେଶବାନୁସୃତ ପଥ ଅତ୍ୟନ୍ତ ଖସଡ଼ା, କାରଣ ଗୋଟିକ ପରେ ଗୋଟିଏ ଅବତାର ଏଠାରୁ ଖସି ପଳାଇଛନ୍ତି ତେବେ, 'ମୁଁ କିଏ ?' ର ଉତ୍ତର ପ୍ରସ୍ଥାନତ୍ରୟୀମାଶ୍ରିତ୍ୱେ ଆଦ୍ୟ ବ୍ୟଞ୍ଜନ ବାଦ୍ୟନାଦରେ କେଶବ ତତ୍ତ୍ୱରତେ ତତ୍ ସଂଯୋଗେ ମୂଳତଃ ତ୍ରିସ ଅକ୍ଷର ପରିଚୟେ ପ୍ରତିଭାଷିତ । 'କସ୍ତ୍ୱଂ' ପ୍ରତ୍ୟୁତ୍ତରେ 'ମୁଁ ଯୁକତେ ଆଦ୍ୟ ବ୍ୟଞ୍ଜନ ବର୍ଣ୍ଣକୁ ବାହି ସେ 'ମୁକ' । ତହିଁରେ ତାହାଙ୍କ ବ୍ୟାପକତା ବୋଧ । ବଚନ ତାହାଙ୍କ ପାଇଁ ସୀମିତ ବୋଲି ବ୍ୟବହାରତଃ ସେ ତହିଁର ଆଭାସ ଦିଅନ୍ତି । 'ସେ କେଉଁଠି ?'ର ପ୍ରତି ଅର୍ଥକୁ ବାହି 'ମୁଁ'ରେ ମିଶ୍ରିତ ସେହି ଦ୍ୱିତୀୟ ବ୍ୟଞ୍ଜନା । ତତ୍ ବିଭାବେ-ତାହା କାହିଁ ବା ସେ କାହାନ୍ତି ବୋଲନ୍ତେ ମୁଖ ଦେଶରେ । ତାହାଙ୍କ ଗୁରୁତ୍ୱ ପ୍ରତିପାଦନେ ତୃତୀୟ ବ୍ୟଞ୍ଜନାକ୍ଷର ସମାଯୁକ୍ତେ ସେ ହିଁ ତହିଁର । ହୁଏତ ଜଣାଇବାକୁ ଚାହାଁନ୍ତି ଯେ' ସେ ମୂଳବୀଜ । ସେହି ରୀତିକି ଶସ୍ୟବାଚକେ ସେ ଅର୍ଥାତ୍ 'ମୁଗ' । ଗୋପନ ସାକାର ଚରଣଶୂନ୍ୟ ଅକାର ଜଗନ୍ନାଥଙ୍କୁ ସୂକ୍ଷ୍ମତଃ ଆକାରେ ବାହି ଅବା' ଆଚରଣ ସିଦ୍ଧ ଓ ତହିଁରେ ସ୍ଥିତ ।

ଏଣୁ ଅନାଦି ତତ୍ତ୍ୱାଶ୍ରୟୀ କେଶବ, ଆଦି ତତ୍ତ୍ୱାଶ୍ରୟୀ କେଶବ ବିଭାବରେ ସ୍ୱଭାବତଃ, ସୂକ୍ଷ୍ମତଃ ବିକାଶଶୀଳ । ଏହା ବିନ୍ଦୁରେ ସିନ୍ଧୁ ଦର୍ଶନ ଭଳି । ଯୁଗାନୁକ୍ରମେ ଯୁଗପୁରୁଷ ଲକ୍ଷଣ ଏହି ବିନ୍ୟାସରେ ହିଁ ପ୍ରତିଫଳିତ । ଧକ୍କା ଲାଗିବା ମଧ୍ୟ ତହିଁର ଏକ ଧର୍ମ । ସ୍ୱରବ୍ୟଞ୍ଜନ ଭରା ସହଜ ସମ୍ମିଶ୍ରଣକୁ ସରଳ ସୂକ୍ଷ୍ମ ସୂତ୍ର କାଢ଼ି ପାରିଲେ ସେ ତହିଁର ଅଭ୍ରତାକୁ ଲଭି ବିରାଜମାନ କ୍ରମବର୍ଦ୍ଧିଷ୍ଣୁ, ଭାଗ୍ୟନିୟନ୍ତା ବୋଲି ଭକ୍ତ ଚକ୍ଷୁରେ ପ୍ରତୀୟମାନ ହୁଅନ୍ତି । ସାଧାରଣତଃ ସେପରି ବୋଧଗମ୍ୟ ନ ହେଲେ ବି କଦବା ତାହାଙ୍କୁ ଠଉରାଇବା ଭଳି ପରିବେଶ ପ୍ରକୃତି ହାସଲ କରିନିଏ । ଉଦାହରଣବଶତଃ ପୁରାଣ ଶାସ୍ତ୍ର ମତେ ସେ ଦିନର ପ୍ରତୀକ୍ଷାରତ ଅନୁଜଲକ୍ଷ୍ମଣ ଜାନକୀ ସ୍ୱୟଂବର ସଭାରେ ଜନକା ସନ୍ଦିଗ୍ଧ-ତାଣ୍ଡଲୋକ୍ତି ପରିବେଷ ପତ୍ରେ ପ୍ରତ୍ୟକ୍ଷ ପରିପୁରଣେ 'ପୃଥିବୀ କଣ ବୀରଶୂନ୍ୟ ହୋଇଗଲା କି' - ରେ ଆହତ ଆଶ୍ଚର୍ଯ୍ୟ ପ୍ରତିଭାଷ୍ୟେ ଅଗ୍ରଜାନୁମତି ଭିକ୍ଷାଭିଳାଷେ ଉଦ୍‌ଭାଷଣେ ଉଦ୍‌ଗାରି ଥିଲେ -

'କନ୍ଦୁକ ଇବ ବ୍ରହ୍ମାଣ୍ଡ ଉଠାଓ୍ୱା'

''ଆପଣ ଥାଉଁ ଥାଉଁ ହେ ଭ୍ରାତ ! ଏ ଜନକ ଏପରି କଣ କହୁଛନ୍ତି ? ଯଦି ଆପଣ ଅନୁମତିର ସମ୍ୟକ୍ ସୂଚନା ଦିଅନ୍ତି, ତେବେ ଧନ୍ୟୁଁ ତ ଧନ୍ୟୁଁ, ଆବର୍ତ୍ତମାନରେ -ଏବେ ସଭାଷଦ ସମ୍ମୁଖରେ ଏ ସଚରାଚର ବ୍ରହ୍ମାଣ୍ଡକୁ ପେଣ୍ଡୁବତ୍ ଉଠାଇ ଦେଖାଇ ଦିଅନ୍ତା ଆପଣଙ୍କ ଆଜ୍ଞାଧୀନ ଲକ୍ଷ୍ମଣ'' ।

ଏଭଳି ଉଦ୍‌ଭାଷଣ ଯାହାକୁ ନାଁ କାହାକୁ ଯେଉଁଠି ନାଁ କେଉଁଠି ବିଗତ ଘଟିତା କେଶବ ସନ୍ନିକଟ ସ୍ମୃତିରେ ସେ ଦିନରେ ବିଲୁଆ ବିଚାର ଭଳି ବୋଧ ହେବ ନାହିଁ କି ? ବିଷ୍ଣୁଲୀଳା ପଦ୍ଧତି ସନାତନାଚାରେ ଜଳ ସ୍ଥଳ ଆକାଶ ଭେଦି ତ୍ରିକୂଟ ରଞ୍ଜିତ । ରିପୂଧ୍ୱଂସୀ ପର୍ଯ୍ୟାୟକୁ ଧରି ଭାରତେ କମ୍ପିତ । ତେଣୁ ଟି ବା ଅଖଣ୍ଡ ଆର୍ଯ୍ୟାବର୍ତ୍ତ ଏ...

ଅକ୍ଷର ଚାଳନାରେ ଭାରତରେ ଅଣଚାଷ ଭେଦ ରହିଛି । ଲିପି ଲେପନେ ସ୍ୱତଃ ଶାସ୍ତ୍ରୀୟ ସତାନୁମୋଦନ ଦୃଷ୍ଟେଃ ଆତ୍ମ ଅଭିବ୍ୟକ୍ତି କି ନେଇ ବ୍ରହ୍ମ ବସନବନ୍ତ ହୁଅନ୍ତି । ସମୀର ହେଉଛନ୍ତି ଆତ୍ମାର ପୋଷାକ ଏବଂ ତଦ୍‌ଗତ ସାଧନା ପଥେ ସିଦ୍ଧି କାରଣେ ସିଡ଼ିବତ୍ ଉପକରଣ । ଯୋଗୀ ସମାଜ ପବନ ତୋଳି ପ୍ରାଣରକ୍ଷା କରନ୍ତି । ପ୍ରାଣବାୟୁ ଉଡ଼ିଗଲେ ଜୀବ ହଜିଗଲା ବୋଲି ହୁରି ପଡ଼ିଯାଏ ତାହାରି ଜରିଆରେ । ପବନ ସଂଖ୍ୟା ଅଣଚାଷ ରୀତିକି ଏହା ସ୍ୱୟଂ ବିଭୁସୃଷ୍ଟ ବୋଲି ବୁଝି ନେବାକୁ ହେବ । ମାତ୍ର ପାଶ୍ଚାତ୍ୟ ଇଂରାଜୀ ଭାଷା ବା ଲିପିରେ ପୁରୁଷାକାର ଦ୍ରଷ୍ଟବ୍ୟ ହୁଏତ ସେପରି ନାହିଁ । ପ୍ରଥମ ପୁରୁଷକୁ ବରି ଏମାନେ ଆତ୍ମସ୍ୱାର୍ଥୀ, ଭୋଗଲୀପ୍ସୁ । ତତପରେ ଏହାଙ୍କ ଚତୁଃପାର୍ଶ୍ୱ ସ୍ୱାର୍ଥ ସୁଯୋଗ ଲବ୍ଧ ପରିବେଶ ପରିଜନଙ୍କୁ ନେଇ ଦ୍ୱିତୀୟ ପୁରୁଷ । ଏତଦ୍‌ଭିନ୍ନ ଆଉ ଯିଏ ଯେତେ ଅଜଣା ଅଶୁଣା ବଳୟେ ରହିଲେ - ସେମାନେ ସବୁ 'ତୃତୀୟ ପୁରୁଷ' ଅନ୍ତର୍ଭୁକ୍ତ । ମାତ୍ର ଆମ ସଂସ୍କାର ଗତେ ତହିଁର ଅତି ବିପରୀତ ଗତି ଦୃଷ୍ଟେ ପରାର୍ଥେ - ଅହଂ ଭାବାପନ୍ନେ ପୁରୁଷ ତୃତୀୟ ମତ ଦତ୍ତା ସନ୍ନିବେଷିତ । ଅଧୁନା ସ୍ଥୁଳ ଭୂଗୋଳକ ଭରି ବହୁ ଚର୍ଚ୍ଚିତ, ପ୍ରମୁଖ ପାଶ୍ଚାତ୍ୟ ଇଂରାଜୀ ଭାଷା ପଶ୍ଚାତେ ସେହି ଭାବନା ବଳବତ୍ତର ଯାହା ପଚିଶ ପ୍ରକୃତି ଓ ମନ ସଂଯୋଗେ ତହିଁର ସଂବୋଧତା ଧରି ଛବିଶ ବାସ୍ତବତା ବିଧିରେ ତଦ୍‌ଲିପି ବର୍ଣ୍ଣିତା ଭାବବସ୍ତୁ ରାଇଜର ପ୍ରଦକ୍ଷିଣ କରେ । ମାତ୍ର ଆମ ଅକ୍ଷରବତ୍ ଶୁଦ୍ଧ ସମ୍ଭବ ସୂକ୍ଷ୍ମାତିସୂକ୍ଷ୍ମ ପ୍ରକ୍ରିୟା ବିନ୍ୟାସ ନିମିତ୍ତ ଭାଷା ସସୀମତା ଠାରୁ ଉର୍ଦ୍ଧ୍ୱକୁ ଉଠି ତୁଳନାତ୍ମକ ବ୍ୟାପକ ହୋଇପାରେ ନାହିଁ । ସେପାଇଁ ତାହାରେ ସଠିକତା ପାଏ ନାହିଁ । ପୁରୁଷ ମତ ତ୍ୟାଗର ମତ । ପ୍ରକୃତି ମତ ସ୍ୱାର୍ଥାନ୍ଧ ଭୋଗମତ । 'ସାଂଖ୍ୟକାରୀକା' ଶାସ୍ତ୍ର ବିଭାବକୁ ଧରି ପୁରୁଷ ବିହୀନ ପ୍ରକୃତି ଅନ୍ଧ । ତେଣୁ ଏଇଠି ଯୁଗାନୁକ୍ରମେ ଲୀଳାର ଆବଶ୍ୟକ ଘଟେ । ପରିଶେଷତଃ, ଯେ' ପାଇଁ ତତ୍ ପରିପ୍ରକାଶେ ଭାବ ଯେଉଁଠି ଅସୀମ ହୋଇଉଠେ, ତେବେ ବି ଭାଷା ସେଠାକୁ ଯାଇପାରେ ନାହିଁ ।

''ଯୁଗକୁ ଯୁଗ ଏହିମତେ - ପରମାନନ୍ଦ ଏ ଭାରତେ ।''

ବିଭାବ ଆଦୌ ମିଥ୍ୟା ପରିଦୃଷ୍ଟ ହେବନାହିଁ କି ହୋଇନାହିଁ । ପ୍ରକୃତି-ପୁରୁଷ ଅର୍ଥାତ୍ ତ୍ୟାଗ ଓ ଭୋଗର ମଧ ଛନ୍ଦରେ ଜୀବ ସ୍ୱରୂପ ବତ୍ 'ନଗାବାହକା', 'ନୀଳନାୟକା' ର ମଧ୍ୟ ଭାଗରେ 'କ୍ଷୀରଶାୟକା' କେଶବ ବିଦ୍ୟମାନ । ଜୀବ-ପରମର ମୂଳାଧାର ଲୀଳାଛନ୍ଦ ଏଇଠି ସରଳ, ତରଳ, ସାର୍ବଭୌମ ଅର୍ଥାତ୍ ସର୍ବାନ୍ତକରଣେ ବିକାଶୋନ୍ମୁଖୀ । ଏ ପାଇଁ ସାଗର ସନ୍ନିକଟେ ନୀଳଗିରି ପ୍ରକାଶ ।"where & when the physics ends from there & then that metaphysics begins' - ନ୍ୟାୟରେ ଏଇଠି କ୍ଷୀରସିନ୍ଧୁର ବାସ୍ତବତାକୁ ଚାହିଁ ବିଶ୍ୱାସରେ ସିଦ୍ଧି । 'ବିଶ୍ୱାସେ ମିଳୟେ ହରି ତର୍କେ ବହୁ ଦୂର' ।

ଆମ ଜଗନ୍ନାଥ ସଂସ୍କୃତି କଳା ଓ କେଳା ଲକ୍ଷଣ ଉପରେ ଆଧାରିତ । ଲୀଳା ବେଳକୁ ପ୍ରକୃତି ଦଉଡ଼ି ଆସେ । ଯେପରି କେଳାକୁ କାଳ / ସାପ ମାଇଲେ କେଳୁଣୀ ହଳାହଳକୁ ମୁହଁରେ ଶୋଷି ସାଷ୍ଟମ କରାଇଥାଏ, ତାଙ୍କି ନୀଳାଚଳ ଶ୍ରୀକ୍ଷେତ୍ରେ ବିଦିତେ ସଚଳ ଲକ୍ଷ୍ମୀ କଟକ, କେଶବ ଆହ୍ଲାଦନେ ପ୍ରକୃତିବନ୍ତ, ବପୁଷ୍ମାନ । ଏପାଇଁ ଯୁଗକର୍ମ ବିଧାନେ ସୃଷ୍ଟିତତ୍ତ୍ୱରେ ପହିଲି ଆହ୍ଲାଦର ଲୀଳାରସ ପ୍ରହରୀ ଭାବେ କୃତଯୁଗୀୟ ବାର୍ତ୍ତାବହନ ପୂର୍ବକ ପୁରାଣ ପୃଷ୍ଠା ବିମଣ୍ଡିତେ ପ୍ରହଲ୍ଲାଦ ଚରିତ୍ରର ଅବତାରଣା କରାଯାଇଛି ବୋଲି ବୁଝିବାକୁ ହେବ । ପରିଣାମତଃ ଆଦ୍ୟ ପ୍ରାନ୍ତ କ୍ରମରେ ଏଇଠି ଯୁଗାର୍ଥଭାବ ଦ୍ରଷ୍ଟବ୍ୟ । ଶ୍ରୀକେଶବଙ୍କର ଆଦ୍ୟ ଧରାବତରଣ ସଂଯୁତ ସମୀକ୍ଷା ଏହିପରି ।


ଭାରତୀୟସଂସ୍କାର ଗାଥା ବିଜ୍ଞାନଭିତ୍ତିକ ଅସାରତା ଅନୁଭବ କଲେ ମଧ୍ୟ ପ୍ରଜ୍ଞାନଭିତ୍ତିକ ଶିକ୍ଷା ନେଇ ଯଥାମତେ ପରିପୁଷ୍ଟ, ସଦାନୁ ସନ୍ଧାନେ ତତ୍‌ପରା ସଦାକାଳେ ଏହି ମହାକାଳ ଭୀତି କି ଆଧାର କରି ଉତ୍ସବତା ମୁଖର । ଯହିଁରେ ଅଛି, ଥିଲା, ରହିବାରେ ପ୍ରଚଳିତ ପଥ ଓ ପ୍ରଥା ଦେଇ ନିର୍ଦ୍ଦିଷ୍ଟ ନୀତି । ଏଠାରେ ଭାବର ଉତ୍ପତ୍ତି ଓ ଭାବଗ୍ରାହୀ ଆବିଷ୍କୃତ । ତଥାକଥିତ ଭାଷାରେ ଧର୍ମ ଅଭିନାମ୍ନା ସକଳ ଧାରାମାନଙ୍କର ସମନ୍ୱୟ ସ୍ଥଳେ -ବିଶ୍ୱଭ୍ରାତୃତ୍ୱ ବିଦ୍ୟାମ୍ନା ଗତିକି ଏଇଠି ଆଶ୍ରୟ ଠଣା । ଯଦି କୁଳ ତହିଁ କି ଜାତି ବିକାରରୁ ଉର୍ଦ୍ଧ୍ୱରେ ରହନ୍ତି । ଜାତ ପ୍ରତ୍ୟୟରେ ବ୍ରହ୍ମ ସଂଜ୍ଞାତେ ଯେଉଁଠି ଉଦ୍‌ବେଳନ ସେଇଠି 'ବସୁଧୈବଃ କୁଟୁମ୍ବକମ୍' । ସକଳ ପ୍ରଯୁକ୍ତି କେବଳାନୁସରଣେ ଏଇଠି ଦୋଳାୟମାନ, ଅନ୍ୟଥା ଅଭିମାନ ଯୁକ୍ତେ ହତଦନ୍ତ । 'ମୋର' ବୋଲି କିଛି ନାହିଁ ଯଦି ବା ଅଛି, ତାହା ପୁଣି 'ନାରା' ସଂଯୋଗେ ପରିଦୃଶ୍ୟମାନ । ନାରାୟଣ ପୁରୁଷ ନାରାଚ ଧାରଣ କଲେ ବି, ଘୋର ଘୋଟିତ ଛ ରିପୁ ଘଟ ପରିବେଷ ମଧ୍ୟେ ଷଡ୍ ଭଗାସୀନେ, ସୁ ସାବଧାନେ ବେଦ, ବାଡ଼ ସାଧୁ ଆବେଷ୍ଟନୀରେ ରହି ତହିଁ କି ଅବଧାନ, ଅନ୍ୟଥା ନାରାଜ । ଚ, ଛ, ଜ କ୍ରମରେ ନାରା ସଂଯୋଗ ଭାବନେ ଏଠାରେ ଅପୂର୍ବ ସଂହତି । ମାୟା ମନୁଷ୍ୟେ ଜୀବ ଫର୍ଦ୍ଦରେ ପରମ ଏଇଠି ରାମରେ ରୂପାନ୍ତର ।

କେତେକ ଧାରାନୁଶୀଳନେ ପର୍ଯ୍ୟବେକ୍ଷଣ ପଦ୍ଧତିକୁ ନେଇ ଭିନ୍ନତାର ପ୍ରତିଫଳନ ଘଟେ । ଯାହା ସନାତନୀ ସଡ଼କରେ ତହିଁକି ଗତି ବିପରୀତେ ଅଭିନ୍ନ । ସନାତନ ଧାରା ବା ତହିଁର ପରଶରେ ଆଦ୍ୟ ପ୍ରାନ୍ତ ନିର୍ଣ୍ଣୟ ଅତ୍ୟନ୍ତ ରୁଚିକର । ତାଇ ଉଦ୍‌ବୋଧନେ-ତଦ୍‌ରୀତି ଚକ୍ରାକାର ସିଦ୍ଧ । 'ଇହ' ଚଟାଣରେ ଯାଉ ଯାଉ ଲକ୍ଷ୍ୟ ଭେଦ ବିନା ଏହା ସଇତାନୀ ମତିରେ ଅର୍ଦ୍ଧପଥରେ କେବେ ଆଉ କାହା ଭଳି ପଥ ହୁଡ଼ି ବସେ ନାହିଁ । ବରଂ ଚରମତାରେ ପୂର୍ବାପରକୁ ଜାବୋଡ଼ି ଧରିଥାଏ ଓ ମହାକାଳ ସାଥେ ସମାନ୍ତରାଳ ବ୍ୟାପକ, ତତ୍ତ୍ୱବୋଧନୀ ପରିକ୍ରମାରେ ଧରେ ମଧ୍ୟ । ମର୍ମତଃ ବା ପରମତଃ ଅନ୍ତର୍ନିହିତ ମାନ୍ୟତାକୁ ଗୋଟାଇବା ଉଦ୍ଦେଶ୍ୟରେ ତତ୍ ସମନ୍ୱୟ ବୋଧାଧାର ବିଭାବେ 'କିମାଶ୍ଚର୍ଯ୍ୟମ୍' ମନୀଷାରେ କିମ୍ଭୂତକିମାକାର ପଦ୍ଧତି ଭରା ନିରାକାର ପ୍ରଗତିର ଭାବ ରାଜି କି ସ୍ୱାଭିମାନତା ସହ ଉଦରସ୍ଥ କରାଇ ସ୍ୱାୟତ୍ତେ ମନୁ ଅନୁଶାସନାଧୀନ ସାଧନାରେ ସ୍ୱତନ୍ତ୍ର ଏକକ ପରମାଣୁ ଯୁଗୀୟ ସ୍ନେହ ସାଫଲ୍ୟ ଅର୍ଜନ କରିପାରିଛି । ସକଳ ଧାରାମାନେ 'ବାପରପୁଅ' ବା ଜନକନନ୍ଦନ ସଦୃଶ ହୋଇଥିବା ବେଳେ, ପ୍ରମୁଖ ସନାତନ ଧର୍ମ 'ଅଗ୍ରେ ଧାବତି ଧାବତି' - ମାନ୍ୟେ 'ପୁଅରବାପ' ବା ନନ୍ଦନନ୍ଦନ ପଦବୀକୁ ବାହି ସୃଷ୍ଟି ପ୍ରକ୍ରିୟାରେ ସକଳ ମର୍ମ ଜାଣିବା ସହିତ ସଚରାଚରେ ସେ କେଉଁଠି ବା 'କୋଽହଂ' ବିଭାବ ଜଣାଇବାକୁ ମଧ୍ୟ ବୋଧକ୍ଷମ ହୋଇପାରିଛି । 'ହିନ୍ଦୁ' ବିଭାବରେ 'ସିନ୍ଧୁ' ଓ 'ବିନ୍ଦୁ' ଉଭୟ ପରିସ୍ଫୁଟ । ବିନ୍ଦୁ ପଥରେ ସିନ୍ଧୁ କେବଳହିଁ ଏଇଠି ଉତ୍‌ଥଳିତ୍ ଯାହା, ଗୁରୁବାଦ, ନିଗମନିଶ୍ଚଳ ଧାରା ପ୍ରତିଫଳନ ଦୃଷ୍ଟିକି ପରିପାଳନବତ୍ ଶୃଙ୍ଖଳିତ । ଅପରମତେ - ପରମ ଏଇଠି ଛନ୍ଦପୁରୁଷ । ବ୍ୟାପକ ନିର୍ଗୁଣ ପୁରୁଷୋତ୍ତମ ଅବିନାଶୀ ଚରମ ପରଂବ୍ରହ୍ମ ପ୍ରେମତଃ ଏଇଠି ଧରାଦିଅନ୍ତି ଇନ୍ଦ୍ରଦ୍ୟୁମ୍ନଙ୍କ କାଠ ଅଡ଼ାରେ ।

- କ୍ରମଶଃ

୦୦୦

ହରିବି, ଗୁଣିବି, ଫେଡ଼ିବି ସବୁ ।
ମିଶାଇ ତାରିବି ଏ ମାୟା ଭବୁ ।।
କଳିକାଳେ କାମ ବଳ ହୋଇବ ପ୍ରବଳ ।
କାମକଳା ମତ୍ତ ହୋଇ ନାଶିବ ସକଳ ।।



ଯତ୍ରନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

''ଅରି ନାହିଁ ଯା'ର ସେହି ତ ନାରୀ ।
ନିଜେ ଜଳି ବାସ ଦିଏ ବିତରି ।।
ସେହି ମାତା ଭଗ୍ନୀ ଜାୟା ଓ କନ୍ୟା ।
ଯା'ହୃଦେ ପ୍ଲାବିତ ସ୍ନେହର ବନ୍ୟା ।।
ପୂଜ୍ୟା ସେ ନାରୀ ।
ପୁରୁଷ ଜୀବନେ ମମତା ଭରି ।।''

*(ମହାଭାରତୀୟ ସଂସ୍କୃତିର ସର୍ବଶ୍ରେଷ୍ଠ ଉପହାର : ନାରୀପୂଜା । ପୂଜ୍ୟାର ପୂଜାରେ ବ୍ୟତିକ୍ରମ ଜଲେ ସବଂଶେ ବିନାଶ ହୁଏ, ହୋଇଛି । ପୌରୁଷର ଅହଂକାରରେ ନାରୀ ନିର୍ଯ୍ୟାତନାର ପରିଣାମ ଭୟାବହ । ମାତୃଜାତିର ଉପଯୁକ୍ତ ବନ୍ଦନାରେ ଜାତୀୟ ଜୀବନ କଳୁଷମୁକ୍ତ ହୋଇ ପ୍ରଗତିଶୀଳ ହୋଇଥାଏ । ସେହି ମହନୀୟା ନାରୀମାନଙ୍କର ପୂଜା ନିମନ୍ତେ ''ଚରମ''ର ପ୍ରତ୍ୟେକ ପୁଷ୍ପର ପ୍ରତିଟି ପାଖୁଡ଼ାରେ ଆମର ଅର୍ଘ୍ୟ ନିବେଦନ --)*

ପଞ୍ଚମପୁଷ୍ପ : ତୃତୀୟ ପାଖୁଡ଼ା : ଦ୍ୱାବିଂଶ ସଂଖ୍ୟା ଅନୁଶ୍ରୁତିରୁ :

# ନାରୀଧର୍ମ

ଏ ତ ହେଉଛି ଏକ ନିର୍ଦ୍ଦିଷ୍ଟ ପରିବାର ମଧ୍ୟରେ ନାରୀର ଭୂମିକା । ଏଥରକ ବିଚାର କରାଯାଉ ବ୍ୟାପକ ଅର୍ଥରେ ଅଧୁନା ସମାଜରେ ନାରୀର ସ୍ଥିତି ଓ କର୍ତ୍ତବ୍ୟ । ଋଷି ଯୁଗରୁ ଅଦ୍ୟାବଧି ସନାତନ ସଂସ୍କୃତିର ପ୍ରତ୍ୟେକ ପରିବାରରେ ନାରୀ ମହାଲକ୍ଷ୍ମୀ ସ୍ୱରୂପା ବନ୍ଦନୀୟା, ସମ୍ମାନୀୟା ହୋଇ ରହିଥିଲା ଓ ସ୍ଥଳ ବିଶେଷରେ ରହିଅଛି । ନାରୀର ଉଚ୍ଛୃଙ୍ଖଳତାରେ ସମାଜର ଧ୍ୱଂସ । ଏହି ସତ୍ୟକୁ ମର୍ମେ ମର୍ମେ ଉପଲବ୍ଧି କରି ମହାମନୀଷିମାନେ ବୈଦିକ, ଗାନ୍ଧର୍ବ, ଗାଣପତ୍ୟ ଇତ୍ୟାଦି ବିଭିନ୍ନ ମତ ମାଧ୍ୟମରେ ଏକ ନାରୀ, ଏକପୁରୁଷର ଶୃଙ୍ଖଳାରେ ସମାଜ ରକ୍ଷା କରିବାର ଉଦ୍ଦେଶ୍ୟ ନେଇ ପବିତ୍ର ବିବାହ ଅନୁଷ୍ଠାନ ପ୍ରଚଳନ କରିଥିଲେ ଓ ସ୍ୱାମୀ, ସ୍ତ୍ରୀର ଅପୂର୍ବ ବନ୍ଧନ ସୂତ୍ରରେ ଯୌନ ଶୃଙ୍ଖଳା ରକ୍ଷା କରି ନାରୀର ମର୍ଯ୍ୟାଦା ଅତୁଟ ରଖିବାର ସ୍ୱପ୍ନ ଦେଖିଥିଲେ । କିନ୍ତୁ ବିଧିର ବିଡ଼ମ୍ବନାରେ ମର୍ଯ୍ୟାଦାପୁରୁଷମାନଙ୍କର ସେ ମହତ ଇଚ୍ଛା ଆଜି ସ୍ୱପ୍ନ ହୋଇଯାଇଛି । ନାରୀ ଆଜି ''ନାରୀ ସ୍ୱାଧୀନତା''ର

ଆହ୍ୱାନରେ ସମସ୍ତ ଶୃଙ୍ଖଳା ଭଙ୍ଗ କରି ଦେଇଛି । ନିଜର ସ୍ୱାର୍ଥ ପାଇଁ, ନିଜ କାମନାର ପୂର୍ତ୍ତି ପାଇଁ ନିଜେ ''ମୋହିନୀ'' ର ଭୂମିକାରେ ଅବତୀର୍ଣ୍ଣା ହେଉଛି । ମୁକୁଳିତ କେଶ, ଅର୍ଦ୍ଧବସ୍ତ୍ର ପରିହିତା ହୋଇ ନିଜର ଧ୍ୱଂସମୁଖୀ ଆଚରଣରେ ନିଜକୁ ସଜାଇ ପୁତ୍ରସମ ପୁରୁଷମାନଙ୍କୁ କବଳିତ କରୁଛି । କାମପ୍ରବଣତାରେ ବଶ ହୋଇ ପୁରୁଷ ଲମ୍ଫ ପ୍ରଦାନ କରିବା ପରେ ଅପରାଧୀର କାଠଗଡ଼ାରେ ତା'କୁ ଠିଆ କରାଇ ବିଚାରର ସମ୍ମୁଖୀନ କରାଉଛି ଓ ଦଣ୍ଡବିଧାନର ସୁବନ୍ଦୋବସ୍ତ କରାଉଛି । ପୁରୁଷ ମଧ୍ୟ ଭାବାବେଶ ହୋଇ ନିଜର ଚେତନା, ବିବେକ, ସଂଯମ ହରାଇ କାମାନଳରେ ପ୍ରବେଶ କରି ଅଗ୍ନିରେ ପତଙ୍ଗ ପଡ଼ି ଜଳିଗଲା ପରି ଧ୍ୱଂସ ହୋଇଯାଉଛି । ଜଣେ ନାରୀ ପାଇଁ ଏକାଧିକ ପୁରୁଷ ପରସ୍ପର ପରସ୍ପର ପ୍ରତି ଇର୍ଷାନ୍ୱିତ ହୋଇ ହତ୍ୟାକାଣ୍ଡ ଘଟାଇ ଚାଲିଛନ୍ତି । ସେହି ନାରୀ ପାଇଁ ଅର୍ଥର ସମସ୍ତ ଗନ୍ତାଘର ଖୋଲି ଦିଆଯାଉଛି । ଅଥଚ ସମାଜର ମଙ୍ଗଳ ପାଇଁ ଗୋଟିଏ ଟଙ୍କା ମଧ୍ୟ ଦେବାକୁ କେହି ରାଜି ହେଉନାହାନ୍ତି ।ଏଥିରୁ କ'ଣ ସ୍ପଷ୍ଟ ଭାବରେ ବୁଝି ହେଉନାହିଁ ଯେ, ସଂପ୍ରତି ନାରୀ କେଉଁ ଭୂମିକା ନେଇଛି । ତ୍ରେତୟା ଓ ଦ୍ୱାପର ଯୁଗର ଅଭିଶାପ ତଥା କଳିଯୁଗର ଧର୍ମକୁ ଲକ୍ଷ୍ୟ ରଖି ମହାପୁରୁଷ ଅଚ୍ୟୁତାନନ୍ଦ ଯେଉଁ ଭବିଷ୍ୟ ସୂଚନା ଦେଇଥିଲେ ତାହା ଆଜି ଅକ୍ଷରେ ଅକ୍ଷରେ ସତ୍ୟ ହୋଇଛି । ସେ ତାଙ୍କର ''ଶୂନ୍ୟସଂହିତା-ଷଡ଼ବିଂଶ ଅଧାୟରେ 'ମାଆ'ର ଏହି ଧ୍ୱଂସମୁଖୀ କରାଳରୂପକୁ ବିଚାରକୁ ନେଇ କିପରି ''ମୋହିନୀ'' ଫାଶରେ ଜୀବକୁ ଆବଦ୍ଧ କରିବ ତା'ର ସୂଚନା ଦେଇ କହିଥିଲେ ।

'' କିଛି ଦିନ ଅନ୍ତେ ଅଜ୍ଞାନ ଜଗତେ ଘୋଟିବ ଅନ୍ଧାର ପ୍ରାୟେ ।
କାମେ ହୋଇ ଭୋଳ ଜନନୀ କି କୋଳ କରିବେ ନିଜ ତନୟେ ।।
ଗୀତା ଭାଗବତ ପଠନେ ଆସକ୍ତ ଖେଦ ଉପୁଜିବ ମନେ ।
କାମ ଶାସ୍ତ୍ର ଜନେ ପଢ଼ିଣ ଅଜ୍ଞାନେ ରହିବେ ବେଶ୍ୟା ଭବନେ ।।''

ମହାପୁରୁଷ ତାଙ୍କର ''ତତ୍ତ୍ୱବୋଧନୀ'' ପ୍ରଥମ ଅଧାୟରେ ପୁନର୍ବାର ସୂଚନା ଦେଇଛନ୍ତି :

କନ୍ୟାକୁ ବିକ୍ରି କରିବେ ପିଅର । ବଦଳ କରି ହେବ ବିଭାଘର ।।
ମୂର୍ତ୍ତିବନ୍ତ ପୁଂସ ଦେଖିଲେ ନାରୀ । ସ୍ୱାମୀ ଛାଡ଼ି ପରସଂଗେ ବିହରି ।।
ବାହୁଟେକି ଦେଖାଇବେ ଯୌବନ । କାଢ଼ିବେ ଦୁକୂଳ ଦିଶିବ ସ୍ତନ ।।
ମାନ୍ୟ ଲୋକଙ୍କୁ ଦେଖିବେଟି ଯହିଁ । ଦାଣ୍ଡରେ ଚାଲିବେ ଛାତି ଫୁଲାଇ ।।
ଦୁହିତା ଦେଇ ପିତା ବିଭାହେବ । ଧନ୍ୟ କଳିଯୁଗ କଲା ଦଇବ ।।

ବର୍ତ୍ତମାନର ଏହି ଅବସ୍ଥାକୁ ସ୍ଥିର ଚିତ୍ତରେ ଅନୁଧ୍ୟାନ କଲେ ପ୍ରତ୍ୟେକ ଉପଲବ୍ଧି କରିପାରିବେ, ମାଆ' ମହାମାୟା, ନିଜେ ନାରୀ (ମାନବୀ) ଭୂମିକାରେ ଅବତୀର୍ଣ୍ଣା ହୋଇ ଅତି ଚତୁର ଭାବରେ ତ୍ରେତୟା ଓ ଦ୍ୱାପର ଯୁଗର ଅଭିଶାପକୁ କାର୍ଯ୍ୟରେ ପରିଣତ କରି ଚାଲିଛନ୍ତି । ଏଥିରୁ କାହାରି ନିସ୍ତାର ନାହିଁ । ଦିନେ ନା ଦିନେ ସମସ୍ତେ ସେହି ମୋହିନୀ ମାୟାରେ ବଶୀଭୂତ ହୋଇ ଦ୍ୱାପରରେ କୋକୁଆ ଦ୍ୱାରା ଯଦୁବଂଶ ନାଶ ହେବା ପରି ନାଶ ହେବେ । ତଥାପି ଉପାୟ ଅଛି । ଯଦି କେହି ନିସ୍ତାର ପାଇବା ପାଇଁ ଚାହେଁ ତେବେ ସେ ନିଶ୍ଚୟ ପାଇବ । ଏଥିରେ କୌଣସି ସନ୍ଦେହ ନାହିଁ । କ'ଣ ସେ ଉପାୟ ?

ଆଜି କାଳର ପ୍ରଭାବରେ ସିନା ନାରୀ ଧ୍ୱଂସକାରିଣୀ ଭୂମିକାରେ ଅଛି, କିନ୍ତୁ ତା ଶରୀର, ମନ, ହୃଦୟରୁ ମାତୃତ୍ୱ ନିର୍ବାପିତ ହୋଇନାହିଁ, ଧ୍ୱଂସ ହୋଇନାହିଁ । ତେଣୁ ସେ ଯେତେବେଳେ ତା'ର ମାୟାର ପ୍ରଭାବରେ ଗ୍ରାସ କରିବାକୁ

ଆସୁଅଛି, ସେତେବେଳେ 'ମାଆ' ବୋଲି ସମ୍ବୋଧନ କରି ନତମସ୍ତକ ହୋଇଗଲେ ସେ ନିଶ୍ଚୟ କଲ୍ୟାଣ କରିବ ଓ ସନ୍ତାନର ମମତାରେ କୋଳାଗ୍ରତ କରିବ । ଏ ସମ୍ପର୍କରେ ଅତୀତରେ ଅନେକ ଉଦାହରଣ ମଧ୍ୟ ଅଛି । ସ୍ୱାମୀ ବିବେକାନନ୍ଦ ଯେତେବେଳେ ଶ୍ରୀରାମକୃଷ୍ଣଙ୍କ ତତ୍ତ୍ୱାଦର୍ଶକୁ ପ୍ରଚାର ଓ ପ୍ରସାର କରିବାକୁ ଯାଉଥିଲେ, ସେତେବେଳେ କେତେକ ସମାଲୋଚକ ଜଣେ ବାରାଙ୍ଗନାକୁ ତାଙ୍କ ନିକଟକୁ ପ୍ରେରଣ କରିଥିଲେ । ବାରାଙ୍ଗନା ନିଜର କାମମୁଦ୍ରାରେ ବିବେକାନନ୍ଦଙ୍କୁ ଆକୃଷ୍ଟ କରିବା ସମୟରେ ସେ ତାକୁ ''ମାଆ'' ବୋଲି ସମ୍ବୋଧନ କରି ସେ କାର୍ଯ୍ୟରୁ ନିବୃତ୍ତ ହେବାକୁ ପରାମର୍ଶ ଦେଇଥିଲେ । ସେଠାରେ ବାରାଙ୍ଗନାଟିର ତାମସିକ ଆଚରଣ ହଠାତ୍ ଦମନ ହୋଇଯାଇ ମାତୃତ୍ୱର ସ୍ୱରୂପ ପ୍ରକାଶିତ ହୋଇଥିଲା ଓ ସେ ବିବେକାନନ୍ଦଙ୍କୁ 'ଗୁରୁ' ରୂପରେ ବରଣ କରି ଉପଯୁକ୍ତ ଶିଷ୍ୟାର ମର୍ଯ୍ୟାଦା କରିଥିଲା ।

ତେଣୁ ବର୍ତ୍ତମାନ କେବଳ ଶ୍ରୀଗୁରୁଙ୍କ ଶ୍ରୀପାଦକୁ ଲକ୍ଷ୍ୟ ରଖି ଗୁରୁପ୍ରଦତ୍ତ କର୍ମଧାରାକୁ ଅତି ଦୃଢ଼ଭାବରେ ପାଳନ କରି ନାରୀକୁ ଯଦି ବାସ୍ତବରେ କାୟ, ମନ, ବାକ୍ୟରେ ମାତୃତ୍ୱର ମର୍ଯ୍ୟାଦା ଦିଆଯାଏ, ତେବେ ଅଭିଶାପ ଖଣ୍ଡନ ନିଶ୍ଚୟ ହେବ । କାରଣ ସେ ଯାହା ହେଲେ ବି ''ମାଆ'' । ସନ୍ତାନର ଆକୁଳ କ୍ରନ୍ଦନ ସେ କଦାପି ସହ୍ୟ କରି ପାରିନାହିଁ, ପାରିବ ନାହିଁ । ତାକୁ ''ମାଆ'' ବୋଲି ଡାକି ଦେଲେ, ସେ ତା'ର ପ୍ରଳୟଙ୍କରୀ ରୂପ ପରିହାର କରି ଜନନୀ ରୂପରେ ନିଶ୍ଚୟ ଆବିର୍ଭୂତା ହେବ ଏଥିରେ କୌଣସି ସନ୍ଦେହ ନାହିଁ । ଯେତେବେଳେ ସେ କୃପାମୟୀ ହୋଇ ସନ୍ତାନ ଭାବରେ ଗ୍ରହଣ କରିନେବ, ସେତେବେଳେ ସମସ୍ତ ଅନ୍ଧକାର ନାଶ ହୋଇ ବିଦ୍ୟାଲୋକ ପ୍ରଜ୍ୱଳିତ ହେବ । ସେହି ମର୍ମରେ ମହାପୁରୁଷ ଅଚ୍ୟୁତ ତାଙ୍କର ''ତେରଜନ୍ମଶରଣ'' ତ୍ରିଂଶ ବୋଲିରେ ଶିଷ୍ୟ ରାମଦାସଙ୍କୁ ଦେଇଥିବା ଚେତନା ପ୍ରଣିଧାନ ଯୋଗ୍ୟ । ଯଥା :

'ସକଳ ପଦାର୍ଥ ବରଜି ପାରିଲେ
ମାୟା କର ପରିହର ।
ମାଆ ସେବିଥିଲେ ମାୟା ଛିଡ଼ିଯିବ
କହେ ଅଚ୍ୟୁତ ପାମର ।''

○○○

''ମାଆ ମାଆ ବୋଲି ମୁହଁରେ କହୁଛୁ
ଅନ୍ତରେ କାମର ନିଆଁ
ସେ ନିଆଁରେ ଦିନେ ପୋଡ଼ି ଯିବୁ ତୁହି
ସଜାଗ ହେଉନୁ କିଆଁ ?''

''ଧରଣୀମାତାର ଆଖିରୁ ଝରୁଛି
ହତାଶା ଲୋତକ ଧାର ।
ଆଉ କେତେଦିନ ଅବୁଝା ହୋଇତୁ
ଛଳକୁ କରିବୁ ସାର ?''

# ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି

*(ମନୁଷ୍ୟର ଜୀବନ ପର୍ଯ୍ୟାୟ ଅତି ବିଚିତ୍ର । ମାତୃଗର୍ଭରୁ ଜନ୍ମ ନେବା ସମୟରୁ ଭୂଇଁ ଗର୍ଭରେ ବିଶ୍ରାମ ନେବା ପର୍ଯ୍ୟନ୍ତ ଅନେକ ସଫଳତା, ବିଫଳତାର ସ୍ରୋତରେ ତା'ର ଜୀବନ ଚକ୍ର ଘୂର୍ଣ୍ଣିତ ହୋଇଥାଏ । ତେବେ ଶୈଶବରୁ ଯେଉଁ ଶୃଙ୍ଖଳା, ଧାରାରେ ତା'ର ଚରିତ୍ର, ସ୍ୱଭାବ, ଗଠନ ହୋଇଥାଏ ତାହାହିଁ ପ୍ରତିଫଳିତ ହୋଇଥାଏ ତା'ର ଭବିଷ୍ୟତ କର୍ମ ପ୍ରବାହରେ ଏବଂ ଜୀବନର ସଫଳତା ଓ ବିଫଳତା ନିର୍ଭର କରିଥାଏ ସେହି କର୍ମ ଫଳ ଉପରେ । ତେଣୁ ବାଲ୍ୟ ସମୟହିଁ ଭବିଷ୍ୟତ ଜୀବନର ଭିତ୍ତିଭୂମି । ଠାକୁରେ ସେହି ତତ୍ତ୍ୱକୁ ବିଚାରକୁ ନେଇ ଚପଳମତି କିଶୋର / କିଶୋରୀମାନଙ୍କୁ ଭବିଷ୍ୟତର ସଫଳତାର ଶୀର୍ଷରେ ପହଞ୍ଚାଇବାର ଲକ୍ଷ୍ୟ ରଖି ଏହି ସ୍ତମ୍ଭରେ ଧାରାବାହିକ ଭାବରେ କେତେଜଣ ମହାପୁରୁଷଙ୍କର ବାଲ୍ୟଜୀବନଠାରୁ ଦୁର୍ଲଭ ପ୍ରାପ୍ତି ପର୍ଯ୍ୟନ୍ତ ଅମରଗାଥାକୁ ପ୍ରକାଶ କରାଇବାର ଆଶୀର୍ବାଦ ପ୍ରଦାନ କରିଛନ୍ତି ।)*

**ପଞ୍ଚମପୁଷ୍ପ : ତୃତୀୟ ପାଖୁଡ଼ା : ଦ୍ୱାବିଂଶ ସଂଖ୍ୟା ଉତ୍ତାରୁ....**

## ମୂର୍ତ୍ତି ନିର୍ମାତାରୁ ମୂର୍ତ୍ତିମନ୍ତ

ଦିନ ପରେ ଦିନ ବିତିଯାଏ । ନିବାରଣଙ୍କ ଆଚରଣରେ ଅସାମାଜିକତାର ସ୍ପଷ୍ଟ ଚିତ୍ର ଫୁଟି ଉଠୁଥାଏ । କ୍ରମଶଃ ମୂର୍ତ୍ତି ନିର୍ମାଣର କାର୍ଯ୍ୟ ମଧ୍ୟ ପରିତ୍ୟାଗ କଲେ । ଯେଉଁଠି ବସିଲେ ସ୍ଥାଣୁ ହୋଇଗଲେ । ଯିଏ ଯାହା ପ୍ରଶ୍ନ କଲେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ । ଖାଇବା, ଶୋଇବା କେଉଁଟି ବି ଶୃଙ୍ଖଳିତ ନାହିଁ । ମନ ହେଲେ ଖାଇଲେ, ନଚେତ୍ ନାହିଁ । ଯେଉଁଠାରେ ହରିନାମ ସଂକୀର୍ତ୍ତନ ହେଲା, ଶୟନ, ଭୋଜନ ପରିହାର କରି ପାଗଳ ହୋଇ ସେହି ସ୍ଥାନକୁ ଛୁଟି ଯାଆନ୍ତି ଓ ନାମ ପ୍ରେମରେ ଆତ୍ମ ବିସ୍ମୃତ ହୋଇ ଯାଆନ୍ତି । ସାଧୁମାନଙ୍କୁ ଅନୁସରଣ କରି ଅନେକ ଦିନ ଗୃହରେ ଅନୁପସ୍ଥିତ ରୁହନ୍ତି ।

ବିଭିନ୍ନ ପର୍ଯ୍ୟାୟରେ ପ୍ରଭୁଙ୍କର ଅନେକ ଅହେତୁକ ଓ ଅଲୌକିକ ଲୀଳା ଘରେ ସଂଘଟିତ ହେବା ପରେ ମଧ୍ୟ ପରିବାରରେ କାହାରି କୌଣସି ପରିବର୍ତ୍ତନ ହେଲା ନାହିଁ । ଆଧ୍ୟାତ୍ମିକ ଚେତନା ଉଦ୍ରେକ ହେବା ପରିବର୍ତ୍ତେ ଘରର ଆର୍ଥିକ ସ୍ଥିତି ପାଇଁ ସେମାନେ ବାରମ୍ବାର ନିବାରଣଙ୍କୁ ଲାଞ୍ଛିତ, ଅପମାନିତ କଲେ । ପରିଣାମରେ ନିବାରଣଙ୍କ ମନରୁ ପରିବାର ପ୍ରତି ମୋହ ତୁଟି ଆସିଲା । ସେ ଉପଲବ୍ଧି କଲେ, ଏ ସଂସାର / ପରିବାର ସଂପୂର୍ଣ୍ଣ ସ୍ୱାର୍ଥପର । ନିଜର ପାର୍ଥିବ ସୁଖରେ ସାମାନ୍ୟ ବାଧା ଆସିଲେ, ଏମାନେ କାହାରି ନୁହଁନ୍ତି । ଯେ ପର୍ଯ୍ୟନ୍ତ କୌଣସି ଅସୁବିଧା ନ ଥିବ, ସେ ପର୍ଯ୍ୟନ୍ତ ସବୁ ନିଜର । ସାମାନ୍ୟ ବ୍ୟତିକ୍ରମ ହେଲେ ସବୁ ପର । ଏ ସ୍ୱାର୍ଥାନ୍ଧ ଦୁନିଆରେ ଜଡ଼ି ରହିଲେ ବିଭୂପ୍ରତି ଭାବରେ ଅଭାବ ଦେଖାଦେବ । ଏହି ଭାବନା ଧୀରେ ଧୀରେ ଘନୀଭୂତ ହେବାରୁ ମନରେ ବୈରାଗ୍ୟ ସୃଷ୍ଟି ହେଲା । ହଠାତ୍ ଦିନେ ପରିବାରର ଅଗୋଚରରେ ଗୃହତ୍ୟାଗ କରି ଚାଲିଗଲେ ସେ ।

ଏହିଠାରୁ ଆରମ୍ଭ ହେଲା ନିବାରଣଙ୍କର କଠୋର ସାଧନ । ମୁଖରେ ପ୍ରଭୁଙ୍କର ନାମ, ଅନ୍ତରରେ ପ୍ରଭୁଙ୍କ ପ୍ରତି ପ୍ରେମର ଭାବ ଓ ମନରେ ତାଙ୍କୁ ପାଇବାର ଦୃଢ଼ ଆକାଂକ୍ଷା ନେଇ ଦ୍ୱାର ଦ୍ୱାର, ଗ୍ରାମ ପରେ ଗ୍ରାମ ବୁଲିବାକୁ

ଲାଗିଲେ । ଗୃହତ୍ୟାଗ କରି ସନ୍ନ୍ୟାସୀ ହୋଇ ବୁଲୁଥିବାରୁ ସମାଜ ତାଙ୍କୁ ଭିନ୍ନ ଦୃଷ୍ଟିରେ ବିଚାରକୁ ନେଲା । ଜଣେ ପଳାତକର ସଂଜ୍ଞା ଦେଇ ତାଙ୍କୁ ଲୋକମାନେ ପରିହାର କଲେ ଓ ଘୃଣାକଲେ । ଯେତେବେଳେ ଆତ୍ମବିଭୋର ହୋଇ ଉଚ୍ଚାଙ୍ଗ କଣ୍ଠରେ ନାମ ସଂକୀର୍ତ୍ତନ କରି ଚଲାପଥରେ ସମାଧିସ୍ଥ ହୋଇଯାଆନ୍ତି, ସେତେବେଳେ ଲୋକେ ଥଟ୍ଟା କରି ପ୍ରହାର ମଧ୍ୟ କରନ୍ତି । ଏହାପରେ ମନରେ ଚିନ୍ତା ଆସିଲା, ଏ ସମାଜ ପ୍ରଭୁଙ୍କ ନାମ ଶୁଣିବାକୁ ରାଜି ନୁହେଁ । ଉଚ୍ଚସ୍ୱରରେ ନାମ କଲେ ତାଙ୍କ ପବିତ୍ର ନାମର ଅସମ୍ମାନ ହେଉଛି । ଆଳାପ, ଆଲୋଚନା ଅବା କାହା ସଂଗରେ କରିବେ ? ଯେଉଁ ବିଷୟବସ୍ତୁରେ ପ୍ରଭୁଙ୍କ ନାମ ନାହିଁ, ଲୀଳା ନାହିଁ, ଗୁଣ, କୀର୍ତ୍ତିର ବର୍ଣ୍ଣନା ନାହିଁ ସେ ଆଳାପ ତାଙ୍କ ପ୍ରତି ବିଷତୁଲ୍ୟ । ସୁତରାଂ ଆଳାପ ମଧ୍ୟ କରାଯାଇପାରିବ ନାହିଁ । ସମାଜରୁ ନିଃସଙ୍ଗ ହୋଇ କେବଳ ଇଷ୍ଟଙ୍କ ସଙ୍ଗରେ ବାସ କରିବାର କାମନା ଦୃଢ଼ରୁ ଦୃଢ଼ତର ହେଲା । ତେଣୁ ସଂପୂର୍ଣ୍ଣ ନୀରବ ରହିବାର ନିଷ୍ପତ୍ତି ନେଇ ମୌନବ୍ରତ ଅବଲମ୍ବନ କରି ଆଗେଇଗଲେ । ଖାଦ୍ୟ ହେଲା ପ୍ରଭୁଙ୍କ ନାମ,ନିଦ୍ରା ହେଲା ପ୍ରଭୁଙ୍କ ଚିନ୍ତା, ବିଶ୍ରାମ ହେଲା ସ୍ୱାମୀଙ୍କର ରୂପ କଳ୍ପନା । ଆହାର, ନିଦ୍ରା, ମୈଥୁନ ସମସ୍ତ ପରିହାର କରି କେତେବେଳେ ପଥପ୍ରାନ୍ତରେ ତ କେତେବେଳେ ବୃକ୍ଷଛାୟାରେ, ଆଉ କେତେବେଳେ ନଦୀ ପଠାରେ ତ କେତେବେଳେ ଘୋର ଶ୍ମଶାନରେ ସମୟ କଟିଗଲା । ଘର, ପରିବାର, ସମାଜ ଧୀରେ ଧୀରେ ବିସ୍ମରଣ ହେବାକୁ ଲାଗିଲା ।

ଭକ୍ତ ଯେତେ ଦୃଢ଼ ଓ ନିଷ୍ଠାରେ ଭଗବାନଙ୍କୁ ଡ଼ାକେ, ଭଗବାନ ପରୀକ୍ଷା ସୂତ୍ର ମାଧ୍ୟମରେ ତାଙ୍କୁ ଆହୁରି ଦୃଢ଼ ତଥା ଅପରାଜେୟ କରିଦିଅନ୍ତି । ନିବାରଣଙ୍କ ଧୈର୍ଯ୍ୟ, ନିଷ୍ଠା, ଭକ୍ତି ଓ ବ୍ୟାକୁଳତାକୁ ସିଦ୍ଧି ପ୍ରଦାନ କରି ତାଙ୍କୁ ଆହୁରି ନିକଟତର କରାଇବାକୁ ଦୟାନିଧି ପରୀକ୍ଷା ସୂତ୍ର ପ୍ରୟୋଗ କଲେ । ମୌନବ୍ରତ ଅବଲମ୍ବନ କରି ନିବାରଣ ନୀରବରେ ତାଙ୍କର ସମୟ ଅତିବାହିତ କରୁଥିଲେ । ତାଙ୍କୁ ଲୋକମାନେ ପରିହାସ କରି 'ମୌନୀ ବାବା' ବୋଲି ଡାକୁଥିଲେ । ଏକଦା ପଥପ୍ରାନ୍ତର ଏକ ବୃକ୍ଷତଳେ ନିବାରଣ ଏକାନ୍ତରେ ବସି ପ୍ରଭୁଙ୍କ ଚିନ୍ତା କରୁଥିଲେ । ଦଳେ ଉଦଭ୍ରାନ୍ତ ଯୁବକ ତାଙ୍କ ନିକଟକୁ ଆସି ତାଙ୍କର ନୀରବତା ଭଙ୍ଗ କରିବାକୁ ଅନେକ କୁଭାଷା ପ୍ରୟୋଗ କରି ବିଚଳିତ କରିବାକୁ ପ୍ରୟାସ କଲେ । ସେଥିରେ ବିଫଳ ହେବାରୁ ବିଷ୍ଠା ଓ ଗୋବର ଆଦି ଦୁର୍ଗନ୍ଧ ବସ୍ତୁ ତାଙ୍କ ଉପରକୁ ନିକ୍ଷେପ କଲେ । ତଥାପି ନିର୍ବାକ, ନିରୁତ୍ତର ସେ । ଅପୂର୍ବ ଆନନ୍ଦରେ ଉଦ୍‌ଭାସିତ ମୁଖମଣ୍ଡଳ ସତେ ଯେପରି କୌଣସି ଏକ ଅପରୂପ ସୌନ୍ଦର୍ଯ୍ୟରେ ବିଭୋର । ମୁଦ୍ରିତ ଚକ୍ଷୁଦ୍ୱୟ ସ୍ଥିର । ତେବେ ମଧ୍ୟ ବିଘ୍ନକାରୀ ଯୁବକମାନଙ୍କର ମନରେ ତୃପ୍ତି ଆସିଲା ନାହିଁ । ସେମାନେ ଏକତ୍ରିତ ହୋଇ ଅତି ନିର୍ଦ୍ଦୟ ଭାବରେ ପ୍ରହାର କରିବାକୁ ଲାଗିଲେ । ଅତିଶୟ ପ୍ରହାର ଓ ଧକ୍କାରେ ଶରୀରଟି ଟଳି ପଡ଼ିଲା । କିନ୍ତୁ ମୌନ ଭଙ୍ଗ ହେଲା ନାହିଁ । ଚକ୍ଷୁ ଉନ୍ମୀଳିତ କରି କେବଳ ଚାହିଁ ଦେଲେ ଓ ହସିଦେଲେ । ସେହି ନୀରବ ହସରେ ସେ ବୋଧହୁଏ କହୁଥିଲେ, **''ହେ ପଥଭ୍ରଷ୍ଟ ଯୁବକଗଣ ! କରୁଣାମୟ ଶ୍ରୀକୃଷ୍ଣଙ୍କ ଚିନ୍ତାରେ ଯେତେବେଳେ ମନ ନିମଗ୍ନ ହୋଇଯାଏ, ସେତେବେଳେ ଏ ଶରୀରର କୌଣସି ଗୁରୁତ୍ୱ ନ ଥାଏ । କାରଣ ପଞ୍ଚଭୂତର ଏ ଶରୀର କ୍ଷୟଶୀଳ । ଦିନେ ନା ଦିନେ ନଷ୍ଟ ହୋଇଯିବ । କିନ୍ତୁ ସଦାନନ୍ଦ, ପ୍ରେମମୟ ସେ ଯେଉଁ ଠାକୁର ତାଙ୍କର କ୍ଷୟ ନାହିଁ, ବିନାଶ ନାହିଁ । ସେ ଆନନ୍ଦର ସମାପ୍ତି ମଧ୍ୟ ନାହିଁ । ତେଣୁ ମନ ଯଦି ଥରେ ତାଙ୍କ ଶ୍ରୀପୟରରେ ଲାଗିଯାଏ, ତେବେ ସେ ମନ ଆଉ ଏ ପାର୍ଥିବ ଜଗତ, ମରଶରୀର ପ୍ରତି ମୋହାବିଷ୍ଟ ହୋଇପାରେନା । ତେଣୁ ରେ ବାଚାଳ ଗଣ ! ତୁମେମାନେ ମୋର ଶରୀରକୁ ଆଘାତ କରିଛ, କରୁଛ, କିନ୍ତୁ ମନପ୍ରାଣ ମୋର ଯେଉଁ ସୁରକ୍ଷା ବଳୟ ମଧ୍ୟରେ ରହିଛି, ତୁମରି ଆଘାତ ସେ ସ୍ଥାନରେ ପହଞ୍ଚି ପାରିବ ନାହିଁ ।''** ଅନେକ ଚେଷ୍ଟା କରି ବିଫଳ ହେବାପରେ ଯୁବକମାନେ ଫେରି ଯାଇଛନ୍ତି । ନିବାରଣ କିନ୍ତୁ ତାଙ୍କ ମୌନବ୍ରତରେ ଅବିଚଳିତ ରହି ଲକ୍ଷ୍ୟପଥରେ ଅଗ୍ରସର ହୋଇଛନ୍ତି ।

ଏହିପରି ଗୋଟିକ ପରେ ଗୋଟିଏ ଘାତ, ପ୍ରତିଘାତ ସହ୍ୟ କରିଛି ତାଙ୍କର ନଶ୍ୱର ଶରୀର । ସେ ଶୋଇଥିବା ସମୟରେ ବିଷଧର ସର୍ପମାନେ ଆସି ତାଙ୍କ ଶରୀରକୁ ଏକ କାଷ୍ଠ ବା ପାଷାଣ ଭାବି ସେଥିରେ ଗୁଡ଼ାଇ ହୋଇ ବିଶ୍ରାମ ନେଇଛନ୍ତି । କିନ୍ତୁ ପ୍ରେମାସ୍ପଦଙ୍କର ଚିନ୍ତାରେ ବିଭୋର ନିବାରଣ କୌଣସି ବାହ୍ୟ ଉପଲବ୍ଧି କରି ପାରିନାହାନ୍ତି । ନିଜ ପରିବାରର ସଦସ୍ୟମାନେ ମଧ୍ୟ ଅକ୍ଲାନ୍ତ ଚେଷ୍ଟା କରିଛନ୍ତି ତାଙ୍କୁ ପୁନରାୟ ଗୃହକୁ ଫେରାଇ ଆଣିବା ପାଇଁ । ମାତ୍ର ନିବାରଣ ସେମାନଙ୍କୁ ଚିହ୍ନି ମଧ୍ୟ ଚିହ୍ନି ପାରିନାହାନ୍ତି ବା ଫେରି ନାହାନ୍ତି ।

ପ୍ରଭୁଙ୍କ କୃପାରେ ସମାଜର ଘୃଣାଭାବ ଧୀରେ ଧୀରେ ମଉଳି ଯାଇଛି । ମାତ୍ର ଭକ୍ତି ଭାବରେ ନୁହେଁ, ଏକ ପାଗଳର ପରିଚୟରେ । ତେଣୁ ତାଙ୍କର ସାଧନ ପଥ ମଧ୍ୟ ନିଷ୍କଣ୍ଟକ ହୋଇଯାଇଛି । ଏହାପରେ ନିବାରଣ ତାଙ୍କର ତପକୁ ଆହୁରି ନିଷ୍ଠୁର ତଥା କଠୋର କରି ଦେଇଛନ୍ତି । ପୁଷ୍କରିଣୀର ଜଳାଧାରରେ ଅହରହ ବୁଡ଼ିରହି ତାଙ୍କ ତପ ଆଚରଣ କରିଛନ୍ତି । ଶରୀରରେ ଜଳଚର ପ୍ରାଣୀମାନେ ଯଥା :- ସର୍ପ, ଯୋକ,ବେଙ୍ଗ,ଗେଣ୍ଡା ଆଦି ବିଶ୍ରାମ ନେଇଛନ୍ତି । ତଥାପି ସେ ଅବିଚଳିତ ରହି ତାଙ୍କର ତପ ଆଚରଣ ନିରବଚ୍ଛିନ୍ନ ଭାବରେ କରି ଚାଲିଛନ୍ତି । ଦୀର୍ଘ ବାରବର୍ଷ ପର୍ଯ୍ୟନ୍ତ ଆହାର, ନିଦ୍ରା, ବିଶ୍ରାମ ତ୍ୟାଗ କରି ନିବାରଣ ଏହି କଠୋର ସାଧନ କରି ଚାଲିଥିଲେ ।

- କ୍ରମଶଃ -

ଠଠଠ

''ଭକତି ପଥେ ଦେଇ ମନ ।
ଭରତ ଭାବରେ ପ୍ରସନ୍ନ ।।
ଭାବ ଧର ତୁ ଟାଣ କରି ।
ଆଦେଶ, ଆଜ୍ଞାକୁ ଆବୋରି ।।''

''ବାଣୀ, ଆଦେଶ, ଠାଣି ଦେଖ ।
ଭକତି ଭାବକୁ ନିରେଖ ।।''

''ସରଳ ଭାବରେ ଚତୁର ।
ଜଟିଳ ପଣେ ଖରତର ।।''

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଅପ୍ରମେୟ ଓଜଃ ବୀର୍ଯ୍ୟର ଅଧିକାରୀ ଯୁବସମାଜ । ଯେବେ ଯଦି ବିଶ୍ୱ ଭ୍ରାତୃତ୍ୱ ମାଧ୍ୟମରେ ବିଶ୍ୱଶାନ୍ତି ପ୍ରତିଷ୍ଠିତ ହୁଏ, ତେବେ ତାହା ଏହି ବୀର୍ଯ୍ୟଶାଳୀ, ଶୌର୍ଯ୍ୟଶାଳୀ ଯୁବସମାଜର ନିଃସ୍ୱାର୍ଥପରତା ଦ୍ୱାରା ହିଁ ସମ୍ଭବ ହେବ । ସେହି ଯୁବ ସମ୍ପ୍ରଦାୟର ନୈତିକ ମୂଳଭିତ୍ତି ସୁଦୃଢ଼ କରିବା ଅଭିପ୍ରାୟରେ 'ଚରମ'ର ପ୍ରତ୍ୟେକ ସଂଖ୍ୟାରେ ନିୟମିତ ଭାବରେ 'ଉତ୍ତିଷ୍ଠତଃ ! ଜାଗ୍ରତଃ !!'' ସ୍ତମ୍ଭରେ ସୁନିର୍ବାଚିତ ଉପାଦେୟ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ବଳିତ ପ୍ରବନ୍ଧମାନ ପରିବେଷିତ ହୋଇଆସୁଅଛି । ଏ ସଂଖ୍ୟାରେ ଯୁବସମାଜକୁ ଆମର ଉପହାର ।*

*'ଚରମ' : ଦ୍ୱାବିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :*

## ପ୍ରେମ (୪)

ଜାଗତିକ ବା ସାଂସାରିକ ଜଗତରେ ବ୍ୟକ୍ତିର ବ୍ୟକ୍ତି ପ୍ରତି ପ୍ରେମର ନିଦର୍ଶନ ପ୍ରତିଫଳିତ ହୋଇଥାଏ । ସ୍ୱାମୀ ଓ ସ୍ତ୍ରୀ, ପିତା ବା ମାତା ସହିତ ପୁତ୍ର ବା କନ୍ୟା,ଭାଇଭାଇ, ଭାଇଭଉଣୀ ଇତ୍ୟାଦି ବିଭିନ୍ନ ପର୍ଯ୍ୟାୟ ଓ ପରିସର ମଧ୍ୟରେ ଏହି ପ୍ରେମର ସ୍ୱରୂପ ଦାମ୍ପତ୍ୟପ୍ରେମ, ବାତ୍ସଲ୍ୟପ୍ରେମ, ଭ୍ରାତୃପ୍ରେମ, ମାନବ ପ୍ରେମ ଆଦି ବିଭିନ୍ନ ରୂପରେ ପ୍ରକାଶମାନ । ଏତଦ୍‌ଭିନ୍ନ ସଗୁଣ ବ୍ରହ୍ମ ଉପାସନାରେ ଗୁରୁ ଏବଂ ଶିଷ୍ୟ ଏବଂ ନିର୍ଗୁଣ ବ୍ରହ୍ମ ଉପାସନାରେ ଭଗବାନ ଓ ଭକ୍ତ ମଧ୍ୟରେ ଏହି ପ୍ରେମ ଏକ ଦିବ୍ୟ ସ୍ୱରୂପ ଗ୍ରହଣ କରିଥାଏ । ଜାଗତିକ ପ୍ରେମର ଉର୍ଦ୍ଧ୍ୱରେ ବିଭୁପ୍ରେମ ବା ମହାଜାଗତିକ ପ୍ରେମ ସ୍ରୋତ ଚିରପ୍ରବହମାନ । ଏହି ବିଭୁପ୍ରେମ ବା ମହାଜାଗତିକ ପ୍ରେମୋପଲବ୍ଧି ନିମନ୍ତେ ପ୍ରେମସାଧନର ଆବଶ୍ୟକତା ଅବଶ୍ୟ ଅନସ୍ୱୀକାର୍ଯ୍ୟ ।

ପ୍ରେମସାଧନ ଦ୍ୱାରା ପ୍ରାଣ ସରସ ହୁଏ । ସାଧକର ପ୍ରାଣରେ ଉନ୍ମାଦନା ଆସେ । ପ୍ରେମ ସାଧନର ଆରମ୍ଭରେ ଆନନ୍ଦ, ମଧ୍ୟରେ ଆନନ୍ଦ ଓ ଶେଷରେ ମଧ୍ୟ ଆନନ୍ଦ ଅନୁଭୂତ ହୁଏ । ପ୍ରେମ ଆନନ୍ଦମୟ । ତେଣୁ ପ୍ରେମର ସାଧନ ମଧ୍ୟ ଆନନ୍ଦମୟ । ଆନନ୍ଦମୟ ବ୍ରହ୍ମଙ୍କର ସ୍ୱରୂପ କେବଳ ଆନନ୍ଦମୟ ପ୍ରେମରସରେ ବୁଡ଼ି ଯେପରି ଉପଲବ୍ଧ କରାଯାଇପାରେ, ସେପରି ଆଉ କୌଣସି ଉପାୟରେ କରାଯାଇପାରେ ନାହିଁ । ତେଣୁ ପ୍ରେମ ସାଧନା ଯେପରି ରସପୂର୍ଣ୍ଣ, ଅନ୍ୟ କୌଣସି ସାଧନା ସେପରି ସରସ ନୁହେଁ । ପ୍ରେମମାନେ ହିଁ ଅନୁରାଗ ଏବଂ ଅନୁରାଗ କହିଲେ ଭଲ ପାଇବାକୁ ହିଁ ବୁଝାଇ ଥାଏ । ପ୍ରଥମେ ଅନୁରାଗ, ଦ୍ୱିତୀୟରେ ଭଲପାଇବା । ଅନୁରାଗ ବା ଭଲପାଇବା ସ୍ୱାର୍ଥଗନ୍ଧଯୁକ୍ତ ହେଲେ ତାହା କାମ । ଉଦାହରଣ ସ୍ୱରୂପ : ବିଷୟାନୁରାଗ । ନିଜର ଭୋଗପାଇଁ କୌଣସି ବ୍ୟକ୍ତି ବା ବସ୍ତୁକୁ ଭଲପାଇବା ହିଁ କାମନାଯୁକ୍ତ ଭଲ ପାଇବା, ତାହା ସକାମ ଭଲ ପାଇବା । ଏହାହିଁ କାମ । କାମନା ବିହୀନ, ନିଃସ୍ୱାର୍ଥ ଅନୁରାଗ ବା ଭଲପାଇବାର ନାମ ପ୍ରେମ । କାମରେ ଭୋଗ ପିପାସା ବଳବତ୍ତର ଥିବାବେଳେ, ପ୍ରେମରେ ତ୍ୟାଗର ଗରିମା ପ୍ରକଟିତ ହୋଇଥାଏ । ପ୍ରେମାସ୍ପଦଙ୍କର ଚରଣପଙ୍କଜରେ ମନପ୍ରାଣ ଆଦି ସବୁ କିଛି ସମର୍ପି ଦେଇ ତାଙ୍କରି ସୁଖରେ ସୁଖୀ, ତାଙ୍କରି ଦୁଃଖରେ ଦୁଃଖୀ ହୋଇଯିବା ହିଁ ପ୍ରକୃତ ପ୍ରେମ ସାଧନା । ପ୍ରେମ ସାଧନାର ଭାବ ଓ ଭାଷା ହେଉଛି - ମୁଁ ମୋର ସୁଖ ଚାହେଁ ନାହିଁ, ମୋର ଶତ ଦୁଃଖ ହେଉ, ଶତ କଷ୍ଟ ହେଉ, ଶତ ଲାଞ୍ଛନା ହେଉ, ସେଥିରେ ଯଦି ତା'ର ସୁଖ ହୁଏ, ତେବେ ତାହାହିଁ ମୋର ଭଲ । ମୋର ସୁଖ କ'ଣ, ଦୁଃଖ ବା କ'ଣ ? ଏହିପରି ଭଲ ପାଇବାର ନାମ ପ୍ରେମ ।

କାମ ଓ ପ୍ରେମ ପରସ୍ପରର ସଂପୂର୍ଣ୍ଣ ବିପରୀତ । କାମ ପୂତିଗନ୍ଧଯୁକ୍ତ, ପ୍ରେମ ସ୍ୱଚ୍ଛ ଓ ନିର୍ମଳ । କାମ ନାରକୀୟ, ପ୍ରେମ ସ୍ୱର୍ଗୀୟ । କାମ ଲୋଡ଼େ ଭୋଗ, ପ୍ରେମ ଚାହେଁ ତ୍ୟାଗ । କାମ ସ୍ୱାର୍ଥପର, ପ୍ରେମ ସ୍ୱାର୍ଥହୀନ,

ନିଃସ୍ୱାର୍ଥପର । କାମ ପଶୁ, ପ୍ରେମ ଦେବତା, କାମ ଆବଦ୍ଧ କରେ, ପ୍ରେମ ମୁକ୍ତ କରେ । କାମର ତୃପ୍ତି ଭୋଗରେ, ପ୍ରେମର ତୃପ୍ତି ସଂଯମରେ, କାମର ପରିଣତି ଅନୁତାପ, ପ୍ରେମର ପରିଣତି ଶାନ୍ତି ଓ ଆନନ୍ଦ । କାମ ଚିତ୍ତବୃତ୍ତିକୁ ଦୂଷିତ କରେ, ପ୍ରେମ କରେ ପବିତ୍ର ଓ ସ୍ୱଚ୍ଛଳ । କାମ ଅପବିତ୍ର, ପ୍ରେମଶୁଦ୍ଧ, କାମ ବିଷ, ପ୍ରେମ ପିୟୁଷ । ପ୍ରେମ ମଣିଷ ହୃଦୟରାଜ୍ୟର ମନ୍ଦାକିନୀ, ପୂତ ସଲିଳା, ଅତୀବ ବିଶୁଦ୍ଧ । ପ୍ରେମ ଯାହା ସବୁ ସ୍ପର୍ଶ କରେ, ସେସବୁ ମୁହୂର୍ତ୍ତକ ମଧ୍ୟରେ ପବିତ୍ର ଓ ନିର୍ମଳ ହୋଇଯାଏ । ସକଳ ମାନସିକ ଓ ଶାରୀରିକ ରୋଗର ଉପଶମ ହୁଏ । ପ୍ରେମ ଶତ୍ରୁକୁ ମଧ୍ୟ ପରମ ମିତ୍ରରେ ପରିଣତ କରି ଦିଏ । ପ୍ରେମ ଦୁର୍ଜ୍ଜୟର ମନ ପ୍ରାଣ ହୃଦୟ ଜୟ କରେ, ଅସତ୍‌କୁ ସତ୍‌ପଥକୁ ଆଣେ । ପ୍ରେମ ପରଶମଣି; ଲୁହାକୁ ସ୍ପର୍ଶ କଲେ, ସୁନା କରିଦିଏ ।

ମଣିଷ ହୃଦୟର ଏହି ପ୍ରେମ ଯେତେବେଳେ ଭଗବାନଙ୍କ ପାଇଁ ପ୍ରସାରିତ ହୁଏ, ସେତେବେଳେ ତାହା ଭଗବତ୍ ପ୍ରେମ ବା ବିଭୁପ୍ରେମ ନାମରେ ଖ୍ୟାତ ହୁଏ । ପୁଣି ଏହା ଯେତେବେଳେ ବିଶ୍ୱମୟ ଭଗବାନଙ୍କର ସତ୍ତା ଉପଲବ୍ଧି କରି, ବିଶ୍ୱପ୍ରାଣରେ ବିଚ୍ଛୁରିତ ହୁଏ; ସେତେବେଳେ ଏହାକୁ କୁହାଯାଏ ବିଶ୍ୱପ୍ରେମ । ବିଶ୍ୱପ୍ରେମ ଓ ବିଭୁପ୍ରେମ କହିବାକୁ ଗଲେ ଏକ ଏବଂ ଅଭିନ୍ନ । ବିଶ୍ୱପ୍ରେମ ବା ଭଗବତ୍ ପ୍ରେମରେ ପ୍ରେମସାଧକ ସାଧନାପଥରେ ଆଗେଇଯିବା ସମୟରେ ସ୍ତରେ ସ୍ତରେ ପ୍ରତିଟି ସୋପାନରେ ନିଜର ସମସ୍ତ ବୃତ୍ତି, ପ୍ରବୃତ୍ତି, ସମସ୍ତ ଇନ୍ଦ୍ରିୟ, ପ୍ରତ୍ୟେକ କର୍ମ, ସମସ୍ତ ଜ୍ଞାନ ଓ ବାକ୍ୟ, ସକଳ ଚିନ୍ତା ଆଦି ଏପରିକି ଆପଣାର ଦେହ ମନ ପ୍ରାଣ ଓ ହୃଦୟକୁ ପ୍ରେମାସ୍ପଦ ଠାକୁରଙ୍କୁ ଅର୍ପଣ କରି ସଂପୂର୍ଣ୍ଣ ଭାବରେ ମୁରାରୀପାଦାର୍ପିତ ହୋଇଯାଏ । ପ୍ରେମସାଧକର ପ୍ରେମସାଧନା ପଥରେ ଏହା ଏକ ଦୁର୍ଲଭ ଅଚିନ୍ତନୀୟ ସ୍ଥିତି । ଏହି ସ୍ଥିତିରେ ଥରେ ଯେ ପହଞ୍ଚି ଯାଇଛି, ସେ ଧନ୍ୟ; ଧନ୍ୟ ତା'ର ଠାକୁର ।

ଭଗବତ୍ ପ୍ରେମ ପର୍ଯ୍ୟାୟକ୍ରମିକ ଅଭ୍ୟାସ ଦ୍ୱାରା ସାଧନ କରି ଲାଭ କରାଯାଇପାରେ । ଗୁରୁଭକ୍ତି, ପୂଜାର୍ଚ୍ଚନା, ବ୍ରତାଦି ନିୟମପାଳନ, ଗୁରୁଆଜ୍ଞା ପାଳନ, ବିଶ୍ୱାସ, ନିଷ୍ଠା, ତ୍ୟାଗ ଇତ୍ୟାଦି ଭଗବତ୍ ପ୍ରେମ ଲାଭର ପ୍ରଥମ ସ୍ତର ଓ ସୋପାନ । ଦ୍ୱିତୀୟ ସ୍ତର ବା ସୋପାନରେ ଦେଶର ଓ ସମାଜର ମଙ୍ଗଳଜନକ କାର୍ଯ୍ୟରେ ରୁଚି ଓ ଅନୁରାଗ, ଗୁରୁଜନରେ ଭକ୍ତି, ଶ୍ରଦ୍ଧା, ଜୀବରେ ଦୟା, ନାମରେ ରୁଚି ଓ ସତ୍‌ସଙ୍ଗରେ ଅନୁରାଗ, ଭଗବତ୍‌ଭକ୍ତ ସହ ବସବାସ, ଶାସ୍ତ୍ର ଆଲୋଚନା ଏବଂ ସକଳ ଶିକ୍ଷାକୁ ବାସ୍ତବଜୀବନରେ ଫୁଟାଇ ଜୀବନଚର୍ଯ୍ୟା ପ୍ରଭୃତିରେ ପ୍ରେମସାଧକ ଅଭ୍ୟସ୍ତ ହେବା ବାଞ୍ଛନୀୟ । ତୃତୀୟ ସ୍ତର ବା ସୋପାନରେ ଭଗବାନ ଠାକୁରଙ୍କ ଠାରେ ନିଷ୍ଠା, ବିଶ୍ୱାସ, ଏକାଗ୍ରତାର ଦୃଢ଼ୀକରଣ, ତାଙ୍କ ନାମ (ବୀଜମନ୍ତ୍ର) କୀର୍ତ୍ତନ ଓ ଜପ, ତାଙ୍କ ଲୀଳା ଶ୍ରବଣ ଏବଂ ତାଙ୍କ ସମ୍ବନ୍ଧୀୟ ଯାବତୀୟ ଆଲୋଚନାରେ ଆନନ୍ଦ ଅନୁଭବ କରି ପ୍ରେମସାଧକ ପରମ ପରିତୃପ୍ତି ଲାଭ କରେ । ଏହି ତିନୋଟି ସୋପାନରେ ପ୍ରେମ ସାଧନ ସିଦ୍ଧ ବା ସହଜତମ ହୋଇଗଲେ, ଭଗବତ୍ ପ୍ରେମର ଉଦୟ ହୁଏ । ପ୍ରକୃତ ପ୍ରେମ ଉଦୟ ହେବା ପରେ କ୍ରମଶଃ ଚିତ୍ତଶୁଦ୍ଧି ଏବଂ ଚିତ୍ତ ପ୍ରକୃଷ୍ଟ ରୂପେ ଶୁଦ୍ଧ ହେବା ପରେ ପରେ ଜ୍ଞାନ ଲାଭ ହୁଏ ।

ଚିତ୍ତଶୁଦ୍ଧି ଧର୍ମଲାଭର ପ୍ରଥମ ସୋପାନ । ସନ୍ଧ୍ୟା, ଆହ୍ନିକ, ଜପ, ତପ ଇତ୍ୟାଦି ଚିତ୍ତଶୁଦ୍ଧି ପାଇଁ କରାଯାଏ । ତୁମ୍ଭମାନଙ୍କୁ ଯେଉଁ ଧର୍ମଧାରା ଦିଆଯାଇଛି, ତାହା ଏହି ଚିତ୍ତଶୁଦ୍ଧି ପାଇଁ । ତୁମ୍ଭେମାନେ ଯେବେ ଏହି ନିତ୍ୟକର୍ମ ଧାରା ଅଭ୍ୟାସ ନ କରିବ, ତେବେ ତୁମର ଚିତ୍ତଶୁଦ୍ଧି ହେବ କିପରି ? ଆଉ କିପରି ବା ତୁମେ ଧର୍ମଲାଭ ବା ଜ୍ଞାନଲାଭ କରିପାରିବ ? ନିଜେ ନିଜର ଧର୍ମଧାରାକୁ ଅଭ୍ୟାସ କର୍ମଯୋଗରେ ସାଧନ ନ କଲେ, ତୁମ୍ଭର ଅଭିଷ୍ଟ ଫଳ ହେବ କେଉଁ ଉପାୟରେ ? ଅନ୍ୟକୁ ଏଥିପାଇଁ ଦୋଷ ଦେବା ବା ଅନ୍ୟପ୍ରତି ଈର୍ଷାପରାୟଣ ହେବାରେ ବା କେଉଁ ଲାଭ ପାଇବ ? ଚିତ୍ତଶୁଦ୍ଧି ନ ହେଲେ, ବୁଦ୍ଧି ନିର୍ମଳ ହୁଏ ନାହିଁ; ବୁଦ୍ଧି ନିର୍ମଳ ନ ହେଲେ, ଆସକ୍ତି ବା ମୋହ ଯାଏ ନାହିଁ । ବିବେକର ଉଦୟ ମଧ୍ୟ ହୁଏ ନାହିଁ । ବିବେକ ଓ ବୈରାଗ୍ୟ ଏହି ଦୁଇଟିଜ ଅତି ଦୁର୍ଲଭ । ମନ ଭିତରେ ଯେତେ ଆବର୍ଜନା ରହିଛି, ତା'କୁ ପରିଷ୍କାର କରିବା ହେଉଛି ପ୍ରଥମକାର୍ଯ୍ୟ । ଏହାର ନାମ ଚିତ୍ତଶୁଦ୍ଧି । ମିଥ୍ୟା, ପ୍ରବଞ୍ଚନା, ଶଠତା, ଛଳ, ଚାତୁରୀ,

ସ୍ୱାର୍ଥପରତା, ହିଂସା, ଈର୍ଷା, ଦ୍ୱେଷ, ପରନିନ୍ଦା, କାମ, କ୍ରୋଧ, ମୋହ ଇତ୍ୟାଦି ହିଁ ମନର ଆବର୍ଜନା । ଏ ସକଳ ମାନସିକ ଆବର୍ଜନାକୁ ପରିଷ୍କାର କରି ମନମୁକୁରକୁ ଦର୍ପଣ ଭଳି ସ୍ୱଚ୍ଛ ପରିଚ୍ଛନ୍ନ କରି ଚକ୍‌ଚକ୍ କରିବାକୁ ହେବ । ଏହା ନ କଲେ, ତୁମ ମନଦର୍ପଣରେ ସତ୍ୟଜ୍ୟୋତିର ସ୍ୱରୂପ ପ୍ରତିବିମ୍ବିତ ହୋଇ ପାରିବ ନାହିଁ କିମ୍ବା ତୁମେ ତାହା ଦର୍ଶନ ମଧ୍ୟ କରିପାରିବ ନାହିଁ । ମନ ଯଦି ପରିଷ୍କାର ହୋଇଗଲା,ତେବେ ଆଉ କିଛି କହିବାକୁ ନାହିଁ । ସେତେବେଳେ ସୁନ୍ଦରର ଚିରସୁନ୍ଦର ରୂପ ଦେଖି ଆନନ୍ଦରେ ତୁମେ ଆତ୍ମହରା ହୋଇଯିବ । ଅନ୍ୟ ଭାଷାରେ କହିବାକୁ ଗଲେ, ଏହି ଚିତ୍ତଶୁଦ୍ଧିର ନାମ ହିଁ ମନୁଷ୍ୟତ୍ୱ, ମାନବିକ ସତ୍ୟ ସନାତନ ଧର୍ମ ଏବଂ ମାନବିକ ସମ୍ବେଦନଶୀଳତା ଅର୍ଜନ ।

ଜଗତର ବିପରୀତ ଯାହା, ତାହାହିଁ ପ୍ରକୃତଧର୍ମ । ସକଳ ଜାଗତିକ ବୃତ୍ତିପ୍ରବୃତ୍ତିକୁ ଜଳାଞ୍ଜଳି ଦେଇ ପାରିଲେ ହିଁ ଧର୍ମଲାଭ ହୁଏ । ଚିତ୍ତଶୁଦ୍ଧି ଦ୍ୱାରା ଏହା ବାସ୍ତବରେ ଲାଭ କରାଯାଇଥାଏ । କାରଣ ଚିତ୍ତଶୁଦ୍ଧି ହିଁ ଧର୍ମଲାଭର ପ୍ରଥମ ସ୍ତର । ବ୍ୟକ୍ତି ଯେତେବେଳେ ନିଜର ଚିନ୍ତାଠାରୁ ପରର ଚିନ୍ତା ବେଶି କରେ, ପରର ଦୁଃଖରେ ବ୍ୟଥିତ ହୁଏ, ପରର ମଙ୍ଗଳ ଚିନ୍ତା ବେଶି କରେ; ସେତେବେଳେ ତା'ର ଚିତ୍ତଶୁଦ୍ଧି ହୁଏ । ଚିତ୍ତଶୁଦ୍ଧି ପାଇଁ ଶରୀର ରକ୍ଷାର ନିୟମମାନ ପାଳନ କରିବା ଆବଶ୍ୟକ । ଗୁରୁ, ଆଚାର୍ଯ୍ୟ, ଶିକ୍ଷକ, ପିତାମାତା, ପତି, ଶାଶୁଶ୍ୱଶୁର, ବୃଦ୍ଧ, ଅତିଥି, ସାଧୁସନ୍ନ୍ୟାସୀମାନଙ୍କର ଯଥାରୀତି ସେବା ଓ ସେମାନଙ୍କର ଆଦେଶ ପାଳନରେ ଦ୍ୱିଧା କରିବ ନାହିଁ । ଦେବ ଓ ଦ୍ୱିଜରେ ଭକ୍ତି, ତୀର୍ଥ ଭ୍ରମଣ ଇତ୍ୟାଦି ମହତ୍ କାର୍ଯ୍ୟଦ୍ୱାରା ଚିତ୍ତଶୁଦ୍ଧି ହୋଇଥାଏ । କେବଳ ଗୁରୁଭକ୍ତି ପରାୟଣ ହୋଇ ଗୁରୁଙ୍କର ସେବା କଲେ ଓ ତାଙ୍କର ଆଦେଶ ପାଳନ କଲେ ମଧ୍ୟ ଗୁରୁଙ୍କ ଅନୁଗ୍ରହ ଓ କୃପାରୁ ଚିତ୍ତଶୁଦ୍ଧି ହୋଇଥାଏ । ଗୁରୁଙ୍କୁ କେବେ ମଧ୍ୟ ମନୁଷ୍ୟ ବୋଲି ଭାବିବ ନାହିଁ । ତାଙ୍କୁ ସାକ୍ଷାତ ଭଗବାନ ରୂପେ ଚିନ୍ତା କରି ବିଶ୍ୱାସ ଓ ନିଷ୍ଠାର ସହିତ ସେବା ଉପାସନା କରି ଧାରା ଅଭ୍ୟାସ କରି କରିଯିବ । ତାଙ୍କର ବୀଜମନ୍ତ୍ର ମାନସଜପ କରିବ । ତାଙ୍କର ଲୀଳା ପ୍ରସଙ୍ଗ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ସହିତ କୀର୍ତ୍ତନ ଓ ଶ୍ରବଣ କରିବ ।

ଗୁରୁଜନମାନଙ୍କର ବାକ୍ୟ ପାଳନ, ସେମାନଙ୍କର ପଦଧୂଳି ଗ୍ରହଣ, ସେମାନଙ୍କ ପ୍ରତି ଭକ୍ତି ପ୍ରଦର୍ଶନ ଆଦି ଆଜିର ସମାଜରେ ଲୋପ ପାଇବାକୁ ବସିଲାଣି । ସନ୍ତାନସନ୍ତତି ପିତାମାତାଙ୍କୁ ଭକ୍ତି ଶ୍ରଦ୍ଧା କରୁନାହାନ୍ତି । ସ୍ତ୍ରୀ ସ୍ୱାମୀଙ୍କୁ ଆଜ୍ଞା, ଶାଶୁଶ୍ୱଶୁରଙ୍କୁ ତୁଚ୍ଛଲାଚ୍ଛଲ୍ୟ କରୁଛି । ଏ ସବୁ ଭାବ ନ ବଦଳିଲେ, ଧର୍ମଲାଭ ହୁଏ ନାହିଁ । ଧର୍ମଲାଭ କରିବାକୁ ହେଲେ, ସ୍ତ୍ରୀମାନଙ୍କୁ ପତିପ୍ରାଣା ହେବାକୁ ହିଁ ହେବ । ସ୍ୱାମୀପୂଜା ହିଁ ସ୍ତ୍ରୀର ମହାପୂଜା । ସ୍ୱାମୀର ସ୍ୱରୂପ ଧ୍ୟାନ ହିଁ ମହାଧ୍ୟାନ । ସ୍ୱାମୀର ନାମ ଜପହିଁ ମହାଜପ । ସ୍ୱାମୀସେବାହିଁ ପରମସେବା । ସ୍ୱାମୀର ଚରଣ ସ୍ମରଣ ହିଁ ମହାତୀର୍ଥ ସ୍ମରଣ । ସ୍ୱାମୀର ସେବା ନ କରି, ସ୍ୱାମୀ ସହିତ କଳହ କରି ବା ସ୍ୱାମୀଙ୍କୁ କୁବାକ୍ୟ କହି ଧର୍ମପଥରେ ଉନ୍ନତି ଅସମ୍ଭବ । ପତିବ୍ରତା ସ୍ତ୍ରୀ ଦୀକ୍ଷାଗ୍ରହଣ ପରେ, ସିଦ୍ଧିପଥରେ ଯେତିକି ଆଗେଇ ଯିବେ; ଗୁରୁମୂର୍ତ୍ତି ମଧ୍ୟରେ ପତିମୂର୍ତ୍ତି ଏବଂ ପତିମୂର୍ତ୍ତି ମଧ୍ୟରେ ବିଶ୍ୱପତିଙ୍କୁ ସେତିକି ଅଧିକ ଦେଖି ପାରିବେ । ସ୍ତ୍ରୀ ପକ୍ଷରେ ସ୍ୱାମୀପୂଜା, ସ୍ୱାମୀର ଚରଣସେବା ପ୍ରଥମ କର୍ତ୍ତବ୍ୟ । ସ୍ୱାମୀ ସନ୍ତୁଷ୍ଟ ନ ହେଲେ, ଗୁରୁ ବା ଭଗବାନ କେହି ସନ୍ତୁଷ୍ଟ ବା ପ୍ରୀତ ହୁଅନ୍ତି ନାହିଁ । ପୁରୁଷ ମଧ୍ୟ ସେହିପରି ଦୀକ୍ଷାଗ୍ରହଣ ପରେ ସ୍ତ୍ରୀକୁ ଆଦ୍ୟାଶକ୍ତି ମନେ କରିବା ଉଚିତ । ସ୍ତ୍ରୀକୁ ଦାସୀ ଭାବି ଅବହେଳା କଲେ, ପୁରୁଷର ଆଧ୍ୟାତ୍ମିକ ଉନ୍ନତି ହୁଏ ନାହିଁ । ସ୍ୱାମୀ ଓ ସ୍ତ୍ରୀ ଉଭୟେ ଉଭୟଙ୍କୁ ବିଶ୍ୱପତି ଓ ଆଦ୍ୟାଶକ୍ତି ମନେକରି ଧର୍ମାଚରଣ କଲେ ପ୍ରକୃତ ଚିତ୍ତ ଶୁଦ୍ଧି ହୁଏ ଏବଂ ଧର୍ମଲାଭ ହୁଏ । ତେଣୁ, ଶାସ୍ତ୍ର କହେ : 'ସସ୍ତ୍ରୀକ ଧର୍ମମାଚରେତ୍' । ବିଶ୍ୱପତି ଓ ଆଦ୍ୟାଶକ୍ତି ଏହି ଭାବରେ ଯେଉଁଦିନ ସ୍ୱାମୀ ଓ ସ୍ତ୍ରୀ ରୂପେ ଏକତ୍ର ମିଳିତ ହେବେ, ସେହିଦିନ ହିଁ ଉଭୟଙ୍କର ସିଦ୍ଧିଲାଭ ।

ପ୍ରେମ ସାଧନ ଅତୀବ ବିସ୍ତୃତ । ଏହି ସାଧନ ପ୍ରକ୍ରିୟାରେ ଚରିତ୍ର, ଆଚରଣ, ଧର୍ମ, କର୍ମ, ଜ୍ଞାନ, ଭକ୍ତି; ପ୍ରେମ ସକଳ ସାଧନା ଅନ୍ତର୍ଭୁକ୍ତ । ପ୍ରତିଟି ବାକ୍ୟକୁ ପ୍ରକୃତ ଅର୍ଥରେ ଉପଲବ୍ଧିରେ ଆଣି ସାଧନାପଥରେ ଚଳୁଥିଲେ, ସମସ୍ତ ଅସମ୍ଭବ ପ୍ରେମମୟ ଠାକୁରଙ୍କ ଅପାର କରୁଣା ଓ ଅମାପ କଲ୍ୟାଣରୁ ସମ୍ଭବ ହେବ ହିଁ ହେବ ।

୦୦୦

# ଜିଜ୍ଞାସା : ଜିଜ୍ଞାସୁ

*(ନଶ୍ୱର ଜଗତରେ ଅବିନଶ୍ୱର ସୂକ୍ଷ୍ମସତ୍ତା ଏବଂ ଅନିତ୍ୟତା ମଧ୍ୟରେ ନିତ୍ୟ ସତ୍ୟ ସନାତନର ଉପଲବ୍ଧି ଓ ଅନୁଭୂତି ନିମନ୍ତେ ଜିଜ୍ଞାସୁର ଜିଜ୍ଞାସା ସର୍ବଦା ଏବଂ ସର୍ବଥା ସ୍ପୃହଣୀୟ ଏବଂ ସ୍ୱାଗତଯୋଗ୍ୟ । ଏହିପରି ଜଣେ ସାର୍ଥକ ଜିଜ୍ଞାସୁ ଥିଲେ ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଶ୍ରଦ୍ଧେୟ ଦିବଂଗତ ଯତୀଶ ଦା' । ଯତୀଶ ଦା' ପ୍ରକୃତରେ ଅନିର୍ବାଣ ଦୀପଶିଖା । ଏ ଦୀପଶିଖା ଲିଭିବାର ନୁହେଁ, ଲିଭିନାହିଁ । ତାଙ୍କର ଜିଜ୍ଞାସା ସଫଳ ହୋଇଛି । ସେହି ସଫଳତାର ସ୍ୱାକ୍ଷର ବହନ କରେ 'ଜିଜ୍ଞାସା:ଜିଜ୍ଞାସୁ ।' ପରମପୁରୁଷ ଜୀବନ ଦେବତା ଠାକୁରଙ୍କ ସହିତ ତାଙ୍କର ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ବିବରଣୀ ଏହି ସ୍ତମ୍ଭରେ ''ଚରମ'' ପୃଷ୍ଠାରେ ନିୟମିତ ସ୍ଥାନିତ ହେଉଅଛି । ଏ ପାଖୁଡ଼ାରେ 'ଅହଂଜ୍ଞାନ ପ୍ରୟୋଗ ନ କରିବା' ଏବଂ 'ପଦବୀ ପାଇଁ ଲାଳାୟିତ ନ ହେବା' ପ୍ରସଙ୍ଗରେ ସଂପାଦନାର ସଂଗ୍ରହ -)*

ସମନ୍ୱୟର ସୂତ୍ର - ଅର୍ଥାତ୍ ଦୁଇଟି ଭିନ୍ନ ଭିନ୍ନ ଧର୍ମର ଦୁଇ ତତ୍ତ୍ୱକୁ ନେଇ ଏକତ୍ର କରିବାର କୌଶଳ ସୃଷ୍ଟି ତତ୍ତ୍ୱର ନିୟମରେ ରଖାଯାଇଛି । ପରସ୍ପର ପରସ୍ପର ବିରୋଧୀ ହେଲେ ମଧ୍ୟ ସହଯୋଗୀ । କେହି କାହାରିକୁ ଛାଡ଼ି ତିଷ୍ଠି ପାରିବେ ନାହିଁ । ଯଦି କୌଣସି କ୍ଷେତ୍ରରେ ଏକଚାଟିଆ ଭାବେ ଅହଂଜ୍ଞାନ ପ୍ରୟୋଗ ହୋଇଯାଏ, ସାଥିରେ ବ୍ରହ୍ମଜ୍ଞାନ ନ ଥାଏ, ତାହାହେଲେ ସେ ଦୁର୍ଘଟଣାର ସମ୍ମୁଖୀନ ହୁଏ । ସେହିପରି ବ୍ରହ୍ମଜ୍ଞାନ ସାଥିରେ ଯଦି ଅହଂଜ୍ଞାନ ନ ରହେ ତାହା ହେଲେ ବ୍ରହ୍ମଜ୍ଞାନ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୁଏ । ଶାସ୍ତ୍ରରେ ଏକଚାଟିଆ ଭାବରେ ଗୁଣ ଧର୍ମର ଯୋଗ, ବିୟୋଗ ଓ ସଂଯୋଗର ସୂତ୍ର ବର୍ଣ୍ଣନା କରାଯାଇଛି । ପାଠକ ପାଠ କଲା ବେଳେ ସପକ୍ଷ, ବିପକ୍ଷ ଓ ଆକ୍ଷେପର ବୋଧ ନେଇ କଣ କରଣୀୟ, କଣ ଅକରଣୀୟ ତାହା ନିଜ ହୃଦୟରୁ ହିଁ ନେଇଥାଏ । ବ୍ୟକ୍ତିର ବିଚାର ଧାରା ଓ ପ୍ରଜ୍ଞାର ବୋଧ ଶକ୍ତି ଉପରେ ଏହି ତତ୍ତ୍ୱକୁ ଜାଣିବା ନିର୍ଭର କରେ ।

ପ୍ରଶ୍ନ : ଅହଂ ଜ୍ଞାନରୁ ମଣିଷ କଣ ଉପକୃତ ହୁଏ ?

ଠାକୁର : ଅହଂଜ୍ଞାନ ମଣିଷକୁ ବଞ୍ଚାଇ ରଖେ ।

ପ୍ରଶ୍ନ : ଆଉ ବ୍ରହ୍ମଜ୍ଞାନ ?

ଠାକୁର : ବ୍ରହ୍ମଜ୍ଞାନ ମଣିଷକୁ ବଢ଼ାଇବାରେ ଚଳାଇବାରେ ସହଯୋଗ କରିଥାଏ ।

ପ୍ରଶ୍ନ : ଅହଂଜ୍ଞାନ ସଂପୂର୍ଣ୍ଣ ଭାବରେ ତ୍ୟାଗ କଲେ କ୍ଷତି କଣ ହେବ ?

ଠାକୁର : ଅହଂଜ୍ଞାନ ହେଉଛି ଆଧାର । ଏହି ତତ୍ତ୍ୱକୁ ସଂପୂର୍ଣ୍ଣ ଭାବରେ କେହି ବର୍ଜନ କରିପାରିବେ ନାହିଁ । ଯେପରି ଇଲେକ୍ଟ୍ରି ବିନା ବଲ୍ବ ଜଳିପାରିବ ନାହିଁ । ଏଣୁ ଇଲେକ୍ଟ୍ରିର ଆଧାର ହେଉଛି ବଲ୍ବ । ସେହିପରି ବ୍ରହ୍ମ ଆଧାର ହେଉଛି ଅହଂ । ଯେଉଁଥିରେ ବ୍ରହ୍ମଧାରକ ରୂପରେ ପ୍ରତୀୟମାନ ହୁଏ । ଅହଂକୁ ବର୍ଜନ କଲେ ବ୍ରହ୍ମ ସର୍ବତ୍ର ବିଦ୍ୟମାନ ଥିଲେ ମଧ୍ୟ ପ୍ରତୀୟମାନ ହୋଇ ପାରିବ ନାହିଁ । ଏଣୁ ଜୀବ ନିଷ୍କ୍ରିୟ ବା ସ୍ଥାଣୁ ହୋଇଯିବ ।

ପ୍ରଶ୍ନ : ଆଉ ବ୍ରହ୍ମଜ୍ଞାନକୁ ତ୍ୟାଗ କଲେ କଣ ହେବ ?

ଠାକୁର : ବ୍ରହ୍ମଜ୍ଞାନ ହେଉଛି ଚୈତନ୍ୟ ସ୍ୱରୂପ । ଯେ କି ଅହଂଜ୍ଞାନରେ ଚୈତନ୍ୟ ଆଣି ଚଲା ବାଟରେ ଆଲୋକ ଦେଖାଏ । ପ୍ରତ୍ୟେକ ବିଷୟଭୋଗରେ ସ୍ୱାଦ ଆଣି ଜୀବନକୁ ସରସ ସୁନ୍ଦର କରି ଚଳାଇ ନିଏ । ବ୍ରହ୍ମଜ୍ଞାନର ଅଭାବରୁ ଅହଂଜ୍ଞାନରେ ଆଖିଥିଲେ ମଧ୍ୟ ତାକୁ ଆଖିବୁଜି ବାଟ ଚାଲିବାକୁ ହୁଏ । ଏଣୁ ଖାଲ ଖମା କଣ୍ଟା ଝଟାରେ ଛନ୍ଦି ହୋଇ ଲୁଗାପଟା ଚିରିବାଟା ସାର ହେବ ମାତ୍ର ।

ପ୍ରଶ୍ନ : ନିଜର ଅହଂଜ୍ଞାନ ପ୍ରୟୋଗ ନ କରିବା । ଏଠାରେ 'ନିଜର' ଆଉ 'ଅହଂଜ୍ଞାନ' ଏହି ଦୁଇଟି ଶବ୍ଦ ଭିନ୍ନ

ଭିନ୍ନ ତତ୍ତ୍ୱ ବୋଧକ କି ?

ଠାକୁର : ଅହଂ ହେଉଛି ଶୁଦ୍ଧ ନିର୍ମଳ ତତ୍ତ୍ୱ । ଦେହର ସମସ୍ତ ଭୋଗାର୍ଥ ତାର ଅର୍ଜିତ । ଏହି ଅହଂକୁ ଯେ ଏକଚାଟିଆ ଭାବେ ନିଜର କରି ନିଏ ସେ ଆଉ ଏକ ଭିନ୍ନ ତତ୍ତ୍ୱ ।

ପ୍ରଶ୍ନ : ତା ହେଲେ ନିଜର ତତ୍ତ୍ୱଟି କଣ ?

ଠାକୁର: ପ୍ରତ୍ୟେକ ଜୀବ ତିନୋଟି ମୁଖ୍ୟତତ୍ତ୍ୱର ଅଧିକାରୀ ।

ପ୍ରଶ୍ନ : କିପରି ?

ଠାକୁର : ଯୋଗ, ବିୟୋଗ ଓ ସଂଯୋଗ । ଯଥା :- ଯୋଗ ଅର୍ଥ ମିଶାଣ, ବିୟୋଗ ହେଉଛି ଫେଡ଼ାଣ, ଫେଡ଼ାଣର ମିଶ୍ରିତ ଫଳ ଯେ କି ବିବେକ ଓ ଚୈତନ୍ୟର ଅଧିକାରୀ ଜୀବକୁ ନିଜର 'ତତ୍ତ୍ୱ' ବୋଲି ବୁଝ ।

ପ୍ରଶ୍ନ : ଜୀବ କ'ଣ ତା' ନିଜର ତତ୍ତ୍ୱ, ତାହାର କ୍ଷମତା ଅହଂତତ୍ତ୍ୱ ଉପରେ ପ୍ରୟୋଗ କରିପାରିବ ?

ଠାକୁର : ଜୀବ ବିବେକ ଚୈତନ୍ୟର ଅଧିକାରୀ ହୋଇଥିବାରୁ ତାର ବ୍ରହ୍ମଜ୍ଞାନ ଓ ଅହଂଜ୍ଞାନ ଉପରେ କ୍ଷମତା ବା ଇଚ୍ଛା ଶକ୍ତି ପ୍ରୟୋଗ କରି ନିଜ ଇଚ୍ଛାରେ ଚଳାଇ ପାରିବାର କ୍ଷମତା ଅଛି । କିନ୍ତୁ ବୋଧଜ୍ଞାନ ଓ ଗୁରୁଜ୍ଞାନର ଅଭାବରୁ ବିବେକ ଚୈତନ୍ୟର ଅଧିକାରୀ ଜୀବ ନିଜକୁ ଚିହ୍ନି ନ ପାରି ନିଜର କ୍ଷମତା ସମ୍ବନ୍ଧରେ ଅଜ୍ଞ ଥାଇ ନିଜକୁ ହୀନ,ଅଧମ,ପାପୀ, ଅକର୍ମା ବୋଲି କହିଥାଏ । ଗୁରୁଜ୍ଞାନର ବୋଧଜ୍ଞାନ ରୂପକ ଦର୍ପଣରେ ନିଜର ସ୍ୱରୂପକୁ ଦେଖି ପାରିଲେ ସବୁ ଜାଣି ପାରିବ ।

ପ୍ରଶ୍ନ : ''ପଦବୀ ପାଇଁ ଲାଳାୟିତ ହେବ ନାହିଁ'' ? ଗୁରୁଦରବାରରେ ଏହି ପଦବୀର ଅର୍ଥ କଣ ?

ଠାକୁର : ପଦବୀର ଅର୍ଥ ତୁମେ କଣ ବୁଝ ?

ପ୍ରଶ୍ନ : ଗୁରୁଦରବାରରେ ତ ଗୁରୁ ଶିଷ୍ୟର ସମ୍ପର୍କ ଏଠି ପୁଣି ପଦବୀ କଣ ?

ଠାକୁର : ଜଣେ ଗୁରୁଙ୍କ ନିକଟରେ ଅନେକ ଶିଷ୍ୟ ମିଳିତ ହେଲେ ସଂହତି ଗଢ଼ି ଉଠେ । ଏହି ସଂହତିକୁ ଚଳାଇବା ପାଇଁ ପଦ ପଦବୀର ଆବଶ୍ୟକତା ପଡ଼େ । ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ପଦବୀ ଯୁକ୍ତ ହୋଇ କାର୍ଯ୍ୟ ନିର୍ବାହୀ ହୁଅନ୍ତି । କିନ୍ତୁ ମଣିଷ ଏକ ଆଶାୟୀ ପ୍ରକୃତିର ଅଧିକାରୀ । ଏଣୁ ସେ ନିଜର ଯୋଗ୍ୟତା ଓ କଳାକୃତିକୁ ବିଚାର ନ କରି ଅନ୍ୟଠାରୁ ନିଜର କର୍ମ ଶ୍ରେଷ୍ଠ ବୋଲି ବିଚାର କରି ପଦବୀଯୁକ୍ତ ହୋଇ କାମ କରିବାକୁ ଆଶାୟୀ ହୁଏ ଓ ମରୀଚିକା ପଛରେ ଧାଇଁ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି କରି ଦୋଷ ଯୁକ୍ତ ହୋଇ ଶେଷରେ ସଂହତି ଜୀବନ ବିପର୍ଯ୍ୟସ୍ତ ହୁଏ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର କଳାକୃତି କଣ ଅଲଗା ଅଲଗା ? ସମସ୍ତଙ୍କ ଦ୍ୱାରା କଣ ସବୁ କାର୍ଯ୍ୟ ସମ୍ଭବ ନୁହେଁ? ଜଣେ ଶିକ୍ଷା କଲେ କଣ ସବୁ କାର୍ଯ୍ୟ କରିପାରିବ ନାହିଁ ?

ଠାକୁର : ନା ।

ପ୍ରଶ୍ନ : କାହିଁକି ?

ଠାକୁର୍ : ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ କଳା ବିଶିଷ୍ଟ । ପ୍ରତ୍ୟେକ ପ୍ରତ୍ୟେକ ବ୍ୟକ୍ତିଠାରୁ କଳାକୃତିରେ ଅଲଗା ଅଲଗା । ସମସ୍ତଙ୍କ ଦ୍ୱାରା ସବୁକାର୍ଯ୍ୟ ସମ୍ଭବ ନୁହେଁ । ସମସ୍ତେ ସବୁକାର୍ଯ୍ୟ ଶିକ୍ଷା କରି ପାରିବା ମଧ୍ୟ ସମ୍ଭବ ନୁହେଁ । ଆଉ କଳା ନ ଥାଇ ଶିକ୍ଷା କରିବାକୁ ଚେଷ୍ଟା କଲେ ମଧ୍ୟ ବିଦ୍ୟା ଶିଖି ପାରିବ ନାହିଁ । ଠାଣି ନ ଥିଲେ ନୃତ୍ୟ ଶିଖି ହୁଏନା । ସେହିପରି କଣ୍ଠ ନ ଥିଲେ ଗୀତ ଗାଇ ହୁଏନା । ପ୍ରତ୍ୟେକ ବ୍ୟକ୍ତି ଜନ୍ମ ସମୟରେ ଏକ ବିଶେଷ-ବିଶେଷ କଳା ନେଇ ଜନ୍ମ ହୋଇଥାନ୍ତି । କଳାକୁ ଦେଖି ଶିକ୍ଷା ବା କର୍ମ ଅର୍ଥାତ୍ କୃତି ମିଳିଲେ କଳା ଶିକ୍ଷାରେ ପରିପକ୍ୱ ହୋଇ କୃତିତ୍ୱ ଅର୍ଜନ କରିଥାଏ । ଏହି କୃତିତ୍ୱ ସଂପନ୍ନ ବ୍ୟକ୍ତି ପଦପଦବୀର ଅଧିକାରୀ ହୋଇଥାନ୍ତି । କିନ୍ତୁ ଆଶାୟୀ ପ୍ରବୃତ୍ତି ଅନ୍ୟର କର୍ମକୁ ଶ୍ରେଷ୍ଠ ମନେ କରି କଳା ନ ଥାଇ କର୍ମ ଧରିବାକୁ ପ୍ରେରଣା ଦିଏ ଏବଂ ନାନା ଦ୍ୱନ୍ଦ୍ୱ ସୃଷ୍ଟି କରେ ।


ପ୍ରଶ୍ନ : ଆଶାୟୀ ପ୍ରବୃତ୍ତି ନିଜକର୍ମକୁ ଛୋଟ ମନେ କରେ କାହିଁକି ?

ଠାକୁର : ଏହା ତାହାର ସ୍ୱାଭାବିକ ଧର୍ମ ।

ପ୍ରଶ୍ନ : ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ କି ?
ଠାକୁର : ପାରିବ ।
ପ୍ରଶ୍ନ : କିପରି ?
ଠାକୁର : ସାଧନା ଦରକାର ।
ପ୍ରଶ୍ନ : ଖାଲି ସାଧନା ?
ଠାକୁର : ସାଧନା ସହିତ ଗୁରୁଜ୍ଞାନର ବୋଧ ଦରକାର ।
ପ୍ରଶ୍ନ : କୌଣସି ଏକ ବିଦ୍ୟାକୁ ସମାଜର ସମସ୍ତ ବ୍ୟକ୍ତି କଣ ଶିକ୍ଷା କରିପାରିବେ ନାହିଁ ?
ଠାକୁର : ନା, କୌଣସି ଏକ ବିଦ୍ୟାକୁ ବ୍ୟକ୍ତି ଶିକ୍ଷା କରିବାକୁ ଗଲା ବେଳେ ବିଦ୍ୟାର କଳା, କୌଶଳ, ସଂସ୍କାର, ଗୁଣପିଣ୍ଡ, ଧାତୁ, ପରିବେଶ, ଯାହାକୁ ସାଧାରଣ କଥାରେ କହନ୍ତି ସ୍ଥାନ, କାଳ, ପାତ୍ରର ବିଚାର କରିବା ଦରକାର । ବିଦ୍ୟାର ଧର୍ମ ଅନୁଯାୟୀ ପାତ୍ର ଠିକ୍ ଥିଲେ ବିଦ୍ୟା ଶିକ୍ଷା ଲାଭ କରି ହୁଏ । ନାହିଁ ତ ହୁଏନା ।
ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ବିଶେଷ କଳା ନେଇ ଆସିଥାନ୍ତି । ବାଲ୍ୟ କାଳରୁ ଏହି କଳାକୁ କାହାଭିତରେ କେଉଁ କଳା ଅଛି ତାହା ଚିହ୍ନି ହୁଏ କି ?
ଠାକୁର : ସମସ୍ତଙ୍କ ପକ୍ଷେ ବ୍ୟକ୍ତିର ଗୁଣପିଣ୍ଡ ନିର୍ବାଚନ କରିବା ସମ୍ଭବ ନୁହେଁ । ସେହିଭଳି ମାଷ୍ଟର ହେଲେ ପିଲା ଦିନରୁ କଣ ଜନ୍ମ ନେବା ମାତ୍ରେ ତାହାର ଗୁଣପିଣ୍ଡ ଜଣା ପଡ଼ିଯାଏ ।
ପ୍ରଶ୍ନ : ଆଶାୟୀ ପ୍ରବୃତ୍ତି କଣ ଜୀବର ସହଜାତ ?
ଠାକୁର : ହଁ ।
ପ୍ରଶ୍ନ : ସହଜାତ ପ୍ରବୃତ୍ତିକୁ ଦମନ କରିବା ତ ବଡ଼ କଷ୍ଟ ।
ଠାକୁର : ସହଜାତ ପ୍ରବୃତ୍ତିକୁ ଦମନ କରାଯାଏନା । ପ୍ରତ୍ୟେକ ସହଜାତ ପ୍ରବୃତ୍ତି ଜୀବର ହିତାର୍ଥେ ଆସିଥାଏ ଏବଂ ସେହି ପ୍ରବୃତ୍ତି ମଧ ମଣିଷର ଅହିତ କରିଥାଏ । ଯଦି ତାକୁ ଦମନ କରିଦିଆଯାଏ ତାହା ହେଲେ ଅହିତ ଯିବା ସଙ୍ଗେ ସଙ୍ଗେ ହିତ ମଧ ଚାଲିଯାଏ । ହିତ ଅହିତ ଉଭୟର ବିନାଶ ହୁଏ ଏହା କଣ ବିପଦର କାରଣ ନୁହେଁ କି ?
ପ୍ରଶ୍ନ : ତାହା ହେଲେ କଣ କରାଯିବ ? ଯଦି ଆଶାୟୀ ପ୍ରବୃତ୍ତିକୁ ଦମନ କରା ନ ଯାଏ ତାହାହେଲେ ନିଶ୍ଚୟ ସେ ତାର ଧର୍ମ ଅନୁଯାୟୀ ନିଜର କର୍ମକୁ ଛୋଟ ମନେ କରି ଅନ୍ୟର କର୍ମ ବଡ଼ ବୋଲି ଭାବି ପଦପଦବୀ ପାଇଁ ଲାଳାୟିତ ନିଶ୍ଚୟ ହେବ । ଏହା କଣ ସତ ନୁହେଁ ? ।
ଠାକୁର : କିଏ, ନାହିଁ କରୁଛି ?
ପ୍ରଶ୍ନ : ତାହା ହେଲେ କଣ କରିବା ?
ଠାକୁର : ତୁମେ ଦମନର ଅର୍ଥ ବୋଧେ ବିନାଶ ଅର୍ଥରେ ବୁଝ ।
ପ୍ରଶ୍ନ : ହଁ ଆଜ୍ଞା । ଦମନର କଣ କିଛି ଭିନ୍ନ ଅର୍ଥ ଅଛି ?
ଠାକୁର : ଆମେ ବୁଝୁ କୌଣସି ପ୍ରବୃତ୍ତିକୁ ଶାସ୍ତ୍ରରେ ବିନାଶ ବା ନଷ୍ଟ ଅର୍ଥରେ କୁହାଯାଇନାହିଁ ।
ପ୍ରଶ୍ନ : ଆଉ ?
ଠାକୁର : ପ୍ରତ୍ୟେକ ପ୍ରବୃତ୍ତିକୁ ବିନାଶ ଅର୍ଥରେ ନ ବୁଝି ପରିଚାଳନା ବା ଚର୍ଯ୍ୟା ଅର୍ଥରେ ବୁଝିବା ମୋର ମତ । ବିନାଶ ବା ନଷ୍ଟରେ ଭଲ ଯାଏ ମନ୍ଦ ବି ଯାଏ । ଆଉ ପରିଚାଳନା ଅର୍ଥରେ ଭଲ ରହି ମନ୍ଦ ପୋଛି ହୋଇଯାଏ । ଯେପରି ଲଣ୍ଠନ ଜଳିଲେ କାଚ କଳା ହୁଏ । ତା ବୋଲି କାହାକୁ ଡ଼ରି ଲଣ୍ଠନ ଲିଭାଇ ଦେଲେ ଘର ଭିତର ଅନ୍ଧାର ହେବ ନିଶ୍ଚୟ । ଆଉ ଯଦି ନ ଲିଭାଅ ତାହା ହେଲେ କିଛି ସମୟ ଲଣ୍ଠନ ଜଳିଲା ପରେ କାଚକଳା ହୋଇ ଘର ଅନ୍ଧକାର ହେବ ନିଶ୍ଚୟ । ତାହା ହେଲେ କଣ କରିବ ? ଲଣ୍ଠନ ଲିଭାଇବା ନା କାଚରୁ କଳା ପୋଛିବା ?
ପ୍ରଶ୍ନ : କଳା ପୋଛିବା ନିଶ୍ଚୟ ।
ଠାକୁର : ଏହି ପ୍ରବୃତ୍ତିର କଳା ପୋଛିବାକୁ ଆମେ ଜୀବନର ଆଚରଣ ଚର୍ଯ୍ୟା ବୋଲି ବୁଝୁ ।

୦୦୦

# ସମ୍ବଳନୀ ଯୁଗେ ଯୁଗେ ରତ୍ନବେଦୀ



''ବସୁନ୍ଧରା ବାରି ବିମାନ ବାୟୁ ବହ୍ନି ଏମାନ ।
ପ୍ରଣବ ସ୍ୱରୂପ ଶ୍ରୀବିଷ୍ଣୁ ଦେହେ ପ୍ରକାଶ ମାନ ।।''

''ଅବ୍ୟକ୍ତରୁ ଆସି ସ୍ଥୁଳରେ ବ୍ୟକ୍ତ ହେବା ଆଶାରେ ।
ରହନ୍ତି ଜନନୀ ଜଠର ଜରାୟୁର କାରାରେ ।।''

(ଯୁଗେ ଯୁଗେ ଧରାଧାମରେ ମାନବଲୀଳା ସଂରଚନ ନିମନ୍ତେ ଶ୍ରୀବିଷ୍ଣୁ ପ୍ରଣବରୁ ସୃଷ୍ଟ ପଞ୍ଚଭୂତ : କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମର ସମିଶ୍ରଣରେ ସୃଷ୍ଟି ସ୍ଥୁଳଦେହରେ ପ୍ରକାଶ ହେବା ପାଇଁ ଅବ୍ୟକ୍ତମଣ୍ଡଳରୁ ମହାମହେଶ୍ୱର ଭାବକୁ ଧାରଣ କରି ଜନନୀର ଜଠରସ୍ଥ ଜରାୟୁ ରୂପକ ପବିତ୍ର ପୁଷ୍କରିଣୀରେ ରହନ୍ତି । ଏହା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯେପରି ସତ୍ୟ, ବୈଜ୍ଞାନିକ ମତରେ ମଧ ସେହିପରି ପ୍ରମାଣିତ ତଥ୍ୟ । ଠାକୁରେ ମାତୃଗର୍ଭରେ ଅବସ୍ଥାନ କାଳର ସକଳ ଅନୁଭୂତି ସୂକ୍ଷ୍ମ ସ୍ମରଣରେ ରଖି ଏହି ଶେଷ କଳିର ଅନ୍ତିମ ପର୍ଯ୍ୟାୟରେ ଜଗତକଲ୍ୟାଣ ଓ ଜୀବଉଦ୍ଧାର ନିମିତ୍ତ ତାହା ଏ କ୍ରମରେ ନିୟମିତ ଭାବେ '''ଚରମ''ରେ ପତ୍ରସ୍ଥ କରିବାର ଆଶୀର୍ବାଦ ଦେଇ ଆମମାନଙ୍କୁ ଧନ୍ୟ କରିଅଛନ୍ତି । ''ଚରମ''ର ଜନ୍ମକାଳରୁ ଠାରୁ ଅଦ୍ୟାବଧି ତାହା ପର୍ଯ୍ୟାୟକ୍ରମେ ପ୍ରକାଶ ପାଇ ଆସୁଛି । ପ୍ରେମମୟ ଭକ୍ତବତ୍ସଳ ଭଗବାନ ଠାକୁରଙ୍କର କରୁଣାକଣା ଲାଭ କରି ପ୍ରତ୍ୟେକ ପାଠକ / ପାଠିକା ଧନ୍ୟ ହୁଅନ୍ତୁ, ଏତିକି କାମନା ।)

**ଚରମ : ପଞ୍ଚମ ପୁଷ୍ପ : ତୃତୀୟ ପାଖୁଡ଼ା : ଦ୍ୱାବିଂଶ ସଂଖ୍ୟାର ଅନୁଶ୍ରୁତିରୁ....**

## ଜନନୀ, ଜଠର, ଜରାୟୁ

### (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ :

**(୭) ଜ୍ଞାତ.ଅଭ୍ୟାସ କର୍ମ ଓ ଅଜ୍ଞାତ ଅଭ୍ୟାସ କର୍ମ :**

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଜୀବକୁ ଅଭ୍ୟାସ ସୂତ୍ର ଗ୍ରହଣ କରି ଆଗେଇବାକୁ ହୁଏ । ଶିଶୁଟିଏ ଜନ୍ମ ହେବା ମାତ୍ରେ ସଂପୂର୍ଣ୍ଣ ସ୍ଥାଣୁ ହୋଇ ରହିଥାଏ । ନିଜର ଇଚ୍ଛାଶକ୍ତି, ଜ୍ଞାନଶକ୍ତି, କର୍ମଶକ୍ତି ନ ଥାଏ । ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳ ହେବାକୁ ବାଧ ହୋଇଥାଏ । ପରବର୍ତ୍ତୀ ଅବସ୍ଥାରେ କ୍ରମଶଃ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ପରିପୁଷ୍ଟ ହେବା ସଂଗେ ସଂଗେ ଶିଶୁଟି ତା'ର ଅଭ୍ୟାସକର୍ମ ଆରମ୍ଭ କରି ଦେଇଥାଏ । ସେଥିମଧ୍ୟରୁ କେତେକ କର୍ମ ଜାଣି ଜାଣି ଅଭ୍ୟାସ କରେ ଅନ୍ୟ କେତେକ କର୍ମ ଅଜାଣତରେ ଅଭ୍ୟାସ କରେ । ଉଦାହରଣ ସ୍ୱରୂପ, ଶୋଇ ରହି ପିଲାଟି ହାତ ଗୋଡ଼ ହଲାଇ ଖେଳୁଥାଏ । ସେ କିନ୍ତୁ ଜାଣେନା, କାହିଁକି ହାତ, ଗୋଡ଼ ହଲାଉଛି ବା ସେପରି ଅଭ୍ୟାସ କଲେ ପରିଣାମ କ'ଣ ହେବ ? ଏହାହିଁ ଶରୀରରେ ଥିବା ରଜ୍ଜୁଗୁର୍ଜ୍ଜରୀ କୋଷର କାର୍ଯ୍ୟ । କୋଷଟି ଜାଣେ ଶରୀରର ପୁଷ୍ଟତା ନିମନ୍ତେ ବ୍ୟାୟାମ ଆବଶ୍ୟକ । ଅସ୍ଥି, ଚର୍ମ ଓ ମାଂସପେଶୀ ଦୃଢ଼ତା ଓ ବୃଦ୍ଧି ନିମନ୍ତେ ଅଙ୍ଗପ୍ରତ୍ୟଙ୍ଗର ଘନଘନ ସଂକୋଚନ, ପ୍ରସାରଣର ଆବଶ୍ୟକତା ଅଛି । ସେଥିପାଇଁ ଶିଶୁର ଅଜ୍ଞାତ ଅବସ୍ଥାରେ ମଧ ସେ ତା'ର କାର୍ଯ୍ୟ ସମାହିତ କରି ଚାଲିଥାଏ । ଏହାକୁ ଅଜ୍ଞାତ ଅଭ୍ୟାସ କର୍ମ କୁହାଯାଏ । ବିଦ୍ୟାର୍ଥୀ

ବିଦ୍ୟା ଅଧ୍ୟୟନ ସମୟରେ ପାଠ୍ୟପୁସ୍ତକ ବାରମ୍ବାର ପଢ଼ି ମନେ ରଖିବାକୁ ଚେଷ୍ଟା କରେ । କାରଣ ସେ ଅନୁଭବ କରେ ଅଭ୍ୟାସ କରି ନ ପଢ଼ିଲେ ପୁସ୍ତକଗତ ବିଦ୍ୟା କଦାପି ଆୟତ୍ତ ହେବ ନାହିଁ । ତେଣୁ ସେ ଜାଣିଜାଣି ଅଭ୍ୟାସ କରେ । ଏହି ପ୍ରକ୍ରିୟା ଜ୍ଞାତ ଅଭ୍ୟାସକର୍ମ ପରିସର ଭୁକ୍ତ । ଖାଇବା, ଶୋଇବା, ଖେଳିବା ଇତ୍ୟାଦି ସମସ୍ତ କର୍ମ ଜ୍ଞାତ ଅଭ୍ୟାସ ପର୍ଯ୍ୟାୟର । କେତେକ ବ୍ୟକ୍ତି ବସି କଥା କହୁଥିବା ସମୟରେ ବା କୌଣସି କର୍ମ କରୁଥିବା ସମୟରେ ସେମାନଙ୍କର ଅଙ୍ଗଚାଳନା, ମୁଦ୍ରାପ୍ରଦର୍ଶନ ଆଦି କ୍ରିୟା ସ୍ୱତଃ ଚାଲିଥାଏ । ଯଥା : କିଏ ଗୋଡ଼ ସଞ୍ଚାଳନ କରୁଥିବ ତ କେହି ହସ୍ତ, ଅଙ୍ଗୁଷ୍ଠି ଚାଳନା କରି ଚାଲିଥିବ । ଆଳାପ କରୁଥିବା ସମୟରେ ବା ଆଲୋଚନା ରତଥିବା ଅବସ୍ଥାରେ କେତେକ ଅସଂଲଗ୍ନ ଶବ୍ଦ ବାରମ୍ବାର ପ୍ରତିବାକ୍ୟରେ ଉଚ୍ଚାରଣ କରୁଥିବ । ଏଗୁଡ଼ିକ ଅଜ୍ଞାତ ଅଭ୍ୟାସ କର୍ମ ଦ୍ୱାରା ସଂପାଦିତ ହୋଇଥାଏ । କାରଣ ତା'ର ଅଜ୍ଞାତରେ ଏହି କର୍ମଗୁଡ଼ିକ ଏପରି ଅଭ୍ୟାସ ହୋଇଯାଇଛି ଯେ, ପ୍ରୟୋଗ ସମୟରେ ମଧ୍ୟ ସେ ଜାଣିପାରୁନାହିଁ । ସେହି କ୍ରମରେ ଜୀବର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ କର୍ମର ପ୍ରେରଣା ଉକ୍ତ କୋଷ ହିଁ ସୃଷ୍ଟି କରିଥାଏ । କିନ୍ତୁ ପୁନଃ ପୁନଃ ସେହି କର୍ମଗୁଡ଼ିକୁ ଅଭ୍ୟାସ କରି ସେଥିରେ ସିଦ୍ଧି ଆହରଣ କରିବାର କ୍ଷମତା ଯୋଗାଇ ପାରେନାହିଁ । କିନ୍ତୁ କର୍ମର ପ୍ରେରଣା ପାଇ ଜୀବ କର୍ମ ସାଧନ କରୁଥିବା ସମୟରେ ଯଦି କୋଷଟି ବିନ୍ଦୁବନ୍ଧୁରୀ ଓ ଶୁଣଭୁଙ୍ଗ ଦୋଷ ସହ ମିଳିତ ହୋଇଯାଏ ତେବେ କର୍ମଟିକୁ ଅଭ୍ୟାସ କରିବାର ଜିଦ୍ ସୃଷ୍ଟି ହୋଇଯାଏ । ଫଳରେ ଯେଉଁ ସମୟରେ କାର୍ଯ୍ୟଟି ଆରମ୍ଭ ହୋଇଥିଲା, ପ୍ରତିଦିନ ସେହି ସମୟ ଉପସ୍ଥିତ ହେଲେ ଆପେ ଆପେ ଅଭ୍ୟାସ ସୂତ୍ରରେ କର୍ମ କରିବାର ପ୍ରେରଣା ମନରେ ଜାଗ୍ରତ ହୋଇଯାଏ । ପ୍ରତିଦିନ ଏହି ତ୍ରିକୋଷର ମିଳନ ଏକ ନିର୍ଦ୍ଦିଷ୍ଟ ସମୟରେ ଶରୀର ମଧ୍ୟରେ ସଂଗଠିତ ହୋଇଥାଏ । କୋଷଗୁଡ଼ିକର ଉକ୍ତ ମିଳନ କ୍ରିୟା ଓ ସମୟ କେବଳ ସେହି ବ୍ୟକ୍ତି ଲକ୍ଷ୍ୟ ରଖିପାରିବ ଯିଏ ଶରୀରରୁ ସମସ୍ତ ଦୋଷ ସମ୍ବନ୍ଧୀୟ ଜ୍ଞାନରେ ସିଦ୍ଧ ହୋଇଥିବ । ସୁତରାଂ ପିଣ୍ଡତତ୍ତ୍ୱରେ ସିଦ୍ଧିପ୍ରାପ୍ତ ହୋଇଥିବା କେବଳ ସଦ୍‌ଗୁରୁ ହିଁ ଏହି ରହସ୍ୟ ଉପଲବ୍ଧି କରିବାକୁ ସକ୍ଷମ । ସେହି କାରଣରୁ ଶ୍ରୀଗୁରୁଦେବ ଉକ୍ତ ମିଳନ ସମୟକୁ ନଜରରେ ରଖି ସେହି ସମୟରେ ଧର୍ମଧାରାର କର୍ମଯୋଗ ଆରମ୍ଭ ଓ ଅଭ୍ୟାସ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଅନ୍ୟ ସମୟରେ ଅଭ୍ୟାସ କଲେ ରଜ୍ଜୁଗୁର୍ଜରୀ ପ୍ରେରଣା ଦିଏ । କିନ୍ତୁ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ପୁନରାବୃତ୍ତି କରିବାର ଶ୍ରଦ୍ଧା, ନିଷ୍ଠା, ଜିଦ୍ ଯୋଗାଇ ପାରେ ନାହିଁ । କେବଳ ବିନ୍ଦୁବନ୍ଧୁରୀ ବା ଶୁଣଭୃଙ୍ଗ ବା ଉଭୟ ଏକତ୍ର ହେଲେ କର୍ମଟି ଅଭ୍ୟାସ କରିବାର ନିଷ୍ଠା ଜାଗ୍ରତ ନୁଏ । ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଇଛି - ଶିଷ୍ୟ, ଗୁରୁଙ୍କ ନିର୍ଦ୍ଦେଶିତ କର୍ମଧାରା ପ୍ରତିଦିନ ସଂପାଦନ କରେ । କେବଳ ନିୟମ ରକ୍ଷା କରିବାକୁ ବା ଗୁରୁଦେବଙ୍କ ଅଭିଶାପ ଭୟରେ । ମାତ୍ର ସେଥିରେ ଶ୍ରଦ୍ଧା, ଏକାଗ୍ରତା ବା ନିଷ୍ଠା ନ ଥାଏ । ତେଣୁ ବର୍ଷବର୍ଷ ଧରି କର୍ମଧାରା କରି ମଧ୍ୟ ସେଥିରେ ସୁଫଳ ମିଳେ ନାହିଁ । ଏହାର ଏକମାତ୍ର କାରଣ ହେଉଛି ଯେ କର୍ମଯୋଗ କରିବା ସମୟରେ ଆଲୋଚ୍ୟ କୋଷତ୍ରୟ ଏକତ୍ର ନ ଥାନ୍ତି । ପୃଥକ୍ ପୃଥକ୍ ସ୍ଥାନରେ ଅବସ୍ଥାନ କରିଥାଆନ୍ତି । ତେଣୁ କେବଳ ପ୍ରେରଣା ଆସେ । ନିଷ୍ଠା ଆସେ ନାହିଁ ବା ଅଭ୍ୟାସର ଜିଦ୍ ରହେ ନାହିଁ । ଯେଉଁମାନେ ଶ୍ରୀଗୁରୁ ନିର୍ଦ୍ଦେଶିତ ସମୟସୀମା ମଧ୍ୟରେ ଅଭ୍ୟାସ କରନ୍ତି, ସେମାନଙ୍କ ତ୍ରିକୋଷ ସେହି ସମୟରେ ଏକତ୍ର ଅବସ୍ଥିତ ଥିବାରୁ ପ୍ରତିଦିନ ସେହି ସମୟ ଉପସ୍ଥିତ ହେବା ମାତ୍ରେ ସେମାନଙ୍କର ଶରୀର, ମନ ସ୍ୱୟଂଚାଳିତ କ୍ରିୟାନୁସାରେ ଅଭ୍ୟାସ ଯୋଗ କରିବାପାଇଁ ବ୍ୟାକୁଳ ହୋଇଉଠନ୍ତି ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଏହି ଅଭ୍ୟାସ ବଳବତ୍ତର ହୋଇ ରହିଯାଏ । ସଂକ୍ଷେପରେ କହିବାକୁ ଗଲେ, ଜୀବର ସମସ୍ତ କର୍ମ ଅଭ୍ୟାସ ପାଇଁ ରଜ୍ଜୁଗୁର୍ଜରୀ କୋଷହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

### ୮. ଚେଇଁ ଶୋଇବା କର୍ମ ଓ ସ୍ୱୟଂ ଚାଳିକା ନିଦ୍ରା :

ଅଭ୍ୟାସର ପ୍ରଭାବରେ ନିର୍ଦ୍ଦିଷ୍ଟ ସମୟର ଉପନୀତ ହେଲେ ରଜ୍ଜୁଗୁର୍ଜ୍ଜରୀ ଜୀବକୁ ଶୋଇବାକୁ ବାଧ୍ୟ କରେ । ନିଦ୍ରା ଆସୁ ବା ନ ଆସୁ ଶରୀର ବସି ରହିବାକୁ କିମ୍ବା ଅନ୍ୟ କୌଣସି କର୍ମ କରିବାକୁ ଇଚ୍ଛୁକ ହୁଏ ନାହିଁ । ନିଦ ନ ହେଲେ ମଧ୍ୟ ଚେଇଁ କରି ଶୋଇ ରହେ । ରଜ୍ଜୁଗୁର୍ଜ୍ଜରୀ ଅଭ୍ୟାସ ଯୋଗୁଁ ଶରୀରକୁ ସିନା ଶଯ୍ୟା ଉପରକୁ ନେଇଯାଏ, କିନ୍ତୁ ମନକୁ ଆୟତ୍ତ କରିପାରେ ନାହିଁ । ତେଣୁ ଜୀବ ଶୋଇ ରହିଥିଲେ ମଧ୍ୟ ନିଦ୍ରା ଉପଭୋଗ କରିପାରେ ନାହିଁ । ଚେଇଁ ଶୋଇଥିବା ଅବସ୍ଥାରେ ଯଦି କୋଷଟି ଶୁଣ ଓ ବାହୁକନାଦର ସଂସ୍ପର୍ଶରେ ଆସିଥାଏ, ତେବେ ମନର ଭାବନା ସ୍ଥାଣୁ ହୋଇଯାଏ । ପରିଣାମରେ ଆପେ ଆପେ ନିଦ୍ରା ଆସିଯାଏ ଏବଂ ବ୍ୟକ୍ତିଟି ଶୋଇଯାଏ । ଯେତେବେଳେ କେବଳ ଶୁଣ ସହିତ ମିଳିତ ହୁଏ ସେତେବେଳେ ଜୀବ ଅର୍ଦ୍ଧଚେତନ ଅବସ୍ଥାରେ ରହିଯାଏ । ତାହା ଏକ ଅଦ୍ଭୁତ ଅବସ୍ଥା । ଜୀବକୁ ନିଦ୍ରା ଆସି ନ ଥାଏ କିମ୍ବା ସେ ଜାଗ୍ରତ ନ ଥାଏ ।ଏହା ଏକ କଷ୍ଟଦାୟକ ଅବସ୍ଥା । ମାତ୍ର ଯୋଗୀମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ସମୟ । ସେମାନେ ସର୍ବଦା ଏହି ଅବସ୍ଥାରେ ରହିବା ପାଇଁ ଭଲ ପାଆନ୍ତି । ବାହୁକନାଦ ସହ ଉକ୍ତ ଦୁଇବଂଧୁ ରଜ୍ଜୁଗୁର୍ଜ୍ଜରୀ ଓ ଶୁଣ ଏକତ୍ର ହୋଇଗଲେ ଜୀବର ସତ୍ତା ଲୋପ ପାଇଯାଏ । ସେ ହଠାତ୍ ସମସ୍ତ କୋଳାହଳ ସତ୍ତ୍ୱେ ସ୍ଥିତି ହରାଇ ନିଦ୍ରାଭିଭୂତ ହୋଇଯାଏ । ଶୁଣର ଅନୁପସ୍ଥିତିରେ ଯଦି ରଜ୍ଜୁଗୁର୍ଜ୍ଜରୀ କେବଳ ବାହୁକନାଦର ସଂସ୍ପର୍ଶରେ ରହି ନିଦ୍ରାଯାଏ, ତେବେ ସେ ନିଦ୍ରା ଗଭୀର ହେଲେ ମଧ୍ୟ ଶାନ୍ତି ନିଦ୍ରା ହୁଏ ନାହିଁ ଅର୍ଥାତ୍ ନିଦ୍ରାଟି ସ୍ୱପ୍ନପୂର୍ଣ୍ଣ ହୋଇଯାଏ । ବିଶେଷକରି ମନରେ ଶତ୍ରୁଭାବ ସୃଷ୍ଟି ହୋଇଥିବା ବ୍ୟକ୍ତିପ୍ରତି ପ୍ରତିହିଂସାମୂଳକ ସୂଚନା ଥାଇ ସ୍ୱପ୍ନ ପ୍ରଦର୍ଶିତ ହୁଏ । ଏତଦ୍‌ଭିନ୍ନ ସମସ୍ତ ମାନବଧର୍ମ ବିରୋଧି ସ୍ୱପ୍ନମାନ ରହି ନିଦ୍ରା ସୁନିୟନ୍ତ୍ରିତ ହୋଇପାରେ ନାହିଁ । ପୁନଶ୍ଚ ଜୀବକୁ ଅନେକ ସମୟ ଧରି ଶୋଇବାକୁ ବାଧ୍ୟ କରେ । ରଜ୍ଜୁଗୁର୍ଜ୍ଜରୀ, ଶୁଣ ଓ ବାହୁକ ପୃଥକ୍ ପୃଥକ୍ ହୋଇଗଲେ ଜୀବର ନିଦ୍ରା ଅପସରି ଯାଏ ଏବଂ ନିଦ୍ରା ପରବର୍ତ୍ତୀ ଅଭ୍ୟାସ କର୍ମ କରିବାର ପ୍ରେରଣା ରଜ୍ଜୁଗୁର୍ଜ୍ଜରୀ ଯୋଗାଇ ଦିଏ ।

○○○

''ମନ ଯଦି ତୋର ନିଜର ନ ହେଲା
ପରରେ କାହିଁକି ନିନ୍ଦୁ ?
ଆପଣା ବିଚାରେ ବିବେକକୁ ଭୁଲି
ପରମନ୍ଦେ ବୁଦ୍ଧି ଛନ୍ଦୁ ।।''

''ସରି ଆସିଲାଣି ଗୁପ୍ତ ଖେଳ ତୋର
ଏବେ ପଡ଼ିଯିବୁ ଧରା ।
ସେତେବେଳେ ତୁହି ବୁଝିବୁ ବାବୁ
ଅଟୁ ତୁ କେଡ଼େ ଚତୁରା ।''



# କଲ୍ୟାଣ ଦେଲି ତୋତେ

''ପଦ୍ମଚରଣରୁ କରୁଣାର ଧାରା
କଲ୍ୟାଣ ରସ ଢାଳି ।
ଅଜ୍ଞାନ ତିମିର ଦୂର କର ପ୍ରଭୁ
କାଳ କବଳକୁ ଟାଳି ।।''

*ଭଗବାନ ଶ୍ରୀ ଶ୍ରୀ ଠାକୁର ଯୁଗେଯୁଗେ ମଙ୍ଗଳମୟ । ସେ ସତ୍ୟ, ଶିବ ଏବଂ ସୁନ୍ଦର । ସେ କରୁଣାମୟ, କଲ୍ୟାଣମୟ । ଭକ୍ତ ସନ୍ତାନମାନଙ୍କର ସକଳ ବେଦନା ସେ ମର୍ମେ ମର୍ମେ ଅନୁଭବ କରନ୍ତି । ସେହି ମର୍ମଭୁଦ ଅନୁଭୂତିରୁ ସେ ଅବାରିତ କଲ୍ୟାଣଧାରା ଢାଳି ଦେଇ ବଦ୍ଧଜୀବର ଅଜ୍ଞାନଅନ୍ଧକାରକୁ ଦୂରୀଭୂତ କରନ୍ତି, କାଳର କରାଳ କବଳରୁ ପ୍ରିୟସନ୍ତାନଙ୍କୁ ରକ୍ଷା କରନ୍ତି । ଯୁଗେ ଯୁଗେ ଏହା ସତ୍ୟ, ଏହା ନିତ୍ୟ, ଏହା ସନାତନ । ଏହାର ପରିବର୍ତ୍ତନ ହୋଇନାହିଁ କି ହେବନାହିଁ । ଏଥିରେ କୌଣସି ବ୍ୟତିକ୍ରମ ନାହିଁ । ଆଜି ମଧ୍ୟ ପରମକଲ୍ୟାଣକାରୀ ଠାକୁରେ ପ୍ରିୟ ଭକ୍ତ ସନ୍ତାନମାନଙ୍କ ପାଇଁ ଅକୁଣ୍ଠିତ ଅବାରିତ କଲ୍ୟାଣର ଧାରା ଛୁଟାଇ ଚାଲିଛନ୍ତି ''ଚରମ''ର ପ୍ରତ୍ୟେକ ସଂଖ୍ୟାରେ ''କଲ୍ୟାଣ ଦେଲି ତୋତେ'' ଶୀର୍ଷକରେ । ଏ ସଂଖ୍ୟାରେ ମହାପ୍ରଭୁଙ୍କର କରୁଣା କୈବଲ୍ୟ ବୋଳା କଲ୍ୟାଣ ସେ ଦେଇଛନ୍ତି -*

## 'ଚରମ''ରେ ! ଧନ ମୋର !!

ମୋ କୋଳରୁ ଯିବା ଦିନ ଠାରୁ ଅନେକ ବାଧା, ଅସହନୀୟ ଯନ୍ତ୍ରଣା ଭୋଗ କରି କରି ତୁ କ୍ଳାନ୍ତ ହୋଇ ପଡ଼ିଲୁଣି । ପ୍ରକୃତିର ବାରମ୍ବାର ଆଘାତ ପାଇ ତୋର ମାନସିକ ବିକୃତି ଆସିଲାଣି । ତେଣୁ ମୋର କଥା ତୋତେ ଆଉ ମଧୁର ଲାଗୁନାହିଁ । ମୋ ପ୍ରତି ତୋର ମନରେ ସର୍ବଦା ଅଭିମାନ, ରୋଷ ସୃଷ୍ଟି ହୋଇଯାଉଛି । ପ୍ରତିକଥାରେ ମୋତେ ଦୋଷାରୋପ କରୁଛୁ । ତୋର ମନ ହେଉଛି ତୁ ଏପରି ଆଚରଣ କରି ଚାଲିଛୁ । ଯଦି ସେଥିରେ ତୁ ଆନନ୍ଦ ପାଉଛୁ ବା ତୋର ସମସ୍ୟାର ସମାଧାନ ହୋଇପାଉଛି ତେବେ ତାହାହିଁ କର । କିନ୍ତୁ ମୁଁ କ'ଣ କରିବି ? କଥା ଦେଇଛି ଯେତେବେଳେ, ତୋର ସମସ୍ତ କ୍ରୁର ବ୍ୟବହାର ସତ୍ତ୍ୱେ ମୁଁ ତୋତେ ନଜର ଦେଇ ବସିଛି । ମୁଁ କ'ଣ ତୋର ଆଚାର, ବ୍ୟବହାରରେ କେବେ ରୁଷ୍ଟ ହୋଇଛି ? ତୁ ଯିବା ଦିନ ଠାରୁ ଆଜିପର୍ଯ୍ୟନ୍ତ ବାଇଶିଥର ତୋତେ ମୁଁ ସତର୍କ କରି ଦେଇଛି । ଧର୍ମଧାରା ଦେଇ ତୋର ଜୀବନର ଗତିପଥ ନିର୍ଣ୍ଣୟ କରିବାର କୌଶଳ ବତାଇ

ଦେଇଛି । ତୁ ଯଦି ମୋ କଥାକୁ ଗୁରୁତ୍ୱ ଦେଇ କର୍ମଯୋଗ ଅଭ୍ୟାସ କରିଥାଆନ୍ତୁ ଆଜି କ'ଣ ତୋର ଏ ଅବସ୍ଥା ହୋଇଥାଆନ୍ତା ?

ପ୍ରଥମରୁ ବିଭିନ୍ନ ପର୍ଯ୍ୟାୟରେ ତୋତେ ନିରାପଦ ଆଚରଣ ସଂପର୍କରେ ବୁଝାଇ ଆସୁଛି । ସେହି ଆଲୋଚ୍ୟ ଶୃଙ୍ଖଳା ମଧ୍ୟ ଦେଇ ଗତି ନ କଲେ ଯେଉଁ ପରିଣାମ ହୁଏ, ତା ମଧ୍ୟ ''କର୍ମ ଓ କର୍ମଫଳ'' ଆକାରରେ କହି ସାରିଛି । ଯଦି ବା କିଛି ସେପରି କୁକର୍ମ ଜ୍ଞାତସାରରେ ବା ଅଜ୍ଞାତସାରରେ ହେଉ କରିଛୁ, ତା'ର ପ୍ରତିକାର ଓ ପ୍ରତିରୋଧ ପ୍ରଣାଳୀ ମଧ୍ୟ ଦେଇଛି । ତଥାପି ଯେବେ ତୁ ଅବୁଝା ହୋଇ ରହିବୁ, ତେବେ କାହାରି କିଛି କରିବାର ନାହିଁ ।

ସ୍ଥିରମନରେ ଚିନ୍ତା କରି ଦେଖିଲୁ : ତୋର ପିତା (ସ୍ରଷ୍ଟା) ତୋ ପାଇଁ ଏ ଧରିତ୍ରୀକୁ କେତେ ସୁନ୍ଦର ଭାବରେ ସଜାଇ ରଖିଛନ୍ତି ? ସେଗୁଡ଼ିକୁ ଉଚିତ୍ ମାର୍ଗରେ ଉପଯୋଗ ନ କରି ଯେବେ ଦୁରୁପଯୋଗ କରିବୁ, ତେବେ ଦୋଷ କାହାର କହିଲୁ ? ଅନ୍ଧକାର ନାଶ କରିବା ପାଇଁ ଆଲୋକର ସୃଷ୍ଟି ହୋଇଛି । ତୋର ଘରର ଅନ୍ଧାରକୁ ଦୂର କରିବା ପାଇଁ ତୁ ବତୀଟିଏ ଜଳାଇଛୁ । ବତୀଟିର ଧର୍ମ ସେ କେବଳ ଆଲୋକ ପ୍ରଦାନ କରିବ । କିନ୍ତୁ ସେ ଆଲୋକରେ ତୁ ପୁଣ୍ୟକର୍ମ କରିବୁ, ବା କୌଣସି କର୍ମ ନ କରି ଶୋଇଯିବୁ, ସେଥିରେ ତା'ର କୌଣସି ସମ୍ପର୍କ ନାହିଁ । ସେ ତା' କର୍ମ କରୁଛି । ତୁ ତୋ କର୍ମ କରିବୁ ଓ କର୍ମଟିର ଫଳାଫଳ ପାଇଁ ତୁ ହିଁ କେବଳ ଦାୟୀ ହେବୁ । ସେହିପରି ତୋର ମନରେ ସର୍ବଦା ଆନନ୍ଦ ଭରି ଦେବାପାଇଁ ପ୍ରକୃତି କେତେ ସୁନ୍ଦର ଫଳ, ଫୁଲ ଆଦି ରଚନା କରିଛନ୍ତି । ଅନେକଥର ପ୍ରସଙ୍ଗ କ୍ରମେ ତୋତେ କହିଛି, ଏ ସୃଷ୍ଟିର ପ୍ରତ୍ୟେକ ବସ୍ତୁରେ ତୋରି ପିତାଙ୍କର ସୂକ୍ଷ୍ମସତ୍ତା ହିଁ ବିରାଜମାନ କରିଛି । ସେ ନିଜେ ପ୍ରାକୃତିକ ସୌନ୍ଦର୍ଯ୍ୟର ରୂପ ନେଇ ତୋତେ ଆନନ୍ଦ ଦେବାପାଇଁ ଅନେକ ଭାବରେ ଉପସ୍ଥିତ ଅଛନ୍ତି । ତୁ ଯଦି ସେହି ବସ୍ତୁଗୁଡ଼ିକୁ ତୋର ପିତାଙ୍କର ରୂପାନ୍ତରିତ ଅବସ୍ଥା ଭାବରେ କଳ୍ପନା କରି ଉପଭୋଗ କରିପାରନ୍ତୁ ଏବଂ ସେହି ଅନୁଭବ ଜ୍ଞାନକୁ ଅଭ୍ୟାସ ସୂତ୍ରରେ ସିଦ୍ଧିପ୍ରାପ୍ତି ପର୍ଯ୍ୟାୟକୁ ନେଇ ଆସିପାରନ୍ତୁ, ତେବେ କେଉଁ ସ୍ତରରେ ପହଞ୍ଚିପାରନ୍ତୁ କହିଲୁ । କିନ୍ତୁ ତା ପରିବର୍ତ୍ତେ ତୁ ସେଗୁଡ଼ିକୁ କେବଳ ସ୍ଥୂଳ ଓ କ୍ଷଣିକ ଉପଭୋଗର କାମନାରେ ନଷ୍ଟ କରି ଦେଉଛୁ । ଗଛରେ ଫୁଲଟିଏ ଫୁଟି କେତେ ସୁନ୍ଦର ଦିଶୁଛି । ତୁ କିନ୍ତୁ ଫୁଲଟିକୁ ଛିଣ୍ଡାଇ ଦଳିଚକଟି ଫିଙ୍ଗି ଦେଉଛୁ । ଚିନ୍ତାକଲୁ ସେଠାରେ କ'ଣ କରୁଛୁ ? ତୋ'ର ହାତରେ ଜମି ଖଣ୍ଡିଏ ଦିଆଯାଇଛି । ଜମିରେ ଚାଷ କରିବା ପାଇଁ ସାମର୍ଥ୍ୟ ଓ ସରଞ୍ଜାମ ଯୋଗାଇ ଦିଆ ହୋଇଛି । ବୁଣିବାପାଇଁ ବୀଜ ମଧ୍ୟ ଦିଆଯାଇଛି । ମାତ୍ର ତୁ ଯଦି ଜମି ଚାଷ କରିବୁ ନାହିଁ ଓ ଜମିକୁ ପଡ଼ିଆ ରଖି ତାକୁ ଅନାବନା ଜଙ୍ଗଲରେ ପରିଣତ କରିବାର ସୁଯୋଗ ଦେବୁ ତେବେ ଫସଲ କେଉଁଠୁ ପାଇବୁ ? ନିଜର ଅପାରଗତାକୁ ବିଚାରକୁ ନ ନେଇ, ଶ୍ରମ ପାଇଁ ବ୍ୟାକୁଳ ନ ହୋଇ ଅଯଥାରେ ଭାଗ୍ୟକୁ ନିନ୍ଦା କରି ଭଗବାନଙ୍କ ଉପରେ ଦୋଷାରୋପ କଲେ ଲାଭ କ'ଣ ହେବ ? ଚିନ୍ତାକରି ଦେଖ୍ ! ତୋ'ର ମଙ୍ଗଳପାଇଁ, ପାଳନପାଇଁ ତୋତେ ଯାହା ଦିଆଯାଇଛି, ଦିଆଯାଉଛି, ତାକୁ କାର୍ଯ୍ୟରେ ଲଗାଇ ଫଳପ୍ରାପ୍ତି ପାଇଁ ସାମାନ୍ୟତମ ଚେଷ୍ଟା ମଧ୍ୟ କରୁନାହୁଁ । ଯାହାର ମାଧ୍ୟମ ଦେଇ ତୋ'ର କଲ୍ୟାଣମୟ ପିତା ତୋ ସମ୍ମୁଖରେ ସର୍ବଦା ଉପସ୍ଥିତ ରହି ତୋତେ ପୂର୍ଣ୍ଣାଙ୍ଗ କରିବାପାଇଁ ପ୍ରସ୍ତୁତ ହେଉଛନ୍ତି, ତୁ କ୍ରମାଗତ ଭାବରେ ସେ ମାଧ୍ୟମକୁ ନଷ୍ଟ କରି ଚାଲିଛୁ । କିନ୍ତୁ କେବେ ମଧ୍ୟ ବୁଝିବାକୁ ଯତ୍ନ କରିନାହୁଁ, ସବୁଥାଇ କାହିଁକି ସର୍ବହରା ହୋଇଛୁ ? ପୁଣିଥରେ ବୁଝାଇ ଦେଉଛି, ମନେ ରଖିବୁ ।

ସ୍ମରଣ କଲୁ ! ତୁ ଯେତେବେଳେ ମୋ ନିକଟକୁ ଆସିଥିଲୁ, କେଉଁ ଅବସ୍ଥାରେ ଥିଲୁ ? ମୋହ, ମାୟାରୁ ସୃଷ୍ଟି ସମସ୍ତ ଅଳୀକ ବସ୍ତୁରେ ବୁଡ଼ି ରହି ଦୁଃଖକୁ ସୁଖ ମନେ କରି ଜୀବନ କଟାଇଥିଲୁ । ସେହିସବୁ ବନ୍ଧନ ସୂତ୍ରକୁ ଆହୁରି ଦୃଢ଼ କରି ତା'ରି ମଧ୍ୟରେ ହଜି ଯିବାପାଇଁ ପ୍ରାର୍ଥନା କରୁଥିଲୁ । ପାର୍ଥୀବ ବସ୍ତୁ ପ୍ରାପ୍ତି ପାଇଁ ଅଳି କରୁଥିଲୁ ।

କାରଣ ସୃଷ୍ଟିଚକ୍ରର ବନ୍ଧନ କ୍ରିୟା ଓ ତାହାର ଫଳାଫଳ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ ଥିଲୁ । ଯାହାକୁ ''ମୋର ମୋର କହୁଥିଲୁ ସେ ଯେ ବାସ୍ତବରେ ତୋର ନୁହେଁ ଏକଥା ପାଶୋରି ଦେଇଥିଲୁ । ତୁ ଯେତେବେଳେ ଧରିତ୍ରୀକୁ ଆସିଛୁ ସଂଗରେ କାହାରିକୁ ଆଣିନାହୁଁ । ଯିବାବେଳେ ମଧ୍ୟ ତୋ ସାଙ୍ଗରେ କେହି ଯିବେ ନାହିଁ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାହା ପାର୍ଥୀବ ବସ୍ତୁ ପାଇଛୁ, ପାଉଛୁ ଓ ପାଇବୁ ସେଗୁଡ଼ିକର ମାଲିକ ଆଜି ତୁ ହୋଇଛୁ । ଆସନ୍ତାକାଲି ତୁ ଯିବା ପରେ ତା'ର ମାଲିକ ଆଉ କେହି ଜଣେ ହେବ । ତେଣୁ ସେଗୁଡ଼ିକ ତୋର କିପରି ହେଲା ? ତେଣୁ ଏ ସମସ୍ତ ବିଷୟ ତୋତେ ବୁଝାଇ ଦେଇ ଯେଉଁ ବସ୍ତୁ ତୋ ସାଙ୍ଗରେ ଛାଇ ପରି ଯିବ ସେହି ଅମ୍ଳାନ ବସ୍ତୁ ଧାରା ମାଧ୍ୟମରେ ତୋତେ ଦେଇ ପଠାଇଥିଲି । ପ୍ରଥମ ପର୍ଯ୍ୟାୟରେ ଶ୍ରଦ୍ଧା, ଭକ୍ତି, ବିଶ୍ୱାସର ସହ ମୋତେ ଲକ୍ଷ୍ୟ କରି ତୋର କର୍ମଧାରା ଅଭ୍ୟାସରେ ଲାଗିଗଲୁ । ବହୁତ ଖୁସି ହେଲି । ଆନନ୍ଦ ଓ ଗର୍ବରେ ମୋ ଅନ୍ତର ପୂର୍ଣ୍ଣ ହୋଇଗଲା । କିନ୍ତୁ ତା ପରେ କ'ଣ ହେଲା ? ଗୋଟିଏ ଛୋଟିଆ ଗପ କହୁଛି ଶୁଣ୍ ।

ଏକ ପରିତ୍ୟକ୍ତ ଘରେ କେତେଜଣ ଖଣ୍ଡ, ତସ୍କର, ଚୋର ଓ ଡ଼କାୟତ ଏକତ୍ର ରହୁଥିଲେ । ପରସ୍ପରଙ୍କର ମିତ୍ରତା ଖୁବ୍ ନିବିଡ଼ । ଜଣକ ଉପରେ ବିପଦ ଆସିଗଲେ ଅନ୍ୟମାନେ ମିଳିତ ହୋଇ ବିପଦର ସାମ୍ନା କରନ୍ତି ଏବଂ ବିପଦକୁ ଦୂର କରି ପୁଣି ଆନନ୍ଦରେ ଆସ୍ଥାନ ଜମାଇ ଦିଅନ୍ତି । ଏମାନେ ଅତ୍ୟନ୍ତ ନିଷ୍ଠୁର, କ୍ରୁର ଓ ଦୁଷ୍ଟବୁଦ୍ଧି ସଂପନ୍ନ ହୋଇଥିବାରୁ ଏମାନଙ୍କ ସଂଗରେ ଶତ୍ରୁତା କରିବାକୁ ସେହି ସାହସ କରନ୍ତି ନାହିଁ କିମ୍ବା ସେ ଘରକୁ ନିଜ ଆୟତ୍ତକୁ ନେବା ପାଇଁ ଚେଷ୍ଟା କରନ୍ତି ନାହିଁ । ବିଜୟ ଉଲ୍ଲାସରେ ଉନ୍ମତ୍ତ ହୋଇ ଘରଟିକୁ ନିଜର ନିରାପଦ ବାସଗୃହରେ ରୂପାନ୍ତରିତ କରି ରହିଥିବା ସମୟରେ ସେମାନଙ୍କ ଉପରେ ଅଚାନକ ଏକ ବିପଦ ମାଡ଼ିଆସିଲା । ସେ ଗୃହଟି ଯେଉଁ ରାଜାଙ୍କ ଅଧୀନରେ ଥିଲା, ସେ ରାଜା ତାଙ୍କର ବିଶ୍ୱସ୍ତ ସୈନ୍ୟବାହିନୀଙ୍କୁ ନିର୍ଦ୍ଦେଶ ଦେଲେ ରାଜ୍ୟରୁ ଚୋରି, ଡ଼କାୟତି ଇତ୍ୟାଦି ଲୋପ କରାଇ ଶାନ୍ତି ପ୍ରତିଷ୍ଠା କରାଇବାକୁ କଠୋର ପଦକ୍ଷେପ ନେବା ପାଇଁ । ସେହି ନିର୍ଦ୍ଦେଶରେ ସେମାନେ ରାଜ୍ୟସାରା ଘୁରିବୁଲିବା ଅବସ୍ଥାରେ ଏହି ଗୁପ୍ତ ଆଡ୍ଡା ନଜରକୁ ଆସିଲା । ତେଣୁ ଘରଟିକୁ ଦୁଷ୍ଟଶକ୍ତିମାନଙ୍କ କବଳରୁ ଉଦ୍ଧାର କରିବାକୁ ସେମାନେ ସଂକଳ୍ପ ନେଲେ । ପ୍ରଥମେ ସୈନ୍ୟମାନେ ସେମାନଙ୍କୁ ଭଲରେ ଭଲରେ ଘର ଛାଡ଼ିବାକୁ ବୁଝାଇ କହିଲେ । ନିଜେ ମତ୍ତଗର୍ବରେ ବୁଡ଼ି ରହିଥିବାରୁ ସୈନ୍ୟବାହିନୀ ଶକ୍ତିକୁ ସେମାନେ ହେୟଜ୍ଞାନ କଲେ । ପରିଣାମରେ ଉଭୟପକ୍ଷଙ୍କ ମଧ୍ୟରେ ବଳ କଷାକଷି ହୋଇ ସେହି ଘରଟି ହିଁ ଯୁଦ୍ଧକ୍ଷେତ୍ର ହୋଇଗଲା । ଶେଷରେ ରାଜଶକ୍ତି ନିକଟରେ ପରାସ୍ତ ହୋଇ ସେମାନେ ଧ୍ୱଂସ ହେଲେ । କିନ୍ତୁ ଯୁଦ୍ଧର ପ୍ରଭାବରେ ଘରଟିର ଅନେକ କ୍ଷତି ହୋଇଗଲା । ରାଜାଙ୍କ ନିର୍ଦ୍ଦେଶରେ ଘରଟି ପୁନରୁଦ୍ଧାର ହୋଇ ସାଧୁ, ସନ୍ଥମାନଙ୍କର ଆଶ୍ରୟସ୍ଥଳୀରେ ପରିଣତ ହେଲା ।

ଏହି ଗଳ୍ପଟିରୁ କ'ଣ ବୁଝିଲୁ କହିଲୁ ? ମୋ ପାଖକୁ ଯେତେବେଳେ ଆସିଲୁ ତୋର ଶରୀର ରୂପକ ଘରଟିରେ କାମ, କ୍ରୋଧ, ଲୋଭ, ମୋହ, ମାୟା, ହିଂସା, ପରଶ୍ରୀକାତରତା ଆଦି ଅନେକ ଚୋର, ଖଣ୍ଡ, ତସ୍କର ଓ ଡ଼କାୟତ ମାନେ ଦୀର୍ଘଦିନ ଧରି ବସାବାନ୍ଧି ରହିଥିଲେ ଏବଂ ତୋତେ ସେମାନଙ୍କର ଖେଳନା ଭାବରେ ବ୍ୟବହାର କରୁଥିଲେ । ତୋତେ ଯେଉଁ ଧାରା ଦେଲି, ସେହି କର୍ମଯୋଗ କରିବା ମାତ୍ରେ ବୀଜମନ୍ତ୍ରର ପ୍ରଭାବ ବିଶାଳ ସୈନ୍ୟବାହିନୀର ସ୍ୱରୂପ ଧାରଣ କରି ଘରଟିରେ ଥିବା ଶତ୍ରୁମାନଙ୍କୁ ଆକ୍ରମଣ କଲେ । ଶତ୍ରୁମାନେ ମଧ୍ୟ ଅନୁରୂପ ସାମର୍ଥ୍ୟ ପ୍ରଦର୍ଶନ କରି ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ଚେଷ୍ଟା କଲେ । ଫଳରେ ସଂଘର୍ଷ ହେଲା । ଶରୀରଟି ଯୁଦ୍ଧକ୍ଷେତ୍ର ହୋଇଗଲା । ଶତ୍ରୁମାନଙ୍କ ପାପାସକ୍ତ ଆଧିପତ୍ୟରେ ବଶ୍ୟତା ସ୍ୱୀକାର କରି ଶରୀରଟି ଯେଉଁ ମିଥ୍ୟା ଶକ୍ତି ଉପଭୋଗ କରୁଥିଲା ସେଥିରେ ବାଧାସୃଷ୍ଟି ହେଲା । ତାହାକୁ ତୁ ଅଶାନ୍ତି ବୋଲି ବିଚାର କରି ମ୍ରିୟମାଣ ହେଲୁ । ତୋର ଏହି ଦୁର୍ବଳତାକୁ ଖୁବ୍ ନିବିଡ଼ ଭାବରେ ଲକ୍ଷ୍ୟ କଲେ ତୋର ଘରର ସେହି

ବିନାଶକାରୀ ଶତ୍ରୁମାନେ । ସଂଘର୍ଷରେ ସେମାନଙ୍କର ପରାଜୟ ଅବଶ୍ୟମ୍ଭାବୀ ଚିନ୍ତାକରି ସେମାନେ ତୋର ଦୁର୍ବଳତାକୁ ଆଶ୍ରୟ କଲେ ଏବଂ ସେମାନେ ସୃଷ୍ଟି କରିଥିବା କ୍ଷଣିକ ସୁଖ, ଶାନ୍ତି ସପକ୍ଷରେ ଦୃଢ଼ଯୁକ୍ତି ଉପସ୍ଥାପନା କରି ତୋତେ ପୁଣି ଥରେ କବଳିତ କରି ଦେଲେ । ତୁ ମଧ୍ୟ ସେମାନଙ୍କ ଉପସ୍ଥାପନାକୁ ଖୁବ୍ ସହଜରେ ଗ୍ରହଣ କରିନେଲୁ । କାରଣ ପ୍ରଥମରୁ ସେମାନଙ୍କ ପ୍ରଦତ୍ତ ମିଥ୍ୟାସୁଖରେ ତୁ ଅଭ୍ୟସ୍ତ ହୋଇଯାଇଥିଲୁ । ଆଧ୍ୟାତ୍ମିକ ଚେତନାର ଅନୁପସ୍ଥିତିରେ ତୋର ଘରଟି ସେମାନଙ୍କ ଆୟତ୍ତାଧୀନ ହୋଇ ଯାଇଥିଲା । ତେଣୁ ତୁ ସଂଘର୍ଷର ଶେଷ ପର୍ଯ୍ୟନ୍ତ ଅପେକ୍ଷା ନ କରି ଧର୍ମଧାରାରୁ ସୃଷ୍ଟ ସୈନ୍ୟବାହିନୀକୁ ନିଷ୍କ୍ରିୟ କରାଇଦେଲୁ । ଧାରା ଠିକ୍‌ଭାବରେ କଲୁନାହିଁ, ସମୟାନୁବର୍ତ୍ତୀ ହେଲୁନାହିଁ । ଗୁରୁଙ୍କ ପ୍ରତି ଆଉ ପୂର୍ବପରି ନିଷ୍ଠା ଭକ୍ତି ଓ ବିଶ୍ୱାସ ରଖିଲୁ ନାହିଁ । ସୁତରାଂ ସେହି ଶତ୍ରୁମାନେ ପୁନଶ୍ଚ ସେମାନଙ୍କର ଆସ୍ଥାନ ଫେରି ପାଇ ନିରାପଦରେ ରହିଗଲେ । ଯଦି ଗୁରୁ ଶ୍ରଦ୍ଧାକରି କେତେବେଳେ ସେ ଶତ୍ରୁମାନଙ୍କୁ କିଛି ଦଣ୍ଡବିଧାନ କରିବାକୁ ଚାହିଁଲେ, ସେତେବେଳେ ତୁ କୌଣସି ବିଚାର ନ କରି, ବୋଧଶକ୍ତି ପ୍ରୟୋଗ ନ କରି ବୃଥା ଅଭିମାନରେ କେବଳ ଗୁରୁଙ୍କୁ ଦୋଷାରୋପ କରି ଚାଲିଲୁ । ତୋର ପୂର୍ବାପର ଅବସ୍ଥାକୁ ତୁଳନାକରି ଅନୁତପ୍ତ ହେଲୁ । ଘରେ (ଶରୀର) ଥିବା ତୋର ପ୍ରିୟଜନମାନେ ସେଥିପାଇଁ ତୋତେ ଉତ୍ସାହିତ କଲେ । ମୋ ଠାରୁ ଦୂରେଇ ଯିବା ପାଇଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ତୋତେ ବାରମ୍ବାର ପ୍ରେରଣା ଦେଲେ । ଆଜି ତୁ ସେଇ ଅଘଟଣର ଶିକାର ହୋଇ ନାନାଦି ଯାତନା ଭୋଗ କରୁଛୁ । ମାତ୍ର ଅଯଥାରେ ମୋତେ ଦୋଷାରୋପ କରୁଛୁ । ମୁଁ କଥା ଦେଇଥିଲି, ଏବେ ମଧ୍ୟ ମୋ କଥାରେ ମୁଁ ଅଟଳ ଅଛି, ତୋର ଘର ପରିଷ୍କାର କରି ପୁନଃପ୍ରତିଷ୍ଠା ନିଶ୍ଚୟ କରିବି ।

ରେ ମୋର ଅବୁଝା ! ମନ ଉଣା କର ନା । ଏବେ ମଧ୍ୟ ସମୟ ଅଛି । ତେତେ ଦେଇଥିବା ଧାରା ଏବେ ମଧ୍ୟ ଅମିତ ଶକ୍ତିରେ ପୂର୍ଣ୍ଣଅଛି । ତୁ ଧର୍ମଧାରାକୁ ପୁଣିଥରେ ସକ୍ରିୟ କରି ଆଗେଇନେ । ଉଚିତ ମାର୍ଗରେ ପରିଚାଳିତ କରି ତୋର ଶତ୍ରୁମାନଙ୍କୁ କବଳିତ କରିଦେ । ତୋର ଶରୀର ରୂପକ ଗୃହକୁ ମନ୍ଦିର ସଜାଇ ଦେ । ସେହି ମନ୍ଦିରରେ ତୋ ମନର ପ୍ରିୟତମ-ଦେବତାଙ୍କୁ ସବୁଦିନ ପାଇଁ ପ୍ରତିଷ୍ଠିତ କରାଇଦେ ।

ତୋର ଅନ୍ତରର ସେହି ଶ୍ରଦ୍ଧା ପୂର୍ଣ୍ଣ ନିମନ୍ତ୍ରଣକୁ ଅପେକ୍ଷା କରି ଏଥରକ ଏତିକିରୁ ରହୁଛି -

ତୋର

ଚିରମଂଗଳାକାଂକ୍ଷୀ

ପିତା

୦୦୦

''ଲଲାଟେ ଲୟ ଯୋଖି ଆଖି ।
ପରମ ଆତ୍ମାକୁ ନିରେଖି ।।
ନିରତେ ଲୟ ନିରଞ୍ଜନ ।
ପିଣ୍ଡେ ବ୍ରହ୍ମାଣ୍ଡେ ଦିଏ ମନ ।।''

''ପିଣ୍ଡରେ ପିଣ୍ଡ ତତ୍ତ୍ୱଜ୍ଞାନ ।
ବ୍ରହ୍ମାଣ୍ଡେ ଅଂଶେ ବ୍ରହ୍ମଜ୍ଞାନ ।।
ସେ ଜ୍ଞାନ ଚକ୍ଷୁ ଦିଏ ଖୋଲି ।
ହେତୁ, ଚେତନ ଭକ୍ତି ଝୁଲି ।।''

# କେଶବ କୈବଲ୍ୟ କଣିକା

୧। ଫୁଲରେ ବାସନା ଓ ଦର୍ପଣରେ ଛାଇ ଥିଲା ପରି ଭଗବାନ ଆମରି ଭିତରେ ହିଁ ରହିଛନ୍ତି । ସେହି ଦିବ୍ୟଶକ୍ତିକୁ ବୁଝିବାକୁ ଚେଷ୍ଟା କର ।

୨। ସବୁବେଳେ ମନେରଖ - ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ତୁମର ଅତି ଆପଣାର ବା ପ୍ରିୟତମ ନୁହଁନ୍ତି ।

୩। ଯେଉଁଠାରେ ଶଙ୍ଖ, ସେଠାରେ ଶ୍ରୀହରି ଓ ଶ୍ରୀଲକ୍ଷ୍ମୀଦେବୀ ସର୍ବଦା ଅବସ୍ଥାନ କରନ୍ତି ।

୪। ଶ୍ରୀବିଷ୍ଣୁ ଚରଣାମୃତ ପାନ କଲେ, କୋଟି ଜନ୍ମର ପାପ ନଷ୍ଟ ହୁଏ ।

୫। ସମସ୍ତ ପ୍ରକାର ଓଷା, ବ୍ରତ ଓ ଉପବାସ ଫଳରେ ଯେତିକି ପୁଣ୍ୟ ଲାଭ ହୁଏ, ଥରେ ମାତ୍ର ଶ୍ରୀବିଷ୍ଣୁ ନୈବେଦ୍ୟ ଭକ୍ଷଣ ଫଳରେ ସେତିକି ପୁଣ୍ୟ ଲାଭ ହୋଇଥାଏ ।

୬। କୌଣସି ଦ୍ରବ୍ୟ ବା ପଦାର୍ଥ ମଇଳା ହୋଇଗଲେ, ତା'କୁ ସଫା କରିବା ପାଇଁ କିଛି ନା କିଛି ବ୍ୟବସ୍ଥା ରହିଛି । ମନ ବା ହୃଦୟରେ ସେହିପରି ମଇଳା ଲାଗିଗଲେ, ତାକୁ ପରିଷ୍କାର କରିବା ପାଇଁ ଭଗବାନଙ୍କର ଦିବ୍ୟନାମ ବ୍ୟତୀତ ଅନ୍ୟକିଛି ନାହିଁ ।

୭। କାହାରିକୁ ଭଲ ପାଇବାକୁ ହେଲେ,ସେଥିପାଇଁ କିଛି କଷ୍ଟ ସହିବାକୁ ପଡ଼େ । ମାତ୍ର ଭଗବାନଙ୍କୁ ଭଲ ପାଇଲେ, ସେ ତୁମ ପାଇଁ ବହୁତ କଷ୍ଟ ସହି ପାରନ୍ତି ।

୮। ନିଜକୁ ଜୟ କରିବାର ଯୁଦ୍ଧ ହିଁ ସବୁଠାରୁ ବଳି ବଡ଼ ଧର୍ମଯୁଦ୍ଧ । ତୁମେ ଏହି ଧର୍ମ ଯୁଦ୍ଧର ଯୋଦ୍ଧା ହୁଅ । ଏହାହିଁ ତୁମକୁ ମୋର କଲ୍ୟାଣ ।

୯। ଅନ୍ୟକୁ ମାରିବା ପାଇଁ କିଛି ନା କିଛି ଶକ୍ତିଶାଳୀ ଅସ୍ତ୍ର ଆବଶ୍ୟକ ହୁଏ । ମାତ୍ର ନିଜକୁ ହତ୍ୟା କରିବା ପାଇଁ ସାମାନ୍ୟ ଛୁଞ୍ଚିଟିଏ ମଧ୍ୟ ଯଥେଷ୍ଟ ।

୧୦। କୌଣସି ବସ୍ତୁ ପ୍ରତି ଆସକ୍ତ ହେବାର ଅର୍ଥ ହେଉଛି ଅନ୍ଧ ଓ ବଧିର ହେବାର କାରଣ ବସ୍ତୁର ଦୃଷ୍ଟିଶକ୍ତି କିମ୍ବା ବାକ୍‌ଶକ୍ତି ନ ଥାଏ । ଯେଉଁ ବ୍ୟକ୍ତି ବସ୍ତୁପ୍ରତି ଆସକ୍ତ ନୁହେଁ, ସେ ଅନ୍ଧ ନୁହେଁ କିମ୍ବା ବଧିର ମଧ୍ୟ ନୁହେଁ ।

୧୧। ଅନ୍ୟର ଦୁଃଖ ଦେଖି ଯାହା ମନରେ କଷ୍ଟହୁଏ, ସେ ମହାତ୍ମା । କାହାରି କଷ୍ଟ ଦେଖି ଯାହାର ମନରେ ସାମାନ୍ୟତମ ଦୟାଭାବ ସୃଷ୍ଟିହୁଏ ନାହିଁ, ସେ ପାପାତ୍ମା ବ୍ୟତୀତ ଅନ୍ୟ କିଛି ନୁହେଁ ।

୧୨। ଅଜ୍ଞତା ଧ୍ୱଂସ ଆଡ଼କୁ ଟାଣି ନିଏ । ଈର୍ଷା ଓ ସ୍ୱାର୍ଥପରତା ବନ୍ଧୁତା ନଷ୍ଟ କରିଦିଏ । ଘୃଣା ଏକ ଦୁଃସହ ଜ୍ୱର ଏବଂ ଜ୍ଞାନ ହିଁ ସବୁଠାରୁ ବଡ଼ ଚିକିତ୍ସକ ।

୧୩। କାହାରିକୁ ମାରିବାକୁ ହାତ ଉଠାଅ ନାହିଁ କିମ୍ବା ଅନ୍ୟାୟରେ କାହାଠାରୁ କିଛି ନେବା ପାଇଁ ହାତ ପାତି ଦିଅ ନାହିଁ । ଅନ୍ୟର ସେବା ପାଇଁ ହାତ ଉଠାଅ ଓ ଶ୍ରୀଗୁରୁଙ୍କ ଆଶିଷ ଲାଭ ପାଇଁ ହାତ ପାତିଦିଅ ।

୧୪। ଯାହା କହୁଛ, ତାହା ତୁମ ନିଜ ବିରୁଦ୍ଧରେ ଗଲେ ମଧ କେବେହେଲେ ମିଛ ନ କହିବା ପାଇଁ ପ୍ରତିଜ୍ଞା କର ।

୧୫। ଗୋଟିଏ କଥା ସବୁବେଳେ ମନେରଖ - ତୁମେ ଅମାପ ଧନଶାଳୀ ଓ ଅସୀମ ବଳଶାଳୀ ହେଲେ ମଧ୍ୟ, ଏ ସଂସାରରେ ତୁମେ ସାମାନ୍ୟତମ ଓ ନଗଣ୍ୟ; କିଛି ନୁହେଁ କହିଲେ ଚଳେ । ଚିନ୍ତାକରି ଦେଖ :ତୁମର ଏହି ସୁନ୍ଦର ଓ ବିଶାଳ ଶରୀରଟିର ସର୍ବଶେଷ ପରିଣତି ହେଉଛି ମୁଠାଏ ପାଉଁଶ ମାତ୍ର ।

୧୬। ଯେଉଁ ସୁଖ ବା ଆନନ୍ଦ କ୍ଷଣସ୍ଥାୟୀ ବା ଅନିତ୍ୟ, ସେଥିପ୍ରତି ମୋଟେ ଆସକ୍ତ ହୁଅ ନାହିଁ । ଚିରସ୍ଥାୟୀ ଓ ନିତ୍ୟ ଆନନ୍ଦ ବା ଶାନ୍ତି ପ୍ରତି ମନର ଆକର୍ଷଣ ବଢ଼ାଇଚାଲ । ଦିନେ ନା ଦିନେ ଅବଶ୍ୟ ତାହା ନିଶ୍ଚୟ ପାଇବ ହିଁ ପାଇବ ।

୧୭। କୌଣସି ସମସ୍ୟାର ସମାଧାନରେ ଅସଫଳ ହେଲେ, ଜ୍ଞାନବୃଦ୍ଧମାନଙ୍କର ପରାମର୍ଶ ନିଃସଙ୍କୋଚରେ ଗ୍ରହଣ କର । ସେମାନେ ତୁମକୁ ଉଚିତ ମାର୍ଗ ଦେଖାଇ ଦେବେ ।

୧୮। ଯଦି ଶାନ୍ତିରେ ଅବଶିଷ୍ଟ ଜୀବନ ବଞ୍ଚିବାକୁ ଚାହୁଁଛ, ତେବେ ସମସ୍ତ ସାଂସାରିକ ଦୁର୍ଭାବନାରୁ ନିଜର ମନକୁ ମୁକ୍ତ ରଖି ପ୍ରଭୁଙ୍କର ଦିବ୍ୟନାମ ମାନସ ଜପ କର । ନଚେତ୍ ଜୀବନକାଳରେ ହିଁ ନରକଯନ୍ତ୍ରଣା ନିଶ୍ଚୟ ଭୋଗ କରିବାକୁ ପଡ଼ିବ ।

୧୯। ଯେତେ ଇଚ୍ଛା ବନ୍ଧୁ ସୃଷ୍ଟି କରିଚାଲ । ଭ୍ରାତୃତ୍ୱପୂର୍ଣ୍ଣ ବନ୍ଧୁତ୍ୱ ଜୀବନର ଚିରସବୁଜ ଉପତ୍ୟକା । ଜଣେ ହେଲେ ଶତ୍ରୁ ସୃଷ୍ଟି କରନାହିଁ । ଶତ୍ରୁତା ହିଁ ଜୀବନର ଶୁଷ୍କ ମରୁବାଲି ।

୨୦। କେବେହେଲେ ଅକାରଣ ଅବାସ୍ତବ କଳ୍ପନାରେ ବିଭୋର ହୁଅ ନାହିଁ । ସବୁବେଳେ ବାସ୍ତବବାଦୀ ହୁଅ । ଅନ୍ୟକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକାଇବାକୁ ଚେଷ୍ଟାକର ନାହିଁ । ନିଜେ ଠକିଯିବ । ହତାଶ ହେବ ।

୨୧। ସବୁବେଳେ ମନେରଖ : ତୁମେ ନିଜେ ତୁମର ପ୍ରଭୁ ନୁହଁ କି ପରିଚାଳକ ମଧ୍ୟ ନୁହଁ । ତୁମେ କୌଣସି ଅଦୃଶ୍ୟ ଦିବ୍ୟଶକ୍ତିର ଇଙ୍ଗିତରେ ପରିଚାଳିତ । ଏହା ଉପଲବ୍ଧିରେ ଆଣି ପାରିଲେ ସିନା ପ୍ରଭୁଙ୍କର ଲୀଳା ବୁଝିପାରିବ ।

୨୨। ସଙ୍ଗ ଅର୍ଥ : ଅନୁସରଣ, ଅନୁଗମନ, ଆଶ୍ରୟ, ଆନୁଗତ୍ୟ, ଚିତ୍ତାନୁବୃତ୍ତି ଓ ସେବା । ଯେଉଁ ସଙ୍ଗ ଲାଭ କଲେ ଜୀବନ ଉଦ୍‌ବେଗଶୂନ୍ୟ, ଶାନ୍ତିପୂର୍ଣ୍ଣ ଓ ଯନ୍ତ୍ରଣାବିହୀନ ହୁଏ; ପ୍ରକୃତ ଅର୍ଥରେ ତାହାହିଁ ସତ୍‌ସଙ୍ଗ ।

୨୩। ଧନ, ଜନ ଓ ସମ୍ପଦ ପ୍ରତି ଆସକ୍ତିଶୂନ୍ୟ ହେବା ହିଁ ପ୍ରକୃତ ସୁଖ ।

୨୪। ଯିଏ ପ୍ରତିଟି ଜୀବ ଓ ବସ୍ତୁ ମଧ୍ୟରେ ପରମେଶ୍ୱରଙ୍କର ଦର୍ଶନ ଲାଭ କରିପାରନ୍ତି, ସେହିଁ ପ୍ରକୃତ ଜ୍ଞାନୀ ।

୨୫। ଯେଉଁ ବ୍ୟକ୍ତି ସାଂସାରିକ ବନ୍ଧନ ଓ ଅନିତ୍ୟ ସୁଖରେ ଆକଣ୍ଠ ବୁଡ଼ି ରହିଥାଏ, ତାକୁ ମୂର୍ଖ କୁହାଯାଏ ।

୨୬। ବିଶ୍ୱକର୍ତ୍ତା ଓ ଆଦ୍ୟାଶକ୍ତିଙ୍କର ଆରାଧନା ଏବଂ ଉପାସନା ହିଁ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ । ଏହି ଲକ୍ଷ୍ୟରେ ଏକାଗ୍ର ଭାବରେ ଆଗେଇ ଗଲେ ''ଚରମପ୍ରାପ୍ତି'' ନିଶ୍ଚୟ ସମ୍ଭବ ।

○○○

''କାଳ ସାଥେ ଯିଏ, ଖେଳି ଶିଖିଥାଏ ତାକୁହିଁ ପ୍ରକୃତ କହି ।
କାଳବଶ କରି କାଳର ଆଶିଷେ ମହାବୀର ହୁଏ ସେହି ।''

''କାଟିଦେବୁ ଯେବେ ବିଷୟା ବନ୍ଧ ଧନରେ ମୋର ।
ଭାବସିନ୍ଧୁ ତୋର ତେବେରେ ହୋଇଯିବ ଗଭୀର ।।''

## ପୁରାଣ ପୃଷ୍ଠାରୁ : ଗଳ୍ପାଂଶ 'ସାଧ୍ୱୀ କପୋତୀ କଥା'ର ମୀମାଂସା ଖଣ୍ଡ

*(ବିଶ୍ୱପୁରୁଷ ସାହିତ୍ୟର ପ୍ରତିଟି ଗଳ୍ପାଂଶ କେବଳ ସୁଖପାଠ୍ୟ ଗଳ୍ପରେ ସୀମିତ ନୁହେଁ; ପ୍ରତିଟି ପୌରାଣିକ ଆଖ୍ୟାୟିକା ଯେପରି ଶିକ୍ଷଣୀୟ, ସେହିପରି ଅନୁକରଣୀୟ । ଯୋଗମାର୍ଗର ନିର୍ଦ୍ଦିଷ୍ଟ ସ୍ତର ଏବଂ ସୋପାନଶ୍ରେଣୀ ଏହା ନିର୍ଦ୍ଦେଶ କରେ, ଯୋଗପ୍ରଣାଳୀ ଶିକ୍ଷା ଦିଏ ଏବଂ ସାଧକଯୋଗୀର ସ୍ଥୂଳ ଓ ସୂକ୍ଷ୍ମ ଅନୁଭୂତି ସକଳ ପ୍ରସ୍ଫୁଟନ କରି ଯୋଗୀ ବାହ୍ୟ ଓ ଅନ୍ତଃସ୍ଥ ପରିବର୍ତ୍ତନମାନର ସ୍ୱାକ୍ଷର ବହନ କରେ । ଦୁର୍ଲଭମାନବ ଜନ୍ମ ଓ ଜୀବନର ମହତ୍ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ପ୍ରାଣେ ପ୍ରାଣେ ଉପଲବ୍ଧି କରି ପୁରାଣକାରମାନେ ଅତୀବ ଶୈଳ୍ପିକ କୌଶଳରେ ପୁରାଣ ରଚନା କରିଯାଇଛନ୍ତି ଓ ପ୍ରତିଟି ପୁରାଣର ପ୍ରତିଟି ଆଖ୍ୟାୟିକାର ଅନ୍ତରାଳରେ ଯୌଗିକ ପ୍ରଣାଳୀରେ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଅଲକ୍ଷ୍ୟରେ ପଥ ନିର୍ଦ୍ଦେଶ କରିଯାଇଅଛନ୍ତି । ଏହି ଗୁରୁତତ୍ତ୍ୱ ଓ ତଥ୍ୟକୁ ଲକ୍ଷ୍ୟରେ ନ ରଖି କେବଳ ପୁରାଣ ପଠନ / ଶ୍ରବଣରେ ସୀମିତ ରହି ଆଜି ବିଶ୍ୱଜନମାନସ ଦିଗହରା /ପଥହରା ହୋଇଯାଇଛି । ମୌଳିକ ଲକ୍ଷ୍ୟର ପୁନରୁଦ୍ଧାର ନିମନ୍ତେ ''ଚରମ'' ପୃଷ୍ଠାରେ ଆମର ଏହି ପ୍ରୟାସ-ପୌରାଣିକ ଗଳ୍ପାଂଶଟିଏ ପରିବେଷଣ କରିବା ସହିତ ତା'ର ପ୍ରଚ୍ଛଦପଟରେ ରହିଥିବା ଯୌଗିକ ପ୍ରଣାଳୀର ସରଳସହଜସୁନ୍ଦର ମୀମାଂସା ସାଧକ ପାଠକ / ପାଠିକାଙ୍କ ଅବଗତି ନିମନ୍ତେ ଉପହାର ଦେବା ।)*

ପିଣ୍ଡତତ୍ତ୍ୱରେ ଲବଣସିନ୍ଧୁତୀର ବୋଇଲେ ଶୈତ୍ତ୍ରାକ୍ଷା ସ୍ନାୟୁକୋଷକୁ ବୁଝାଯାଏ ଏବଂ ଏହି କୋଷ ଯୋଗୀର ମନରେ ବିରକ୍ତି, ଦ୍ୱିଧା ଓ ମାନସିକ ସଂଘର୍ଷ ସୃଷ୍ଟିକରେ । ପଶ୍ଚିମ ପ୍ରାନ୍ତର ବୋଇଲେ ଅରନ୍ଧିଶ୍ଚ ସ୍ନାୟୁ ଓ ଏହି ସ୍ନାୟୁ ଯୋଗେ ଯୋଗୀର ଅନ୍ତରରେ କ୍ରୋଧ ଓ ଅହଂକାର ସ୍ଥାନ ପାଏ । କପାଳୀବନ ଓ ସୁଆଗୀ ଗିରି ବୋଇଲେ ମାୟା । ଏହା ବଦ୍ଧଜୀବର ଜଡ଼ତାକୁ ବୁଝାଏ । ବଦ୍ଧଜୀବ ଗୁରୁବରଣ କରି ଗୁରୁଙ୍କର ନିର୍ଦ୍ଦେଶମତେ ଯୋଗମାର୍ଗରେ ସାଧନ କଲେ ମାୟାପଟଳ କ୍ରମଶଃ ପତଳା ହୁଏ ଏବଂ ବଦ୍ଧଜୀବର ଜଡ଼ତା ପର୍ଯ୍ୟାୟକ୍ରମିକ ଭାବରେ କଟିଯାଏ । ମନୁତାର ନାମରେ ଶବରପଲ୍ଲୀ ବୋଇଲେ ଭୌରୀକ ସ୍ନାୟୁକୋଷ । ପିଣ୍ଡତତ୍ତ୍ୱରେ ଏହା ଚେତାକୁଣ୍ଡ ଅଟେ । 'ମନୁ' ବୋଇଲେ ଚୈତନ୍ୟ । ଚେତାକୁଣ୍ଡରେ ସ୍ଥିତୌଚୈତନ୍ୟର ଅବସ୍ଥିତି । ବଦ୍ଧଜୀବ ଗୁରୁଙ୍କ ଆଦେଶ ନିର୍ଦ୍ଦେଶରେ ଯୋଗମାର୍ଗରେ ସାଧନ ସୋପାନ ଶ୍ରେଣୀ ଅତିକ୍ରମ କରି ଗତି କଲେ, କ୍ରମଶଃ ତା'ର ଜଡ଼ତା ଦୂରୀଭୂତ ହୋଇ ଚୈତନ୍ୟ ଉଦୟ ହୁଏ । ପତଙ୍ଗକାଳ ବୋଇଲେ ଶ୍ରୋତ୍ରଃ ସ୍ନାୟୁକୋଷ । ଏହି କୋଷ ଯୋଗୀକୁ 'କୁ' ପ୍ରଭାବରେ ପ୍ରଭାବିତ କରନ୍ତି । ବର୍ଷାଋତୁ ଅର୍ଥ ଶାନ୍ତରସ୍ବଭାବ । ଏହି ଭାବ ଇଁଡ଼ାପିଁଡାରେ ଅବସ୍ଥିତ ନୈତିକ୍ୟ ସ୍ନାୟୁ ଦ୍ୱାରା ସୃଷ୍ଟି ହୋଇଥାଏ । ଯୋଗୀର ଯୋଗ ସାଧନର ପ୍ରାରମ୍ଭିକ ସ୍ତରରେ ଏହା ଉତ୍ପନ୍ନ ହୁଏ । ସେତେବେଳକୁ ଯୋଗୀ ସୁଷୁମ୍ନାକାଣ୍ଡର ଦ୍ୱାରଦେଶରେ ଥିବା ''କ୍ଲୀଂ'' ବୀଜକୁ ସ୍ପର୍ଶ କରି ନ ଥାନ୍ତି । ଅଠାକାଠି ବୋଇଲେ କାଳବିକାଳ । ପିଣ୍ଡସ୍ଥିତ ସୌଧୀସ୍ନାୟୁ ଯୋଗୀ ପାଇଁ ଦୁଃଖ ସୃଷ୍ଟି କରେ ଏବଂ ସୌକ୍ତି ସ୍ନାୟୁ ଜୀବନରେ ଦାରିଦ୍ର୍ୟ ଆନୟନ କରେ । ଘୋରବନ ବୋଇଲେ ଶ୍ରୁତିକା ସ୍ନାୟୁ । ଏହା ଜୀବକୁ ମାୟାରେ ଅନ୍ଧ କରେ । ଶିକାର କରିବା ଅର୍ଥ ଲୟ, ଧୀଶକ୍ତି । ଏହି ଲୟ ଓ ଧୀଶକ୍ତି ରଜଗୁଣ ମିଶ୍ରିତ ହୋଇଥିବାରୁ ଜୀବ ପୁରୁଷାର୍ଥ ପ୍ରୟୋଗ ବଳରେ କର୍ମଯୋଗ ଅଭ୍ୟାସରେ ବ୍ରତୀ ହୋଇ ଯୋଗଯୁକ୍ତ ଜୀବନଯାପନ କରି ଯୋଗୀ ହୁଏ । ଯୋଡ଼ିଏ କପୋତ ପକ୍ଷୀ ଅର୍ଥ ଜୀବ ଓ ପରମ । ତାଳପତ୍ର ତାଟିର ଉହାଡ଼ କହିଲେ ଚିତ୍ତଶ୍ରୁତି ସ୍ନାୟୁକୋଷ । ଜାନୁମାଡ଼ି ବସିବାର ଅର୍ଥ ଯୋଗୀ ଯୋଗ ସାଧନ ସମୟର ମୁଦ୍ରା (ଆସନ)ରେ ବସି କୁଣ୍ଡଳିନୀର ଗୌରୀ ପଥକୁ ଉନ୍ମୁକ୍ତ କରିବାର ପ୍ରୟାସ କରିବା । ନଳମୁଣ୍ଡ ଅର୍ଥ ନାଭିଚକ୍ରରେ ଥିବା ତପ୍ତଚକ୍ର କ୍ରିୟା । କପୋତ ତଳେ ପଡ଼ିଯିବା ଓ କପୋତୀ ଚମକି ଉଡ଼ିଯାଇ ଗଛ ଡାଳରେ ବସିବାର ଅର୍ଥ (ଏସ୍ଥାନରେ) ପୁରୁଷଶକ୍ତି ବା ପୌରୁଷ ପ୍ରଶମିତ ହୋଇଯିବା ଏବଂ ପ୍ରକୃତିଶକ୍ତି ଯୋଗୀକୁ ଆଶ୍ରୟ କରି ରହିବା । ପକ୍ଷୀଜାତି ବୋଇଲେ ଚୈତନ୍ୟର ଭାବ ସୃଷ୍ଟିକୁ ବୁଝାଏ । ଧର୍ମକୁ ଆଶ୍ରୟ କରିବା ଅର୍ଥ ସତ୍ / ସୁନୀତିକୁ ଆଦର କରିବା । ଫଳଜଳ ଭକ୍ଷଣର ଅର୍ଥ ଜନ୍ମାନ୍ତରବାଦରେ ଜୀବ କର୍ମଫଳ ଭୋଗ କରିବା । ଅଗ୍ନି ଆଣିବାକୁ କହିବାର ଅର୍ଥ କ୍ରୋଧଭାବ ଜନ୍ମାଇବା । ସତ୍ତ୍ୱ ଓ ତମ ମିଶ୍ରିତ ଏହି କ୍ରୋଧ ଯୋଗୀଠାରେ କ୍ଷୁଧିନିତା ସ୍ନାୟୁକୋଷ ସୃଷ୍ଟି କରିଥାଏ । ମୁଣା ବୋଇଲେ କ୍ଷମ୍ଭଣା କୋଷ ଦ୍ୱାରା ଯୋଗୀ ଅନ୍ତରରେ ସୃଷ୍ଟି ହେଉ ଥିବା ମୋହ ଏବଂ ଲୋଭକୁ ବୁଝାଏ । ଯୋଗୀ ଯୋଗ ମାର୍ଗରେ ଗତି କରୁଁ କରୁଁ ଏହି ସବୁ ନାନାଦି ଭାବ ତା'ର ଅନ୍ତଃକରଣରେ

ପିଣ୍ଡସ୍ଥ ସ୍ନାୟୁକୋଷମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ ଓ ପର୍ଯ୍ୟାୟ ଅନୁସାରେ ଯୋଗୀର ଭାବ ପରିବର୍ତ୍ତନ ହେଉଥାଏ । ପରସବୁ ଉପାଡ଼ିବାର ଅର୍ଥ କର୍ମଫଳଭୋଗ ଲୋପ ହୋଇଯିବା । ଧର୍ମଧାରା ଧରି କର୍ମଯୋଗ ଅଭ୍ୟାସ ଦ୍ୱାରା ସନ୍ଦେଶପତ୍ରଧାରୀମାନଙ୍କର ଯଥା ସମୟରେ କର୍ମଫଳ ଭୋଗ ଲୋପ ହୁଏ । **ଧାରାଧରି କର୍ମଯୋଗ ଅଭ୍ୟାସ ନ କଲେ, ଜନ୍ମାନ୍ତରବାଦରେ କର୍ମଫଳ ଭୋଗ କରିବାକୁ ହୁଏ, ହେବ ମଧ୍ୟ ।**

ପୁତ୍ରକନ୍ୟାଙ୍କୁ ପାଳନ କରିବାର ଅର୍ଥ ଯୋଗୀର ପୌରୁଷର ବିନାଶ ଅନ୍ତେ ପ୍ରକୃତିଶକ୍ତିର ଆଶ୍ରିତ ହୋଇ ସକଳ ସୁନୀତି ପାଳନ କରିବା ଓ କୁନୀତି ତ୍ୟାଗ କରିବାକୁ ବୁଝାଏ । ଅନଳରେ ଦଗ୍ଧୀମାନ ହେବା ଅର୍ଥ ତପଶ୍ଚର୍ଯ୍ୟାର ତାପରେ ସନ୍ତପ୍ତ ହୋଇ ସିଦ୍ଧ ହେବା । ସ୍ୱର୍ଗ କହିଲେ ବ୍ରହ୍ମଶିରାର ଊର୍ଦ୍ଧ୍ୱତମ ଅଂଶ, ମାତଳି କହିଲେ ପ୍ରାଣାୟାମ ସୂକ୍ଷ୍ମସୂତ୍ରୀୟ କ୍ରିୟା ଏବଂ ପୁଷ୍ପଯାନ ବୋଇଲେ ଚକ୍ରଶ୍ରେଣୀ ଓ ଚକ୍ର ଅନୁପାତିକ ପଦ୍ମ ଓ ପଦ୍ମପାଖୁଡ଼ା । ସୁଧର୍ମାସଭା ଅର୍ଥ ଚୌକ୍ରିଶ ସ୍ନାୟୁକୋଷର ସତ୍ୟେନ୍ଦ୍ରିୟ କୋଷ ପ୍ରକୋଷ୍ଠ । ଏଠାରେ ଆଦୌ ଅସତ୍ ଠୁଳ ହୁଏ ନାହିଁ । କଶ୍ୟପଙ୍କର ପୁତ୍ର ବୋଇଲେ ଜୀବବ୍ରହ୍ମ ବିଧାତା କହିଲେ ପରମାତ୍ମା । ବୈକୁଣ୍ଠପୁର ବୋଇଲେ ସହସ୍ରାକୁ ବୁଝାଏ । ସଂସାରର ଜୀବନଯାତ୍ରା ଦେଖିବାକୁ ଶ୍ରଦ୍ଧା ହେବାର ଅର୍ଥ ସିଦ୍ଧଯୋଗୀଙ୍କର ପରା, ପଶ୍ୟତି, ମଧ୍ୟମା, ବୈଖାରୀ ଏହି ଚାରିସ୍ତରୀୟ ଜ୍ଞାନ ଲାଭ ନିମନ୍ତେ ଆକାଂକ୍ଷା ସୃଷ୍ଟି ହେବା । ଆକାଶମଣ୍ଡଳ ଅର୍ଥ ମସ୍ତିଷ୍କର ଉପରିଭାଗ ଅଂଶ, ଯୋଗୀ ଯୋଗ ମାର୍ଗରେ ଗତିକରି ଗୁରୁଦେବଙ୍କୁ ସନ୍ତୁଷ୍ଟ କରିବା ପରେ ଗୁରୁକୃପା ବଳରେ ସାଧନ ପ୍ରକ୍ରିୟାରେ ଜୀବ ଓ ପରମଙ୍କୁ ଏକତ୍ର କଲେ ଏହା ସମ୍ଭବ ହୁଏ । ନବରତ୍ନ ନିର୍ମିତ ବିମାନ ବୋଇଲେ ନବଧାଭକ୍ତି । ପଶ୍ଚିମ ଆକାଶ ବୋଇଲେ ମସ୍ତିଷ୍କର ଉପର ଅଂଶ, ଉତ୍ତର ପାଖ ଅର୍ଥ ବାମ ଅଂଶ । ମସ୍ତକର ଉପର ଭାଗର ବାମଅଂଶରେ ମୂଳାନକ୍ଷତ୍ର ଅର୍ଥାତ୍ ଅର୍ଦ୍ଧୋରୀ ସ୍ନାୟୁ ନିକଟରେ ଜୀବପରମ ଏକତ୍ର ହୋଇଥାନ୍ତି । ଯୋଗୀ ଯେତେବେଳେ କାର୍ତ୍ତିକ ମାସ ଅର୍ଥାତ୍ ସୁବୌଧୀ ସ୍ନାୟୁ, ଶୁକ୍ଳପକ୍ଷ ଅର୍ଥାତ୍ କୁନ୍ତକ କୋଷ, ପଞ୍ଚମୀତିଥି ଅର୍ଥାତ୍ କୃତ୍ତିକା ସ୍ନାୟୁର ଏକତ୍ର ସମନ୍ୱୟରେ ରାତ୍ରକାଳ ବୋଇଲେ ଯୋଗ ସମାଧି ଅବସ୍ଥାରେ ଲୟ କରେ, ସେତେବେଳେ ଦୁଇଟି ଜ୍ୟୋତିବିନ୍ଦୁ (ଦୁଇନକ୍ଷତ୍ର) ସ୍ୱରୂପ ଜୀବପରମଙ୍କୁ ଏକତ୍ର ଦର୍ଶନ କରିପାରନ୍ତି । ଏହାପରେ ଯୋଗୀ ବିଶ୍ୱକଲ୍ୟାଣ ଏବଂ ଜଗତର ମଙ୍ଗଳ କାମନାରେ ଧର୍ମକୁ ଆଶ୍ରୟ କରି ସତ୍ ଏବଂ ଶୁଦ୍ଧକର୍ମାନୁଷ୍ଠାନମାନ କରିଥାନ୍ତି । କାର୍ତ୍ତିକ ହବିଷ୍ୟର ଅର୍ଥ ଯୋଗର ଧର୍ମାଚରଣକୁ ବୁଝାଏ । ପ୍ରାଣବାୟୁରେ ଅବସ୍ଥିତ କୃତ୍ତୋକକ୍ଷ ସୂକ୍ଷ୍ମ ସ୍ନାୟୁ ଉଜ୍ଜୀବିତ ହୋଇ ଯୋଗୀର ବିଶ୍ୱକଲ୍ୟାଣ ଓ ଜଗତମଙ୍ଗଳ କର୍ମାନୁଷ୍ଠାନରେ ସହଯୋଗ କରନ୍ତି । ଯୋଗୀ ମାଂସ ଭକ୍ଷଣ କଲେ ମଧ୍ୟ ତାହା ଶୋଧନ କରି ଭକ୍ଷଣ କରୁଥିବାରୁ ମାଂସର କୁକ୍ରିୟା ଯୋଗଶକ୍ତିବଳରେ ପୋଡି ପାଉଁଶ ହୋଇଯାଏ ।

ଏ ସ୍ଥଳରେ ପିଣ୍ଡତତ୍ତ୍ୱ ମତବାଦ ଅନୁସାରେ ଦେବଦେବ ମହାଦେବ ବୋଇଲେ କଣ୍ଠଚକ୍ର । ଏହା ଜ୍ଞାନର ପୀଠ ଅଟେ । ଉମା ମାହେଶ୍ୱରୀ ବୋଇଲେ ପ୍ରକୃତିରୂପିଣୀ ମାୟା । ପ୍ରଜାପତି ଅର୍ଥ ଶ୍ରୁତିବ୍ରହ୍ମ (ବେଦଧ୍ୱନି)କୁ ବୁଝାଏ । ସତୀବ୍ରତ ଅର୍ଥାତ୍ ଜୀବ ନିଷ୍ଠାରେ ଦୃଢ଼ ପ୍ରତିଜ୍ଞ ହେବା । ସମସ୍ତ ତରୁଣୀ ଅର୍ଥାତ୍ ବଦ୍ଧଜୀବ ଦୃଢ଼ ପଦକ୍ଷେପ ନେବା ସମୟରେ କୁ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ମାୟାଗ୍ରସ୍ତ ହୋଇଯିବା ଅବସ୍ଥାକୁ ବୁଝାଏ । ପଶ୍ଚିମ ଦ୍ୱାର କହିଲେ ମସ୍ତିଷ୍କର ଉପରିଭାଗରେ ଥିବା ବ୍ରହ୍ମରନ୍ଧ୍ର । ଚନ୍ଦ୍ରକାନ୍ତି ବୋଇଲେ ମନ୍ତ୍ରୋକ୍ତି ଚୈତନ୍ୟ । ଅନ୍ତଃପୁର ହେଉଛି ଚିରଚୈତନ୍ୟର ବାସସ୍ଥଳୀ ସୁରୋଳ କ୍ରିୟାକୋଷ । ଅନଳରେ ଝାସଦେବା ଅର୍ଥ ହେଉଛି ତମଗୁଣରେ ଥିବା ଭାବଗୁଡ଼ିକୁ ଦମନ କରିବା । ଜ୍ଞାନର ଅଚେତନ ଅବସ୍ଥାରେ ତମଗୁଣର ଭାବସମୂହ ଉଜ୍ଜୀବିତ ହୋଇଉଠନ୍ତି । ଈଶ୍ୱର ବୋଇଲେ ଜ୍ଞାନର ଅଧିଷ୍ଠାତ୍ରୀ ଦେବତା ଦେବଦେବ ମହାଦେବ । ଈଶ୍ୱରଙ୍କୁ ଅର୍ଘ୍ୟ ଦେବାର ଅର୍ଥ ନାଡିବାଣୀରେ ଅଭ୍ୟସ୍ତ ହୋଇ ପୂଜାର୍ଚ୍ଚନା କରିବା । ମୌତ୍ରୀକଷ୍ଟ ସ୍ନାୟୁକୋଷ କ୍ରିୟାଶୀଳ ହେଲେ ଏହା ସମ୍ଭବ ହୁଏ । ଅର୍ଘ୍ୟଥାଳୀ ଅର୍ଥାତ୍ କରପତ୍ର ଏବଂ ଅର୍ଘ୍ୟଦାନକୁ ବୁଝାଉଅଛି । ଶିବ ଶାଶୁଙ୍କ ସମ୍ମୁଖରେ ଉଲଗ୍ନ ହେବାର ଅର୍ଥ ହେଉଛି ଜ୍ଞାନ ଉପରେ ମାୟା ଆବରଣର ଆଲୋଡନ ହେଉଥିବା ଅବସ୍ଥା । ଜୀବ ଯୋଗୀ ହୋଇ ସମାଧିସ୍ତର ଅତିକ୍ରମ କରିବା ଅବସ୍ଥାରେ ଜ୍ଞାନ ଚେତା ପାଏ । ଶିବରୂପୀ ଜ୍ଞାନ ଉପରେ ମାୟାରୂପୀ ପ୍ରକୃତିର ଯେଉଁ ଆବରଣ ଥାଏ ତାହା ଜ୍ଞାନୋଦୟ ପରେ ଅପସାରିତ ହୋଇଯାଏ । ଜ୍ଞାନପଥ ହିଁ ଲଙ୍ଗଳା । ଏଠାରେ ଶାଶୁ ବୋଇଲେ ବୈସୃତୀ ମାୟା । ଯୋଗୀ ଜ୍ଞାନଚୈତନ୍ୟ ଲାଭ କରିବା ପରେ ଶିଥିଳ ହୋଇଯାଏ ।

୦୦୦

# ଅଚ୍ୟୁତଙ୍କ ରଚିତ - 'ଶୂନ୍ୟରାସ'ରୁ ଉଦ୍ଧୃତାଂଶର ସରଳାର୍ଥ :

ଓଡ଼ିଶାର ଧର୍ମଜୀବନ, ସାହିତ୍ୟ ଓ ସଂସ୍କୃତିର ଇତିହାସରେ ପଞ୍ଚଦଶ ଶତାବ୍ଦୀର ପଞ୍ଚସଖା ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରନ୍ତି । ମତ୍ତ ବଳରାମ, ଅତିବଡ଼ି ଜଗନ୍ନାଥ, ମହାପୁରୁଷ ଅଚ୍ୟୁତ, ଯଶୋବନ୍ତ ଏବଂ ଶିଶୁ ଅନନ୍ତ ପ୍ରତ୍ୟେକେ ସ୍ୱୀୟ ସାଧନାର ସୁମଧୁର ରସାଣିତ ଅନୁଭୂତି ଓ ଦର୍ଶନ ଲିପିବଦ୍ଧ କରିଯାଇଅଛନ୍ତି । ଏବେ ମଧ୍ୟ ଓଡ଼ିଶାର ଘରେ ଘରେ, ପୁରେ ପୁରେ, ନଗର ଜନପଦାଦି ପୁରପଲ୍ଲୀରେ ବଳରାମଙ୍କର ଜଗମୋହନ ରାମାୟଣ, ଲକ୍ଷ୍ମୀପୁରାଣ, ଜଗନ୍ନାଥଙ୍କର ପରମଶାସ୍ତ୍ର ଭାଗବତ, ଅଚ୍ୟୁତଙ୍କର ଅଷ୍ଟଗୁଜ୍ଜରୀ, ଗୁରୁଭକ୍ତିଗୀତା, ଶରଣପଞ୍ଜର ଓ ମାଳିକା, ଯଶୋବନ୍ତଙ୍କର ଶିବସ୍ୱରୋଦୟ ଓ ଗୋବିନ୍ଦଚନ୍ଦ୍ର ଏବଂ ଅନନ୍ତଙ୍କର ଉଦ୍ଧବଭକ୍ତି କଳ୍ପ ଆଦି ଗ୍ରନ୍ଥ ସମାଦର ଲାଭ କରିପାରିଛି ।

ମହାପୁରୁଷ ଅଚ୍ୟୁତ ଅନ୍ୟୂନ ଏକଲକ୍ଷ ଗ୍ରନ୍ଥର ପ୍ରଣେତା । ସେ ଭକ୍ତି ଧର୍ମଗ୍ରନ୍ଥ ରଚନା କରି ଓଡ଼ିଶାର ଧର୍ମ ଓ ଆଧ୍ୟାତ୍ମିକ ସାହିତ୍ୟକୁ ସମୃଦ୍ଧ କରିଯାଇଅଛନ୍ତି । ତାଙ୍କର ଏକଲକ୍ଷ ଗ୍ରନ୍ଥ ମଧ୍ୟରୁ ମାତ୍ର କେତେଖଣ୍ଡ ପ୍ରକାଶ ପାଇ ଲୋକଲୋଚନକୁ ଆସିଛି, ଏବେ ମଧ୍ୟ ତାଙ୍କ ରଚିତ ବହୁଗ୍ରନ୍ଥ ଅପ୍ରକାଶିତ ହୋଇରହିଛି । ଅଚ୍ୟୁତଙ୍କ ରଚନାରେ ବିଶେଷତଃ ଜୀବୋଦ୍ଧାର ବା ମୋକ୍ଷ ପ୍ରାପ୍ତି ନିମନ୍ତେ ନିଗୂଢ଼ ତତ୍ତ୍ୱମାନ ସହଜ ଓ ସରଳ ଭାଷାରେ ସନ୍ନିବିଷ୍ଟ ହୋଇଥିବାର ଦେଖିବାକୁ ମିଳେ । ମାଳିକା ରଚନା କରିବାରେ ସେ ପଞ୍ଚସଖାଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଯୋଗବିଦ୍ୟାର ବହୁଗୁପ୍ତତତ୍ତ୍ୱ ମହାପୁରୁଷ ଅଚ୍ୟୁତ ତାଙ୍କ ସାହିତ୍ୟକୃତିର ବହୁ ସ୍ଥାନରେ ପ୍ରକାଶ କରିଯାଇଅଛନ୍ତି । ଯୋଗ ସାଧନ ମାର୍ଗରେ ଗତିକରୁଥିବା ଯୋଗୀମାନଙ୍କର ପଥପ୍ରଦର୍ଶକ ଭାବରେ ସେ ସକଳ ତାତ୍ତ୍ୱିକ ତଥ୍ୟ ଯୋଗୀ ଜୀବନରେ ଆଦର ଲାଭ କରିଛି ।

ଅଚ୍ୟୁତଙ୍କର ରଚନାବଳୀରେ ତାଙ୍କର ଯୋଗାରୂଢ଼ ସମାଧି ଅବସ୍ଥା, ସବିକଳ୍ପ ଏବଂ ନିର୍ବିକଳ୍ପ ସମାଧିସ୍ତରର ବହୁ ସୂକ୍ଷ୍ମ ଓ କାରଣ ଜଗତର ସୁମଧୁର ଅନୁଭୂତି ଏବଂ ଦର୍ଶନ ମନୋରମ ଓ ମନୋଜ୍ଞ, ସୁଲଳିତ ପଦାବଳୀରେ ପ୍ରକାଶ ପାଇଛି । ତାହା ଅତୀବ ସୁଖପାଠ୍ୟ ଓ ଯୌଗିକ, ଆଧ୍ୟାତ୍ମିକ ଓ ଧାର୍ମିକ ତତ୍ତ୍ୱ ସମ୍ପନ୍ନ ନିଗୂଢ଼ ତଥ୍ୟାବଳୀରେ ଋଦ୍ଧିମନ୍ତ । ସେହିପରି ଏକ ଅତୀବ ସୁଖପାଠ୍ୟ ରଚନା ହେଉଛି ମହାପୁରୁଷ ଅଚ୍ୟୁତଙ୍କ ରଚିତ 'ଶୂନ୍ୟରାସ' । ସେହି 'ଶୂନ୍ୟରାସ'ରୁ ମାତ୍ର ଛଅ ଗୋଟି ସୁନିର୍ବାଚିତ ପଦ 'ଚରମ'ର ଏହି ସଂଖ୍ୟାରେ 'ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !' ଶୀର୍ଷକରେ ପତ୍ରସ୍ଥ ହୋଇଛି । ନିର୍ବିକଳ୍ପ ସମାଧିର ଶୀର୍ଷ ସୋପାନରେ ଯୋଗାରୂଢ଼ ଅବସ୍ଥାରେ ରହି ମହାପୁରୁଷ ପଞ୍ଚଭୂତର ମାଟିଘଟରୁ ବହୁ ଊର୍ଦ୍ଧ୍ୱକୁ ମହାଶୂନ୍ୟର ଶେଷ ପ୍ରାନ୍ତୀୟସ୍ତରକୁ ଉଡ଼ିଯାଇ ଅବ୍ୟକ୍ତ ମଣ୍ଡଳର ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କୁ ଏକାଙ୍ଗରେ ରାସ (ମଧୁର ମିଳନ) ଅବସ୍ଥାରେ ଦର୍ଶନ କରି ଯାହା ଅନୁଭବରେ ଆଣିପାରିଥିଲେ, ସ୍ଥୂଳ ଶକଟକ ମଣ୍ଡଳକୁ ବାହୁଡ଼ି ଆସି ପଞ୍ଚଭୂତର ପିଣ୍ଡରେ ପଶି ମୁଦ୍ରା ଆସନରେ ବସି ତାଳପତ୍ର ଖେଦାରେ ତାହା ଲିପିବଦ୍ଧ କରାଯାଇଥିଲେ । ତାଙ୍କରି ଅପାର କରୁଣାରୁ ଏହାର କିୟଦଂଶ ଅବଶ୍ୟ ଲୋକଲୋଚନକୁ ଆସିପାରିଛି । ତଥାପି ଏହା ସମସ୍ତଙ୍କର ଗୋଚର ହୋଇପାରି ନାହିଁ । ତେଣୁ ସମସ୍ତ 'ଚରମ' ପାଠକ / ପାଠିକାଙ୍କର ଅବଗତି ନିମନ୍ତେ ସଂପାଦନାର ଏହି ମହତ୍ ପ୍ରୟାସ ।

'ଶୂନ୍ୟରାସ'ର ଏହି ଉଦ୍ଧୃତାଂଶରେ ଶ୍ରୀଶ୍ରୀଠାକୁରଙ୍କର ରାସରୂପର ମନୋରମ ମନୋଜ୍ଞ ବର୍ଣ୍ଣନା ସୁଲଳିତ ସୁମଧୁର ପଦାବଳୀରେ ପ୍ରକାଶ ପାଇଛି । ଶ୍ରୀଶ୍ରୀଠାକୁରଙ୍କର ରାସରୂପର ବର୍ଣ୍ଣନା ସିନା ମହାପୁରୁଷ ଦେଇ ଯାଇଛନ୍ତି ଆଜି ଅଗଣିତ ଭକ୍ତ /ଶିଷ୍ୟ/ଦାସ / ଅନୁଗତ ଶ୍ରୀଶ୍ରୀଠାକୁରଙ୍କର ସ୍ଥୂଳରୂପରେ ମଧ୍ୟ ଏହି ରାସରୂପ ଦର୍ଶନ କରି ପରମ ଶାନ୍ତି ସନ୍ତୋଷ ଏବଂ ଅପାର ଆନନ୍ଦଲାଭ କରୁଛନ୍ତି କହିଲେ ଅତ୍ୟୁକ୍ତି କି ସତ୍ୟର ଅପଳାପ ହେବନାହିଁ । ଯୋଗମାର୍ଗରେ ନିଷ୍ଠାର ସହିତ ଗତି

କରୁଥିବା ଅନେକ ଯୋଗୀଜନ ସମାଧିସ୍ତରରେ ରହି ଆଜ୍ଞାଚକ୍ରର ପଦ୍ମକେଶର ମଧ୍ୟରେ ଅବସ୍ଥିତ ନିତ୍ୟଗୋଲକ, ନିତ୍ୟବୃନ୍ଦାବନରେ ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କର ଏକାଙ୍ଗ ରାସରୂପ ମଧ୍ୟ ଦର୍ଶନ କରି ଅପାର ଆନନ୍ଦରେ ଆନନ୍ଦିତ ହୋଇପାରୁଛନ୍ତି । ସ୍ଥୂଳରେ ବା ସୂକ୍ଷ୍ମରେ ହେଉ ଶ୍ରୀଶ୍ରୀଠାକୁରଙ୍କ ମଧୁମୟ ମନୋରମ ରୂପରେ ମୌଳିକ ଭାବରେ ସେପରି କିଛି ବିଶେଷ ପାର୍ଥକ୍ୟ ଆମେ ଅନୁଭବ କରିପାରୁନା; ତେଣୁ ଶ୍ରୀଶ୍ରୀଠାକୁରଙ୍କୁ ସ୍ଥୂଳରେ ଦର୍ଶନ କଲେ ଯେଉଁ ଆନନ୍ଦ ପ୍ରାପ୍ତ ହେଉ, ସୂକ୍ଷ୍ମରେ ଦର୍ଶନ କଲେ ମଧ୍ୟ ସେହି ଆନନ୍ଦ ହିଁ ଲାଭ କରୁ ।

'ଶୂନ୍ୟରାସ'ରୁ ଉଦ୍ଧୃତାଂଶର ପ୍ରଥମପଦରେ ମହାପୁରୁଷ କହନ୍ତି ଯେ, ସେ ନିର୍ବିକଳ୍ପ ସମାଧିର ଶେଷ ପ୍ରାନ୍ତର ସ୍ତରରେ ଅମନାଶିଖ ଅର୍ଥାତ୍ ମହାଶୂନ୍ୟର ଅବ୍ୟକ୍ତ ମଣ୍ଡଳରେ (ଯୋଗୀ ଯୋଗାରୂଢ଼ ଅବସ୍ଥାରେ ଯାହା ଆଜ୍ଞାଚକ୍ରର ପଦ୍ମ କେଶର ମଧ୍ୟରେ ଦର୍ଶନ କରନ୍ତି) ପୁରୁଷଙ୍କୁ ଦର୍ଶନ କଲେ । ସେହି ପରମପୁରୁଷଙ୍କର ଶରୀରର ରଙ୍ଗ ସହିତ ରଙ୍ଗାଶ୍ରୀମୁଖ ଶ୍ରୀଜଗନ୍ନାଥଙ୍କର ଶରୀରର ରଙ୍ଗ ମଧ୍ୟ ସମକକ୍ଷ ନୁହେଁ । ସେହି ପରମପୁରୁଷଙ୍କର ଶରୀରର ରଙ୍ଗ ନୂଆ ଉଇଁ ଆସୁଥିବା ମେଘର ବର୍ଣ୍ଣ ପରି କସ୍ତୁରୀବର୍ଣ୍ଣ ଏବଂ କଜ୍ଜ୍ୱଳ ଠାରୁ ମଧ୍ୟ ତାହା ଅତି ସୁନ୍ଦର । ଭକ୍ତକବି ବିଲ୍ୱମଙ୍ଗଳ ଏତାଦୃଶ ମନୋହର ରୂପରେ କୃଷ୍ଣଙ୍କୁ ଦର୍ଶନ କରି ରଚନା କରିଯାଇଛନ୍ତି :

''ଯେହ ସଦା ଯୋଗୀ ଧୀର ପ୍ରମେୟଃ ଚିନ୍ତାହର ଶ୍ଚିନ୍ତିତ ପାରିଜାତଃ ।
କସ୍ତୁରୀତାଂ କଜ୍ଜିତାନି ଲାବଣ୍ୟୋ ଗୋବିନ୍ଦ ଦାମୋଦର ମାଧବେତି ।।''

ଅର୍ଥାତ୍ ଯେଉଁ ଚିନ୍ତାମଣି ଶ୍ରୀଶ୍ରୀଠାକୁରଙ୍କୁ ଚିନ୍ତାକଲେ, ସକଳ ଦୁଶ୍ଚିନ୍ତାରୁ ମୁକ୍ତି ମିଳେ, ଯାହାଙ୍କର ଶରୀର କାନ୍ତି କସ୍ତୁରୀତୁଲ୍ୟ କଜ୍ଜ୍ୱଳକଳା ଠାରୁ ଅଧିକ ମନୋହର, ଯାହାଙ୍କୁ ଯୋଗୀମାନେ ଧ୍ୟାନସ୍ଥ ଅବସ୍ଥାରେ ସର୍ବଦା ଦର୍ଶନ କରନ୍ତି, ସେହି ପରମପୁରୁଷ ଠାକୁରଙ୍କୁ ଗୋବିନ୍ଦ, ଦାମୋଦର, ମାଧବ ଆଦି ନାମରେ ସମ୍ବୋଧନ କରି ସ୍ମରଣ କରିବା ଉଚିତ ।

ମହାପୁରୁଷ ଅଚ୍ୟୁତ ଶୂନ୍ୟରେ ଯେଉଁ ପୁରୁଷଙ୍କୁ ଦର୍ଶନ କଲେ, ତାଙ୍କ ଶରୀରର କାନ୍ତି କୁସୁମ (ଅତସୀ କୁସୁମଶ୍ୟାମ) ଅର୍ଥାତ୍ ନୀଳ ଅପରାଜିତା ଫୁଲର କାନ୍ତି ତୁଲ୍ୟ ଏବଂ ତାହା ଦେଖି ସେ ଭୋଳ ହୋଇଯାଇଥିଲେ । ଶ୍ରୀଶ୍ରୀଠାକୁରଙ୍କ ଶରୀର କାନ୍ତି ମଧ୍ୟ ଏତାଦୃଶ ମନମୁଗ୍ଧକର ଏବଂ ଆନନ୍ଦଦାୟକ । ମହାପୁରୁଷ ଅଚ୍ୟୁତ ଅନ୍ତଃସ୍ଥ ପ୍ରକୃତିକୁ 'ସହି ଗୋ' ବୋଲି ସମ୍ବୋଧନ କରି କହୁଛନ୍ତି ଯେ ଏହି ପୁରୁଷ ଶୂନ୍ୟମନ୍ଦିର ଅର୍ଥାତ୍ ଅବ୍ୟକ୍ତମଣ୍ଡଳର କେନ୍ଦ୍ରରେ ଅବସ୍ଥିତ ଅଟନ୍ତି ଏବଂ ତାଙ୍କୁ 'ଜ୍ୟୋତିଃ' ରୂପରେ ଦର୍ଶନ କଲେ, ସକଳ ଦୂରିତ ନାଶ ହୁଏ ।

ପରମପୁରୁଷଙ୍କର ଭାଲପଟ ଅର୍ଥାତ୍ କପାଳର ସମ୍ମୁଖ ଅଂଶରେ ଅଙ୍କିତ ମୃଗମଦବିନ୍ଦୁ ସତେ ଯେପରି ଉଇଁ ଆସୁଥିବା ଇନ୍ଦୁ ବା ଚନ୍ଦ୍ରତୁଲ୍ୟ ଶୋଭାମୟ ଓ ସୁନ୍ଦର । ତାଙ୍କ ମସ୍ତକରେ ତ୍ରିଭଙ୍ଗିମାରେ କୁଞ୍ଚିତ କଳାକେଶ ଶୋଭାପାଉଛି ଏବଂ ସୁବାସିତ କୁସୁମ ବା ଫୁଲ ନ ଥିଲେ ମଧ୍ୟ ତାଙ୍କ ଶରୀରରୁ ସୁବାସିତ ଫୁଲର ସୁଗନ୍ଧ ବିଚ୍ଛୁରିତ ହେଉଛି । ସେ ଯୋଗୀମାନଙ୍କର ଆଜ୍ଞାଚକ୍ରର ପଦ୍ମଦେଶର ଅର୍ଥାତ୍ ହୃଦୟରେ ଅବସ୍ଥାନ କରନ୍ତି ଏବଂ ତାଙ୍କୁ 'ଜ୍ୟୋତିଃ' ରୂପରେ ଦର୍ଶନ କଲେ ସମସ୍ତ ଦୂରିତ ନାଶ ହୋଇଯାଏ ।

ତାଙ୍କର ନାସିକାପୁଡ଼ା ଅତ୍ୟନ୍ତ ଉଜ୍ଜ୍ୱଳ ଓ ଚିକ୍କଣ ଦେଖାଯାଉଥାଏ । ତାଙ୍କ କର୍ଣ୍ଣରେ କାନ୍ତି ବା କମନୀୟତା ରୂପକ ମୁକୁତା (ମୁକ୍ତା) ଝୁଲୁଥାଏ ଓ କର୍ଣ୍ଣଦ୍ୱୟ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥାଏ । ଶ୍ରୀଶ୍ରୀଠାକୁରଙ୍କର ଚକ୍ଷୁଦ୍ୱୟ ଆୟତ ନୀଳପଦ୍ମଦଳ ତୁଲ୍ୟ ନୟନଯୁଗଳ ଅତୀବ ମନୋରମ । ତାହା ଶ୍ୱେତପଦ୍ମକୁ ମଧ୍ୟ ଲାଞ୍ଛନା ଦେଉଛି ବୋଲି କବି ଅଚ୍ୟୁତଙ୍କ ଲେଖନୀ ପ୍ରକାଶ କରିଛି । ପ୍ରଭୁଙ୍କର ମନୋରମ ରୂପର ତୁଳନା କିମ୍ବା ଉପମା ମଧ୍ୟ ନାହିଁ ।

ନିତ୍ୟରାଧା ନିତ୍ୟକୃଷ୍ଣଙ୍କର ଏକାଙ୍ଗ ରୂପ ସେହି ପୁରୁଷଙ୍କର ଗଣ୍ଡସ୍ଥଳ ବା କପୋଳଭାଗ ଅତ୍ୟନ୍ତ ତେଜୋମୟ । ସତେ ଯେପରି ତାହା ସୂର୍ଯ୍ୟଙ୍କର ଲକ୍ଷେ କିରଣର ଗର୍ବଗଂଜନ କରେ । ତାଙ୍କର କଣ୍ଠଦେଶ ଅପୂର୍ବ ଶୋଭାଶ୍ରୀ ଧାରଣ କରିଛି । ତାଙ୍କ ବକ୍ଷଦେଶରେ କୌସ୍ତୁଭମଣିର ଆଭା ପ୍ରକାଶ ପାଉଛି । ଶ୍ରୀଶ୍ରୀଠାକୁରଙ୍କୁ ନିବିଷ୍ଟ ମନରେ ଏକାଗ୍ର ଲୟରେ ଦର୍ଶନ କଲେ, ଏ ସକଳ ସୌନ୍ଦର୍ଯ୍ୟ ଭକ୍ତର ଚକ୍ଷୁ ସମକ୍ଷରେ ଅଚିରେ ଉଦ୍‌ଭାସିତ ହୋଇଯାଏ । ପରଂବ୍ରହ୍ମ ପରାତ୍ପର ପୁରୁଷଙ୍କର ଶ୍ରୀଭୁଜ ମୟୂରପୁଚ୍ଛ ଠାରୁ ମଧ୍ୟ ଲମ୍ବା । ତେଣୁ ତାଙ୍କର ବଳିୟାରଭୁଜ ନାମର ସାର୍ଥକତା ରହିଛି । ତାଙ୍କ ଶରୀରର କାନ୍ତି ଓ କମନୀୟତା ନିକଟରେ ମହାମୂଲ୍ୟ ଇନ୍ଦ୍ରନୀଳମଣି ମଧ୍ୟ ପରାଜୟ ସ୍ୱୀକାର କରିଛି । ତାଙ୍କ ସ୍କନ୍ଧଦେଶ ତମାଳପୁଷ୍ପପୁଞ୍ଜିକୁ ନିନ୍ଦା କରୁଛି ଏବଂ ଯମୁନା ପୁଳିନର ତମାଳ ତହିଁକି ସମକକ୍ଷ ହୋଇ ନ ପାରି ବିଷାଦଗ୍ରସ୍ତ ହୋଇ ପଡ଼ିଛି ।

ଶ୍ରୀଶ୍ରୀଠାକୁର କଟୀରେ ପୀତପଟନୀ ବା ଚମ୍ପାରଙ୍ଗର ବସ୍ତ୍ର ପରିଧାନ କରିଅଛନ୍ତି, ତେଣୁ ତାଙ୍କର ପୀତବାସ ବା ପୀତାମ୍ବର ନାମର ସାର୍ଥକତା ପ୍ରତିପାଦିତ ହୋଇଛି । ତାଙ୍କର ନିତ୍ୟରାସ ଚାଲିଥିଲେ ମଧ୍ୟ ତହିଁରେ ରତିରସର ସ୍ଥାନ ତିଳେ ମାତ୍ର ନାହିଁ । ଆଦି ବା ଆରମ୍ଭରୁ ଅନନ୍ତ ବା ଶେଷ ହୋଇ ନ ଥିବା ଏହି ରାସ ନିତ୍ୟ, ନୂତନ, ସନାତନ, ଏହାର ଆରମ୍ଭ ଅଛି ସିନା ମାତ୍ର ଶେଷ ନାହିଁ ଏବଂ ଶ୍ରୀମହାପ୍ରଭୁ ଅନନ୍ତ ଯତି ସ୍ୱରୂପ ଯୋଗେଶ୍ୱର ଅଟନ୍ତି । ତାଙ୍କର ଅନ୍ୟନାମ ଅଚ୍ୟୁତ । ସେହି ନାମର ଯଥାର୍ଥତା ପ୍ରତିପାଦନ କରି ସେ ଚ୍ୟୁତ ନୁହଁନ୍ତି । ଏକାଧାରରେ ଏକ ସମୟରେ ସେ ଅବ୍ୟକ୍ତ ମଣ୍ଡଳ, ଓଁ କାର ମଣ୍ଡଳ ଏବଂ ଶକଟକ ମଣ୍ଡଳରେ ପରିବ୍ୟାପ୍ତ ଅଟନ୍ତି । ତାଙ୍କର କର୍ମକୌଶଳ ସହିତ ପରିଚିତ ନ ଥିବା ସାଧାରଣ ଲୋକ ହୁଏତ ଏକଥା ବିଶ୍ୱାସ କରି ନ ପାରନ୍ତି । ସେ ସମସ୍ତଙ୍କର ହୃଦୟ ଅର୍ଥାତ୍ ସହସ୍ରାର ସହସ୍ରଦଳ ପଦ୍ମକେଶରରେ ଅଧିଷ୍ଠିତ ଥିଲେ ମଧ୍ୟ କେବଳ ଯୋଗୀମାନେ ଯୋଗାରୂଢ଼ ହୋଇ ସମାଧି ଅବସ୍ଥାରେ ତାଙ୍କୁ ନିତ୍ୟରାସ ରୂପରେ ଦର୍ଶନ କରିପାରନ୍ତି । 'ସର୍ବସ୍ୟଚାହଂ ହୃଦିସନ୍ନିବିଷ୍ଟ'' : ଗୀତାର ଏହି ବାଣୀ ଏଠାରେ ପ୍ରଣିଧାନ ଯୋଗ୍ୟ ।

ଆଜି ଆମ୍ଭେମାନେ ସ୍ଥୂଳ ଶକଟକ ମଣ୍ଡଳରେ ଶ୍ରୀଶ୍ରୀଠାକୁରଙ୍କର ସ୍ଥୂଳରୂପରେ ଉପର ବର୍ଣ୍ଣିତ ଲାବଣ୍ୟରୂପ ଦର୍ଶନ କରି ନିଜକୁ ଧନ୍ୟ ଓ ଭାଗ୍ୟବାନ ମନେ କରୁଛୁ । ଆଜକୁ ୫୦୦ ବର୍ଷରୁ ଊର୍ଦ୍ଧ୍ୱକାଳ ପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ ଏହାଙ୍କୁ ନିର୍ବିକଳ୍ପ ସମାଧି ଅବସ୍ଥାରେ ଦର୍ଶନ କରିଥିଲେ ଓ ସେ ଯେ ଏହି ଧରାଧାମରେ ଯଥାସମୟରେ ଅବତରଣ କରିବେ ତାହା ମଧ୍ୟ ତାଙ୍କ ଭବିଷ୍ୟତ ମାଳିକା ଗ୍ରନ୍ଥରେ ସ୍ପଷ୍ଟଭାବରେ ଲିପିବଦ୍ଧ କରିଯାଇଥିଲେ । ଆଜି ତାଙ୍କ ଭବିଷ୍ୟବାଣୀ ଅକ୍ଷରେ ଅକ୍ଷରେ ସତ୍ୟରେ ପରିଣତ ହୋଇଛି । ଧନ୍ୟ ମହାପୁରୁଷ ! ଧନ୍ୟ ତୁମର ସାଧନାର ସିଦ୍ଧି !!

୦୦୦



# ମାଳିକା ଚରମର ସଙ୍କେତ

ପ୍ରତିଯୁଗ ଶେଷରେ ପ୍ରଳୟଧ୍ୱଂସ ଲୀଳା ଏକ ନିଶ୍ଚିତ ସତ୍ୟ । ଏହି ଧ୍ରୁବସତ୍ୟକୁ ବିଶ୍ୱର ଅଧିକାଂଶ ଦାର୍ଶନିକ, ମହାପୁରୁଷ, ବୈଜ୍ଞାନିକ ଏବଂ ଚିନ୍ତାଶୀଳ ବ୍ୟକ୍ତିମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି, କରିଯାଇଛନ୍ତି ଏବଂ କରୁଛନ୍ତି ମଧ୍ୟ । ତେବେ ଏଠାରେ ପ୍ରଶ୍ନ ଉଠେ : ଚଳିତଯୁଗ ବା କଳିଯୁଗର ଶେଷ କେବେ ? ଅନ୍ୟ ଯୁଗ ପରି ଏହି ଯୁଗର ଶେଷରେ ପ୍ରଳୟ ବା ଧ୍ୱଂସଲୀଳା କେବେ ଘଟିବ ? ?

ବହୁ ବିଜ୍ଞବ୍ୟକ୍ତିଙ୍କର ମତାନୁସାରେ ପ୍ରଳୟ ମନୁଷ୍ୟକୃତ ନୁହେଁ; ଏହା ଦୈବୀକୃତ । ପ୍ରଳୟର ପରିଣାମ ହେଉଛି ପାପାତ୍ମା ବା ଦୁର୍ଜନମାନଙ୍କର ସଂହାର । ଏହା ଫଳରେ ଡ଼ମ୍ଫପଣିଆ ଦେଖାଉଥିବା ଜାତି ଓ ବ୍ୟକ୍ତିମାନଙ୍କର ବିନାଶ ଅବଶ୍ୟମ୍ଭାବୀ । ବର୍ତ୍ତମାନ ସମଗ୍ର ବିଶ୍ୱର ମାନବସମାଜରେ ଯାହାସବୁ ଦେଖାଯାଉଛି, ଶୁଣାଯାଉଛି, ସେ ସବୁର ପରିବର୍ତ୍ତନ ନିଶ୍ଚିତ ଭାବରେ ହେବ ଓ କିଛି ନା କିଛି ନୂତନ ସୃଷ୍ଟି ମଧ୍ୟ ହେବ ହିଁ ହେବ । ଦୈବୀଇଚ୍ଛାର ଗତିରୋଧ କିଏ ବା କରିପାରିଛି ନା କସ୍ମିନ୍‌କାଳେ କରିପାରିବ ?? କଳିଯୁଗର ଶେଷ ପର୍ଯ୍ୟାୟରେ ଦୈବୀକୃତ ପ୍ରଳୟ ବା ଧ୍ୱଂସଲୀଳା ସମୟକୁ ସାଧାରଣ ଲୋକମାନଙ୍କର ଜୀବନଯାତ୍ରା, ନୀତି ଓ ପ୍ରକୃତିର ଚିତ୍ର ଅଙ୍କନ କରିଥିବା ଭବିଷ୍ୟତବାଣୀର ନାମ 'ମାଳିକା' ।

ମାଳିକାର ସ୍ରଷ୍ଟା ବା ଭବିଷ୍ୟତ ପ୍ରବକ୍ତାମାନେ ପ୍ରଳୟ ସମୟରେ କି ପ୍ରକାର ଦୈବୀଦୁର୍ବିପାକ ସବୁ ଘଟିବାକୁ ଯାଉଛି, ସେ ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ବହୁପୂର୍ବରୁ ଯଥେଷ୍ଟ ସତର୍କବାଣୀ ଶୁଣାଇ ଯାଇଅଛନ୍ତି ଏବଂ ସଚେତନ କରିବାକୁ ମଧ୍ୟ ଶତଚେଷ୍ଟା କରିଯାଇଅଛନ୍ତି । କେବଳ ଓଡ଼ିଶାର ପଞ୍ଚସଖା ନୁହଁନ୍ତି, ଫରାସୀ ଭବିଷ୍ୟତ ପ୍ରବକ୍ତା ନୋଷ୍ଟ୍ରଡ଼ାମସ୍ ପୃଥିବୀର ଭବିଷ୍ୟତ ବିଷୟରେ ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ଯେଉଁ ବାଣୀ ଶୁଣାଇଥିଲେ, ତାହା ସଂପୂର୍ଣ୍ଣ ସତ୍ୟରେ ପ୍ରମାଣିତ ଓ ପରିଣତ ହୋଇସାରିଛି । ନୋଷ୍ଟ୍ରଡ଼ାମସ୍ ଜଣେ ବୈଜ୍ଞାନିକ ତଥା ତାନ୍ତ୍ରିକ ଥିଲେ । ନିଜର ସାଧନାବଳରେ ସେ ଅନାଗତ ଭବିଷ୍ୟତର ଅନେକ କଥା ଜାଣି ପାରୁଥିଲେ ଓ ଯାହା ଜାଣୁଥିଲେ, ତାହା ଲିପିବଦ୍ଧ କରିଯାଇଥିଲେ ।

ସେହିପରି ସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଅନ୍ୟ ସଖାମାନେ ଯୋଗଧ୍ୟାନରେ ବସି ସମାଧିସ୍ଥ ହୋଇ ବାହ୍ୟଜଗତରୁ ସଂପୂର୍ଣ୍ଣ ଅଲଗା ହୋଇ ଯାଇପାରୁଥିଲେ । ସମାଧିସ୍ଥ ଅବସ୍ଥାରେ ସେମାନଙ୍କର ସୂକ୍ଷ୍ମ ଦୃଷ୍ଟିରେ ଅନାଗତ ଭବିଷ୍ୟତର ସ୍ପଷ୍ଟଚିତ୍ର ପରିଷ୍କାର ଭାସି ଉଠୁଥିଲା । ଶହଶହ ବର୍ଷ ପରେ ପୃଥିବୀରେ ଯାହା ଘଟିବ, ସେସବୁ ବିଷୟ ସେମାନେ ସମାଧିସ୍ଥ ଅବସ୍ଥାରେ ଦିବ୍ୟସୂକ୍ଷ୍ମ ଦୃଷ୍ଟିରେ ସ୍ପଷ୍ଟଭାବରେ ଦେଖିପାରୁଥିଲେ ଏବଂ ଯାହାସବୁ ଦେଖିଥିଲେ ତାହା ତାଳପତ୍ର ଖୋଦାରେ ଲେଖିଯାଇଥିଲେ ।

ସନ୍ଥ ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରମୁଖ ପଞ୍ଚସଖାଙ୍କ ବିରଚିତ ମାଳିକାର ସକଳ ଭବିଷ୍ୟତ ବାଣୀ ସତ୍ୟରେ ପରିଣତ ହୋଇଛି, ହେଉଛି ଏବଂ ଆଗକୁ ହେବ ମଧ୍ୟ । ଏହା ସତ୍ୟ ପ୍ରମାଣିତ ହୋଇସାରିଛି, ଏଠାରେ ଏକଥା କହିଲେ ଅପ୍ରାସଙ୍ଗିକ ବା ଅଯୌକ୍ତିକ ହେବ ନାହିଁ ଯେ, ନିଜକୁ ନିଜେ ନକଲି ସାଧୁବାବା ବୋଲାଉଥିବା କେତେକ ଭଣ୍ଡତପସ୍ୱୀ ଏବଂ ଅସାଧୁ ପୁସ୍ତକ ବ୍ୟବସାୟୀ ନିଜନିଜ ମନରୁ ଫାନ୍ଦି ଯେଉଁସବୁ ମାଳିକା ପ୍ରଚାର ଓ ପ୍ରସାର କରିଛନ୍ତି ଏବଂ କରୁଛନ୍ତି ତଥା ମାଳିକାର ବସ୍ତୁବିନ୍ୟାସର ଅର୍ଥବିନ୍ୟାସରେ ଅନର୍ଥ ସୃଷ୍ଟି କରି ଚାଲିଛନ୍ତି, ତାହା ପୃଥିବୀର କୋଟି କୋଟି ସରଳପ୍ରାଣ ଧର୍ମବିଶ୍ୱାସୀ ଲୋକଙ୍କୁ କେବଳ ବିଭ୍ରାନ୍ତ କରିଅଛି ଓ କରୁଅଛି ।

ଦ୍ୱାପରଯୁଗ ଶେଷରେ ଭଗବାନ ଶ୍ରୀକୃଷ୍ଣଙ୍କର ପଦ୍ମପାଦରେ ଜାରାଶବରର ଶରାଘାତ ପରଠାରୁ ଆରମ୍ଭ ହୋଇଥିବା ଏହି କଳିଯୁଗର ପରମାୟୁ ଆଉ କେତେଦିନ ? ଶେଷ ହେବାକୁ ଯାଉଥିବା ଗୋଟିଏ ଯୁଗର କେତେକ ନିର୍ଦ୍ଦିଷ୍ଟ ଲକ୍ଷଣ ବା ସୂଚନା (ସଂକେତ) ଅବଶ୍ୟ ରହିଛି । ସେହିପରି କଳିଯୁଗର ଶେଷାବସ୍ଥାର ସୂଚନା ପଞ୍ଚସଖାକୃତ ମାଳିକାର ବହୁଳ ସ୍ଥାନରେ ସ୍ପଷ୍ଟଭାବରେ ଲିପିବଦ୍ଧ ହୋଇଅଛି । ଆଗତ ଭବିଷ୍ୟ ମାଳିକାରେ ଉଲ୍ଲିଖିତ ଅଛି :

''ଘୋର କଳି ମହାଘୋର ତମ ଆଚ୍ଛାଦିବ ।
ଘଟଗୁପ୍ତ ରହିବୁ ଯେ କେହି ନ ଜାଣିବ ।।''

ଅର୍ଥାତ୍, ଘୋର କଳିଯୁଗରେ ଯେତେବେଳେ ସାରା ପୃଥିବୀ ତମଗୁଣୀମାନଙ୍କର ଅନୀତି, ଦୁର୍ନୀତି ଓ ପାପାଚାରରେ ଘାଣ୍ଟି ହେଉଥିବ, ସେତେବେଳେ ପ୍ରକୃତ ଧାର୍ମିକ ଓ ସାଧୁସଜ୍ଜନମାନେ ଦୁଷ୍ଟମାନଙ୍କ ଭୟରେ ଗୁପ୍ତଭାବରେ ରହି ପ୍ରଭୁଙ୍କର ପଦ୍ମପାଦରେ ନିଶିଦିନ ଲୟ ସ୍ଥିର ରଖିଥିବେ । ପଞ୍ଚସଖା କୃତ ମାଳିକାରେ ଲେଖାଅଛି :

''ମହା ବ୍ୟାକୁଳ ପୃଥିବୀ ହୋଇବ । ଜାତିକୁଳଗୋତ୍ର କିଛି ନଥିବ ।
ସ୍ତିରୀମାନେ ସବୁ ପ୍ରବଳ ହେବେ । ଶାଶୁ ଶ୍ୱଶୁର ସ୍ୱାମୀ ନ ମାନିବେ ।।

ବର୍ତ୍ତମାନର ଉଦ୍‌ବେଗ ଓ ଯନ୍ତ୍ରଣା ଜର୍ଜରିତ ଅଶାନ୍ତ ପୃଥିବୀ ସମ୍ପର୍କରେ ଏହାହିଁ ଥିଲା ସିଦ୍ଧପୁରୁଷ ପଞ୍ଚସଖାଙ୍କର ଭବିଷ୍ୟବାଣୀ । ସେମାନେ ସ୍ପଷ୍ଟଭାବରେ ଜାଣିଥିଲେ, କଳିଯୁଗର ଶେଷ ସମୟରେ ନାରୀମାନେ ଅତ୍ୟନ୍ତ ଉଦ୍ଧତା ଓ ଉଗ୍ରଭାବସମ୍ପନ୍ନା ହେବେ, ତାହାହିଁ ହୋଇଛି, ବର୍ତ୍ତମାନ ସମାଜରେ ଏହା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇସାରିଛି ।

ଏହି ଭୟଙ୍କର ଉଗ୍ରସ୍ୱଭାବ ପାଇଁ ନାରୀ ଆଜି ନିଜର ନାରୀତ୍ୱ ହରାଇ ବସିଛି । ମହୀୟସୀ ବୀରାଙ୍ଗନା ବାରାଙ୍ଗନା ରୂପରେ ସମାଜରେ ସାଧୁସନ୍ଥମାନଙ୍କର ଘୃଣାର ପାତ୍ର ହୋଇସାରିଛି । ଫଳରେ ବ୍ୟଭିଚାର, ବଳାତ୍କାର, ଧର୍ଷଣ, ପଳାୟନ, ଆତ୍ମହତ୍ୟାଦି ଅସାମାଜିକ ଘଟଣା ସମୂହ ପ୍ରତିଦିନ ସମାଜରେ ଘଟିବାରେ ଲାଗିଛି ।

ଘୋର କଳିର ଅନ୍ତିମ ପର୍ଯ୍ୟାୟରେ ଲୋକଚରିତ୍ର ନାନାଦି କଦର୍ଯ୍ୟ ଓ ବ୍ୟଭିଚାରରେ ପୂର୍ଣ୍ଣ ହୋଇଛି । ଘୋର କଳିଯୁଗରେ ମାଳିକାର ଭବିଷ୍ୟତ ବାଣୀ ଅନୁସାରେ ଧର୍ମନୀତି ସଙ୍କୁଚିତ ହୋଇଛି । ପାପାଚାର ଓ ଭ୍ରଷ୍ଟାଚାର ବହୁଳ ଭାବରେ ପ୍ରସାରିତ ହେଉଛି । ନିଜେ ନିଜକୁ ଧର୍ମାତ୍ମା ବୋଲାଉଥିବା ଭଣ୍ଡମାନେ ଅକଥନୀୟ ସ୍ୱାର୍ଥପରତାର ଦାସ ହୋଇ ପାପାଚାର ଓ ଭ୍ରଷ୍ଟାଚାରରେ ଲିପ୍ତ ରହିଛନ୍ତି । ଧର୍ମର ତଥା ବିଶ୍ୱକଲ୍ୟାଣର ଦ୍ୱାହି ଦେଇ ଏହି ଭଣ୍ଡମାନେ ସମାଜରେ ନାନାଦି ଅସାମାଜିକ ଦୁଷ୍କର୍ମରେ ଲିପ୍ତ ରହୁଛନ୍ତି । ହାୟ ! ଭଗବାନ !!

୦୦୦

# ବାଲ୍ୟବ୍ରହ୍ମ

*(୧୯୯୭-୯୮ ମସିହାରୁ ପରମପୁରୁଷ ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାରୁ ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା ଆନୁକୂଲ୍ୟରେ ନୂତନ ଉତ୍ସବମାନ ଅନୁଷ୍ଠିତ ହୋଇ ଆସୁଛି । ଏହା ଅତୀବ ଆନନ୍ଦର ବିଷୟ । ଇଷ୍ଟପୁରୁଷଙ୍କ ସହିତ ଆନନ୍ଦଜନକ ଅନୁଷ୍ଠାନରେ ଆମୋଦପୂର୍ଣ୍ଣ ବ୍ୟାପାରରେ ଏକତ୍ର ହେବାର ସୁଯୋଗ ଏହି ଉତ୍ସବମାନଙ୍କରେ ଅଗଣିତ ଶିଷ୍ୟ /ଭକ୍ତ / ଅନୁଗତ ମାନଙ୍କୁ ମିଳିଥାଏ; ତେଣୁ ଉତ୍ସବ ଅନୁଷ୍ଠାନର କେବଳ ସାମାଜିକ ନୁହେଁ ଆଧାତ୍ମିକ ଏବଂ ପରମାର୍ଥିକ ତାତ୍ପର୍ଯ୍ୟ ମଧ ରହିଛି । ଜୀବପରମଙ୍କ ଏହି ମହାମିଳନର ପୃଷ୍ଠଭୂମି ଉତ୍ସବ ହିଁ ପ୍ରସ୍ତୁତ କରିଥାଏ । ଉତ୍ସବ ପ୍ରସୂତ ଆନନ୍ଦ ହିଁ ନିତ୍ୟାନନ୍ଦ / ପରମାନନ୍ଦ / ପୂର୍ଣ୍ଣାନନ୍ଦ / ବ୍ରହ୍ମାନନ୍ଦ ପ୍ରାପ୍ତିର ମୂଳଭିତ୍ତି ପକାଇଥାଏ ।*

*ସେହି ଉତ୍ସବପାଳନର ଅନ୍ତରାଳରେ ରହିଥିବା ରହସ୍ୟମୟ ଆଧାତ୍ମିକ ଇତିହାସର ଇତିବୃତ୍ତ କ୍ରମାଗତ ଭାବେ ବହନ କରି ଚାଲିଛି ''ଚରମ'' ର ଏହି ସ୍ତମ୍ଭ । ସେହି କ୍ରମରେ ଏ ସଂଖ୍ୟାରେ ପରିବେଷିତ ହେଉଛି ଅଗ୍ନିପୂର୍ଣ୍ଣିମା (୧୧/୨/୯୮)ରେ ଜଗତପୁରସ୍ଥ କେଶବଭବନ ପରିସରରେ ପାଳିତ ହୋଇଥିବା 'ବାଲ୍ୟବ୍ରହ୍ମ ଉତ୍ସବ' ଅନୁଷ୍ଠାନର ସଂକ୍ଷିପ୍ତ ବିବରଣୀ । ୧୪୦୫ ସାଲ ମାଘ ପୂର୍ଣ୍ଣିମା । ଇଂରାଜୀ ସନ ୧୯୯୮ ମସିହା ଫେବୃୟାରୀ ମାସ ୧୧ ତାରିଖ, ବୁଧବାର । ସନାତନ ଧର୍ମର ଏକ ଅବିସ୍ମରଣୀୟ ଦିବସ । ଭଗବତ୍‌ପ୍ରେମୀ, ଈଶ୍ୱର ବିଶ୍ୱାସୀ ପ୍ରତ୍ୟେକ ପରିବାର ଆଜି ଅଗ୍ନିଦେବଙ୍କର ପୂଜା, ଆରାଧନାରେ ବ୍ୟସ୍ତ । ଏହି ଶୁଭ ଅବସରରେ ପ୍ରତିଶ୍ରୁତିତ ''ସ୍ୱର୍ଣ୍ଣକ୍ଷେତ୍ର'' ପାଳନକରୁଛି ''ବାଲ୍ୟବ୍ରହ୍ମ ଦିବସ'' । ଏକ ସଂପୂର୍ଣ୍ଣ ନୂତନ ତଥା ଭିନ୍ନ ସ୍ୱାଦର ଉତ୍ସବ । ବନ୍ଦନା କରୁଛି ତାର ସ୍ୱାମୀ ''ବାଲ୍ୟବ୍ରହ୍ମ ଲୀଳାର ମହାନାୟକ'' ଠାକୁର ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ରଙ୍କ ପବିତ୍ର ଯୁଗଳ ପାଦପଦ୍ମକୁ ।*

*ସୃଷ୍ଟି ଆରମ୍ଭର ବହୁପୂର୍ବରୁ ସୂକ୍ଷ୍ମରୁ ସ୍ଥୂଳ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ସ୍ରଷ୍ଟାଙ୍କର ଅପୂର୍ବଲୀଳା ରଚନା ହୋଇ ଚାଲିଛି । କିନ୍ତୁ ତାଙ୍କର ଇଚ୍ଛା ଓ ଆଶୀର୍ବାଦ ବିନା ସେଗୁଡ଼ିକୁ ଜାଣିବା, ବୁଝିବା, ଅନୁଭବ କରିବା ଅସମ୍ଭବ । ପର୍ଯ୍ୟାୟକ୍ରମେ ଅନେକ ରହସ୍ୟ ଧରାପୃଷ୍ଠକୁ ଆସିଛି ଯେଉଁଗୁଡ଼ିକୁ ତତ୍କାଳୀନ ମହାପୁରୁଷମାନେ ପୁରାଣ ପୃଷ୍ଠାରେ ଲିପିବଦ୍ଧ କରି ଯାଇଛନ୍ତି । ସେହି ପୌରାଣିକ ପ୍ରମାଣକୁ ଆଧାର କରି ଏ ଯାବତ୍ ନିରବଚ୍ଛିନ୍ନ ଭାବରେ ପାଳିତ ହୋଇ ଚାଲିଛି ଅସଂଖ୍ୟ ପର୍ବପର୍ବାଣୀ,କେବଳ ଉତ୍ତରାଧିକାର ପ୍ରଥା ଅନୁକରଣରେ । ମାତ୍ର ପ୍ରତି ପର୍ବର ପୃଷ୍ଠଭୂମି ହୁଏତ ଅନେକଙ୍କୁ ଜଣା ନ ଥାଏ । ମାଘପୂର୍ଣ୍ଣିମାର ''ଅଗ୍ନିଉତ୍ସବ''' ସେହିପରି ଏକ ପର୍ବ ଯାହାର ଇତିବୃତ୍ତ ଏବେ ମଧ ଅସ୍ପଷ୍ଟ । ଉକ୍ତ ଅସ୍ପଷ୍ଟ ଭିତ୍ତିଭୂମି ଉପରେ ଧରାପୃଷ୍ଠରେ ପ୍ରଥମଥର ପାଇଁ ପାଳିତ ହେଉଅଛି ଏକ ଅଭୂତପୂର୍ବ ଉତ୍ସବ ''ବାଲ୍ୟବ୍ରହ୍ମ ଦିବସ'' । ୧୯୯୭-୯୮ ମସିହାର କୋହେନୁର ପ୍ରେସ ପଞ୍ଜିକାରେ ''ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ ସୂଚୀ ମାଧ୍ୟମରେ'' । ଉତ୍ସବଟି ପ୍ରକାଶିତ ହେବା ଦିନ ଠାରୁ ଅଗଣିତ ଭକ୍ତ, ଅନୁଗତ, ଶିଷ୍ୟ, ବ୍ରହ୍ମଜିଜ୍ଞାସୁ, ସଦାତ୍ମା, ଦିବ୍ୟାତ୍ମାମାନଙ୍କର ଅନେକ ପ୍ରଶ୍ନ, ଅସୁମାରି ଜିଜ୍ଞାସା ଆମର ହସ୍ତଗତ ହୋଇଛି । ଯଥା :- ବାଲ୍ୟବ୍ରହ୍ମଦିବସର ତାତ୍ପର୍ଯ୍ୟ କ'ଣ ? କେଉଁ ପୃଷ୍ଠଭୂମି ଉପରେ ଆଧାରିତ ? ଇତ୍ୟାଦି । ସେହି ସମସ୍ତ ଦ୍ୱନ୍ଦ୍ୱପୂର୍ଣ୍ଣ ଜିଜ୍ଞାସାର ସମାଧାନ ପାଇଁ ଉତ୍ସବଟିର ଯୁଗାନ୍ତକାରୀ ଗୁପ୍ତ ରହସ୍ୟ ଉନ୍ମୋଚନ କରାଇବାର ପ୍ରୟାସରେ ତାଙ୍କରି ଆଶୀର୍ବାଦ ବହନ କରି ଜନ୍ମ ନେଇଛି ଏହି କ୍ଷୁଦ୍ର ସ୍ତମ୍ଭ ''ବାଲ୍ୟବ୍ରହ୍ମ'' । ଆଶା ସଚ୍ଚିଦାନନ୍ଦ, ଲୀଳାନାୟକଙ୍କ ଅମୃତ ଲୀଳା ପଠନ ଓ ଶ୍ରବଣରେ ସମସ୍ତ ଦ୍ୱନ୍ଦ୍ୱ ସମାଧାନ ହେବ । ଭକ୍ତିରସର ଜାଗରଣରେ ମନ ପ୍ରାଣ ପୁଲକିତ ହେବ ।)*

ମହାଶୂନ୍ୟରେ ୪୨ଟି କଳ୍ପ ଭୋଗ ହୋଇଗଲା । ୪୩ତମ କଳ୍ପରେ, ଏକଦା ବ୍ରହ୍ମା ସାବିତ୍ରୀ ବ୍ରହ୍ମମଣ୍ଡଳରେ ବସିଥିଲେ । ଦେବର୍ଷି ନାରଦ ଉପସ୍ଥିତ ହୋଇ ବ୍ରହ୍ମଦେବଙ୍କୁ ପଚାରିଲେ,''ପିତୃଦେବ ! ଆପଣ ସୃଷ୍ଟି ତ ସର୍ଜନା କରି ଦେଲେ । କିନ୍ତୁ ମର୍ତ୍ତ୍ୟ ଭୂମି ନିର୍ମାଣ ?'' ବ୍ରହ୍ମା ସହାସ୍ୟ ବଦନରେ ଉତ୍ତର ଦେଲେ, ''ନିର୍ମାଣ ହେବ । ହେ ନାରଦ ! ମର୍ତ୍ତ୍ୟ ଭୂମିର ୫୨ ଛନ୍ଦପୁଷ୍ପ ହୋଇଛି । ପ୍ରଥମ ଛନ୍ଦପୁଷ୍ପରେ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ନାମରେ ୪ ଗୋଟି ଯୁଗ ଆସୁଅଛି । ମାତ୍ର ହେ ମୋର ପ୍ରିୟପୁତ୍ର ! ମର୍ତ୍ତ୍ୟଭୂମି ନିର୍ମାଣ ପ୍ରଥମ ସୋପାନରେ ଆବଶ୍ୟକ ଜ୍ଞାନୀପୁତ୍ର । ଯେଉଁମାନଙ୍କ ଦ୍ୱାରା ହିରଣ୍ୟଗର୍ଭର ସମସ୍ତ ଜ୍ଞାନ କ୍ଷରିତ ହୋଇ ଶିବଲୋକ ଦ୍ୱାରା ମର୍ତ୍ତ୍ୟଭୂମିକୁ ଅବତରଣ କରିବ । ତାହାରି ମାଧ୍ୟମରେ ମୁନି,ଋଷିଗଣ ଜନ୍ମ ହୋଇ ମର୍ତ୍ତ୍ୟଧାମରେ ଯାବତୀୟ ବସ୍ତୁ,କୀଟ, ବ୍ରହ୍ମସୂତ୍ର,ତରୁଲତା,ପାହାଡ଼,ପର୍ବତ ଆଦି ଯାହା ସୃଷ୍ଟି ହେବ ସମସ୍ତଙ୍କର ନାମକରଣ କରିବେ । ଏହି ଜ୍ଞାନୀପୁତ୍ରମାନେ ସବୁଦିନ ପାଇଁ ହିରଣ୍ୟଗର୍ଭର 'ଶ୍ୟାଦ୍ୟୋତମଣ୍ଡଳ'ରେ ଅବସ୍ଥାନ କରିବେ । ସଦା ଉଲଗ୍ନ ରହିବେ । ସ୍ୱଭାବ ବାଳକ ହୋଇ ରହିବ । ବୟସ ସର୍ବଦା ପାଞ୍ଚବର୍ଷ ହୋଇ ରହିଥିବ । ଗୋଲାପ ରଙ୍ଗର ଦେହ ଧାରଣ କରିଥିବେ । ପ୍ରସ୍ଫୁଟିତ ହସରେ ମୁଖମଣ୍ଡଳ ସବୁ ସମୟରେ ଉଦ୍‌ଭାସିତ ହେଉଥିବ । ଦୋଳାୟମାନ ଅବସ୍ଥାରେ ଆଜ୍ଞାରେ ସର୍ବଦା ଝୁଲି ରହିଥିବେ ।'' ଉକ୍ତ ବର୍ଣ୍ଣନା କରୁ କରୁ ତତ୍‌କ୍ଷଣାତ୍ ବ୍ରହ୍ମା ସର୍ଜ୍ଜ, ଉର୍ଜ୍ଜ, ତ୍ରିକୂଟ ସନ୍ଧି ତଥା ବୃଜିନ ଚକ୍ଷୁ ଦ୍ୱାରା ଚାରିଗୋଟି ମାନସ ଜ୍ଞାନୀ ପୁତ୍ର ସୃଷ୍ଟିକରି ଦେଲେ ଏବଂ ସେମାନଙ୍କର ନାମକରଣ କଲେ ସନକ, ସନନ୍ଦ,ସନାତନ ଓ ସନତ୍ କୁମାର । ସେମାନଙ୍କୁ ସଙ୍ଗେ ସଙ୍ଗେ ଜ୍ଞାନ ମଧ ପ୍ରଦାନ କରିଦେଲେ ।

ବ୍ରହ୍ମା ନାରଦଙ୍କୁ ମର୍ତ୍ତ୍ୟଧାମ ନିର୍ମାଣ ଓ ପରବର୍ତ୍ତୀ ରହସ୍ୟ କହୁଥିବା ସମୟରେ ଅଗ୍ନିଦେବ ତାଙ୍କର ନିଜ ମଣ୍ଡଳ ''ହୃଦ୍‌ଗ୍ରାନ୍ତ''ରେ ରହି ସମସ୍ତ ବୃତ୍ତାନ୍ତ ଶୁଣୁଥିଲେ ଓ ମାନସ ଜ୍ଞାନୀପୁତ୍ରମାନଙ୍କର ଜନ୍ମ ପ୍ରକରଣ ଦର୍ଶନ କରୁଥିଲେ । ବ୍ରହ୍ମାଙ୍କର ସୃଷ୍ଟି ନିର୍ମାଣରେ ତନ୍ମୟ ଅବସ୍ଥା ଦେଖି ଅଗ୍ନିଦେବ ବର ପ୍ରାର୍ଥନା କଲେ; ''ଭୋ ଦେବ ! ମୋ ଦ୍ୱାରା ସୃଷ୍ଟି

ପାଇଁ ଯେଉଁକାର୍ଯ୍ୟ କରିବାକୁ ପଡ଼ିବ ତାହା ସମସ୍ତ ଶୁଣିଲି । ତେଣୁ ହେ ଦେବ ! ମୋର ପ୍ରାର୍ଥନା; ଆଜିର ଏହି ଦିନ ଅବିସ୍ମରଣୀୟ ହୋଇ ରହୁ । ମର୍ତ୍ତ୍ୟଭୂମିରେ ଏହି ମାସଟିର ନାମ ହେଉ ମାଘମାସ । ଆଜି ପୂର୍ଣ୍ଣଚନ୍ଦ୍ର ଉଦୟ ହୋଇ ମର୍ତ୍ତ୍ୟଧାମକୁ ହିରଣ୍ୟଗର୍ଭର ସମସ୍ତ ଜ୍ଞାନ ପ୍ରେରଣର ଉତ୍ସ ମାନସ ଜ୍ଞାନୀପୁତ୍ରଙ୍କର ଆବିର୍ଭାବ ସଙ୍ଗେ ସଙ୍ଗେ ମୋର କାର୍ଯ୍ୟସୂଚୀ ନିରୂପଣ ହୋଇଥିବାରୁ ମୋର ନାମ ଅନୁସାରେ ମର୍ତ୍ତ୍ୟଧାମରେ ଏହି ଦିବସର ନାମକରଣ ହେଉ ''ଅଗ୍ନିଉତ୍ସବ'' । ମର୍ତ୍ତ୍ୟବାସୀ ପ୍ରତି ସମ୍ବତ୍ସର ମାଘପୂର୍ଣ୍ଣିମାରେ ଏହି ଉତ୍ସବ ପାଳନ କରନ୍ତୁ ଓ ମୋର ତଥା ମାନସ ଜ୍ଞାନୀପୁତ୍ରମାନଙ୍କର ଜନ୍ମକୁ ସ୍ମରଣ ରଖନ୍ତୁ । ଦ୍ୱିତୀୟ ବରରେ କୃପା କରନ୍ତୁ ଦେବ ! ସତ୍ୟ, ତ୍ରେତା, ଦ୍ୱାପର ଭୋଗପରେ ମର୍ତ୍ତ୍ୟବାସୀ କ୍ରମଶଃ ଅଧର୍ମ, ଅନ୍ୟାୟ, ଅନାଚାରରେ ବୁଡ଼ିଯିବେ ଓ ଧୀରେ ଧୀରେ ଏହି ପବିତ୍ର ସ୍ମୃତିକୁ ପାଶୋରି ଯିବେ । ତେଣୁ ଉପରୋକ୍ତ ତ୍ରିଯୁଗ ଭୋଗ ପରେ ଏହି ଦିବସରେ ହିଁ କଳିଯୁଗ ଆରମ୍ଭ ହେଉ ଓ ମୋର ନାମକରଣରେ ''ଅଗ୍ନି କଳିଯୁଗାବ୍ଦ'' ଆରମ୍ଭ ହେଉ ।''

ଠିକ୍ ଏହି ସମୟରେ ''କାଳାନ୍ତକ'' ମୁନି ତାଙ୍କର ତପସ୍ୟା ବଳରେ ମର୍ତ୍ତ୍ୟଭୂମି ନିର୍ମାଣର ସମସ୍ତ ବିବରଣୀ ଅବଗତ ହେଲେ । ତେଣୁ ସେ ସଂହାରକର୍ତ୍ତା ଶିବଙ୍କୁ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇ ''ଉତ୍ତ୍ରନ୍ତୁସ୍ୟ'' ନାମକ କାଳ ସୃଷ୍ଟି କରି ଦେଲେ ଓ ନିର୍ଦ୍ଦେଶ ଦେଲେ ବ୍ରହ୍ମାଙ୍କ ଦ୍ୱାରା ନିର୍ମିତ ହେଉଥିବା ମର୍ତ୍ତ୍ୟଭୂମିକୁ ନଷ୍ଟ କରିବା ପାଇଁ । ଜଗତ୍‌ପାଳକ ବିଷ୍ଣୁ ଏହା ଜାଣିପାରି ବ୍ରହ୍ମାଙ୍କୁ ଜଣାଇଲେ, ''ମୁନିଙ୍କ ତପବଳରେ ଶିବକାଳ ପ୍ରବେଶ କଲାଣି ମର୍ତ୍ତ୍ୟମଣ୍ଡଳକୁ ନଷ୍ଟ କରି ଦେବ ।'' କିନ୍ତୁ ବ୍ରହ୍ମା ନିରୁତ୍ତର ରହି ନିଜର ଅସହାୟତା ପ୍ରକାଶ କଲେ । ଏହାପରେ ବିଷ୍ଣୁ, ଶିବଙ୍କ ନିକଟକୁ ଯାଇ କାଳକୁ ପ୍ରତିହତ କରିବାକୁ ଅନୁରୋଧ କଲେ । ଶିବ କହିଲେ, ''ବ୍ରହ୍ମାଙ୍କୁ ଆରାଧନା କରି ମୁଁ ନିଜେ କାଳ ସୃଷ୍ଟି କରିଛି । ମୁଁ କିଛି କରିପାରିବି ନାହିଁ । ତେଣୁ ତୁମେ କିଛି ଉପାୟ କର ।'' ଭଗବାନ ବିଷ୍ଣୁ ଜାଣିଲେ, ଏହାର ସମାଧାନ କେବଳ ଅଗ୍ନିଦେବଙ୍କୁ ସନ୍ତୁଷ୍ଟ କରାଗଲେ ହିଁ ସମ୍ଭବ ହେବ, ତେଣୁ ସେ (ଅଗ୍ନିଦେବ) ତାଙ୍କ ମଣ୍ଡଳରେ ରହି ଯେଉଁ ପ୍ରାର୍ଥନା କରୁଥିଲେ ସେ ସମସ୍ତ ପ୍ରାର୍ଥନା ବିଷ୍ଣୁ ଗ୍ରହଣ କରି ବରଦାନ ପୂର୍ବକ କହିଲେ, ''ହେ ଅଗ୍ନିଦେବ ! କାଳରୂପ ଅଗ୍ନି ଦ୍ୱାରା ମର୍ତ୍ତ୍ୟଧାମ ଦହନ କର ନାହିଁ । ତୁମରି ନାମରେ ନାମିତ ହେଲା ଆଜିର ଦିବସ ''ଅଗ୍ନିଉତ୍ସବ ।'' ଏହି ଦିନ ମର୍ତ୍ତ୍ୟରେ ସମସ୍ତ ନରଲୋକ, ଅଗ୍ନି ଜାଳି ତୁମର ପୂଜା-ଉତ୍ସବ କରିବେ । ସତ୍ୟ, ତ୍ରେତୟା, ଦ୍ୱାପର ଭୋଗ ପରେ ଏହି ଦିନ ହିଁ ମର୍ତ୍ତ୍ୟରେ କଳିଯୁଗ, ଅଗ୍ନିକଳିଯୁଗାବ୍ଦ ଆରମ୍ଭ ହେବ ।'' ଅଗ୍ନିଦେବ ବିଚାର କଲେ, ''ଆଜି ମୋର ପରମ ସୌଭାଗ୍ୟ । ବ୍ରହ୍ମଦେବଙ୍କ ଶ୍ରୀମୁଖରୁ ମର୍ତ୍ତ୍ୟଭୂମି ନିର୍ମାଣର ରହସ୍ୟ ଅବଗତ ହେଲି । ତାଙ୍କର ରୂପାନ୍ତରିତ ଶରୀର ମାନସ ଜ୍ଞାନୀପୁତ୍ରମାନଙ୍କର ଆବିର୍ଭାବ ଦର୍ଶନ କଲି । ବୈକୁଣ୍ଠପତି ଭଗବାନ୍ ବିଷ୍ଣୁଙ୍କୁ ଦର୍ଶନ କରି ବରପ୍ରାପ୍ତ ହେଲି । ତେଣୁ ଆଉ ଏକ ଅଭିଷ୍ଟ ପୂର୍ଣ୍ଣ କରାଇବି ।'' ଯୋଡ଼ ହସ୍ତରେ ନିବେଦନ କରି ବୈକୁଣ୍ଠପତିଙ୍କୁ କହିଲେ,''ହେ ସ୍ୱାମୀ ! ମୁଁ ତୁମର ଆଜ୍ଞା ପାଳନ କରିବି । କିନ୍ତୁ ତୁମେ ମୋର ଆଉ ଗୋଟିଏ ଅଳି ପୂର୍ଣ୍ଣକର ।'' ଭକ୍ତବତ୍ସଳଙ୍କ ଲୀଳା ତ ସର୍ବଦା ଅଗୋଚର । ଅନୁଜ୍ଞା ଦେଇ ଅଭୟ ଦେଲେ, ''ପ୍ରକାଶ କର'' । ଅଗ୍ନିଦେବ ପ୍ରାର୍ଥନା କଲେ, '' ହେ ଦେବ ! ଆଜି ବ୍ରହ୍ମଦେବଙ୍କର ବାଲ୍ୟରୂପ ତାଙ୍କର ମାନସ ସନ୍ତାନ ମାନଙ୍କ ମାଧ୍ୟମରେ ଦର୍ଶନ କଲି । ତେଣୁ ଆଗ୍ରହ ହେଉଛି, ତୁମର ବାଲ୍ୟରୂପ ଦର୍ଶନ କରି କୃତାର୍ଥ ହେବି ।'' ସଂଗେ ସଂଗେ ପ୍ରଭୁ ''ଅଗ୍ନିଗୁର୍ଭର ବାଲ୍ୟବିଷ୍ଣୁରୂପ'' ହୋଇ ଅଗ୍ନିଙ୍କୁ ଦର୍ଶନ ଦେଲେ । ଅପୂର୍ବ, ମନୋହର ସେ ରୂପ । ବୟସ ୫ ବର୍ଷ । ସଂପୂର୍ଣ୍ଣ ନୀଳବର୍ଣ୍ଣର ଶରୀର । ଶରୀର ଚତୁଃପାର୍ଶ୍ୱ ଗୋଲାକାର ଗୋଲାପିରଙ୍ଗର ଜ୍ୟୋତିରେ ଉଦ୍‌ଭାସିତ । ପ୍ରସ୍ଫୁଟିତ ପୁଷ୍ପପରି ହସହସ ମୁଖମଣ୍ଡଳ । ବାମଆଣ୍ଠୁ ଓ ବାମହସ୍ତ ଭୂମିପରେ । ଦକ୍ଷିଣ ଆଣ୍ଠୁ ସାମାନ୍ୟ ଉତ୍‌ଥିତ ଓ ଦକ୍ଷିଣ ହସ୍ତରେ ଅଭୟ ମୁଦ୍ରା । ମସ୍ତକରେ ନବରତ୍ନର ମୁକୁଟ । ଗଳାରେ କୌସ୍ତୁଭମଣି ଶୋଭିତ ରତ୍ନମାଳା । ଏହି ଅପୂର୍ବ ରୂପ ଦର୍ଶନରେ କେବଳ ଅଗ୍ନିଦେବ ନୁହଁନ୍ତି, ସମସ୍ତ ଦେବ, ମୁନି, ଋଷିମାନେ ଚମତ୍କୃତ ହୋଇ ବରପ୍ରାର୍ଥନା କଲେ, ''ପ୍ରଭୁ ! ଏହି ଅପୂର୍ବ ବାଲ୍ୟରୂପର ସ୍ମାରକ ପାଇଁ ମର୍ତ୍ତ୍ୟବାସୀମାନେ ଏହି ଦିନ ବାଲ୍ୟବ୍ରହ୍ମ ଦିବସ ପାଳନ କରନ୍ତୁ । କିନ୍ତୁ ଅଗ୍ନିଦେବ ପ୍ରାର୍ଥନା କଲେ ''ଉକ୍ତ ଦିବସ ବାଲ୍ୟବ୍ରହ୍ମ ଦିବସ'' ହେଉ । ମାତ୍ର ଏବେ ନୁହେଁ । ଆଜି ଏହି ରୂପ ଧାରଣ ପୂର୍ବରୁ କଳିଯୁଗାବ୍ଦ ଆରମ୍ଭର ସମୟ ନିର୍ଦ୍ଧାରିତ ହୋଇଛି । ତେଣୁ ଆପ୍ପମାନଙ୍କର ଏହି ଅପୂର୍ବ ରୂପ ଦର୍ଶନର ଅନ୍ତରାଳରେ କଳିଯୁଗହିଁ କାରଣ ଭାବରେ ପ୍ରେରିତ । କଳିଯୁଗରେ ମାନବ ଧର୍ମ ନାଶ କରି ପାପଭାରରେ ଦହନ ହେଉଥିବ, ରକ୍ଷା ପାଇବାର କୌଣସି ଉପାୟ ମଧ ନ ଥିବ । ତେଣୁ କଳିଯୁଗ ଶେଷରେ ଯେତେବେଳେ ପ୍ରଭୁ ଅବତରିତ ହୋଇ ସ୍ୱୟଂ ମର୍ତ୍ତ୍ୟଧାମରେ ଉପସ୍ଥିତ ଥିବେ ସେତେବେଳେ ଏହି ବାଲ୍ୟବ୍ରହ୍ମ ଦିବସ'' ପାଳିତ ହେଉ । କିନ୍ତୁ ଏହି ଦିନର ସ୍ମୃତି ଓ ସ୍ମରଣ ପାଇଁ ପ୍ରଭୁ ସମ୍ବତ୍ସରର ଏହି ଦିବସରେ ଆଶାୟୀ ଭକ୍ତମାନଙ୍କର ଅଭିଷ୍ଟ ପୂର୍ଣ୍ଣ ପାଇଁ ''ବାଲ୍ୟବ୍ରହ୍ମ'' ରୂପ ଧାରଣ କରନ୍ତୁ ।'' ଲୀଳାମୟ ବରଦାନ କଲେ, ''ତାହାହିଁ ହେବ ।'' ଫଳରେ ମର୍ତ୍ତ୍ୟଧାମ ନିର୍ମାଣ ହୋଇଗଲା ଓ କାଳର ପ୍ରଭାବରୁ ରକ୍ଷା ପାଇଗଲା । କିନ୍ତୁ ସେହିଦିନୁ ବାଲ୍ୟବ୍ରହ୍ମଙ୍କର ବିଭିନ୍ନ ରୂପ ଏହି ଦିନ ମୁନି, ଋଷିମାନେ ଦର୍ଶନ କରିଚାଲିଛନ୍ତି ।

ଉପରବର୍ଣ୍ଣିତ ରହସ୍ୟ ଯୁଗ ଆରମ୍ଭର ପୂର୍ବବର୍ତ୍ତୀ ଘଟଣା । ଯେତେବେଳେ ମର୍ତ୍ତ୍ୟଧାମ ନିର୍ମାଣ ପରେ ଯୁଗ ଆରମ୍ଭ ହୋଇଗଲା, ସେତେବେଳେ ବାରଜଣ ଋଷି ଯଥା ୧. ଶୂଳିଘଟ, ୨.ବର୍ଣ୍ଣଧା ହଂସ, ୩.ଘର୍ଘରାହଂସ, ୪.ଶକ୍ରବଟୁ, ୫.ରାଘବ, ୬.ଶତ୍ରୁଜିତ, ୭.ଭୂତବାହୁ, ୮.ବ୍ୟୋମୋରାଜ, ୯.ଅଳତିରାଜ, ୧୦.ଅନୁଗତ, ୧୧.ଚକ୍ରଶୁଦ୍ଧ, ୧୨.ବଂଶୀଭାନୁ ଏହି ଦିବସରେ ବ୍ରହ୍ମା, ବିଷ୍ଣୁ ଓ ମହେଶ ତ୍ରିଦେବଙ୍କର ''ବାଲ୍ୟବ୍ରହ୍ମଗୁର୍ଜ୍ଜର-ଜ୍ୟୋତି'' ଦର୍ଶନ କରି ମର୍ତ୍ତ୍ୟଧାମକୁ ଅବତରଣ କଲେ । ଏହାପରେ ଯୁଗପରେ ଯୁଗ ଅତିବାହିତ ହୋଇଅଛି । ବ୍ରହ୍ମଙ୍କର ଭକ୍ତ ଅଭିନବ ରୂପକୁ କେତେ ଭାବରେ କେତେ ଯେ ଭକ୍ତ ଦର୍ଶନ କରି ଯାଇଛନ୍ତି ତାର କଳନା ନାହିଁ । ସେହିଗୁଡ଼ିକରୁ ଅଳ୍ପ କେତୋଟି ଦୃଷ୍ଟାନ୍ତ ଏଠାରେ ଅବତାରଣା କରାଯାଉଅଛି ।

ସତ୍ୟଯୁଗର ଏହି ଦିବସରେ ବିଭିନ୍ନ ପର୍ଯ୍ୟାୟରେ ପରାର୍ଦ୍ଧମୁନି, ଧ୍ରୁବ ବାଲ୍ୟବ୍ରହ୍ମଜ୍ୟୋତି ଦର୍ଶନ କରିଥିଲେ । ସତୀ ଅନୁସୂୟା ତିନିଦେବଙ୍କର ବାଲ୍ୟରୂପ ଦର୍ଶନ କରି ସେମାନଙ୍କୁ କୋଳରେ ଧାରଣ କରିଥିଲେ । ଅମ୍ବୁଜୀ ମୁନି, ପୁଲସ୍ତ୍ୟ ଋଷି ଓ ଅତ୍ରିମୁନି ମଧ୍ୟ ଏହି ଦିନ ଜ୍ୟୋତି ସହ ବାଲ୍ୟବ୍ରହ୍ମରୂପ ଦର୍ଶନ ଲାଭ କରିଥିଲେ । ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଯେତେବେଳେ କାକଭୂଷଣ୍ଡିକୁ ଧରିବାକୁ ଯାଇଥିଲେ, ସେତେବେଳେ ଭୂଷଣ୍ଡି ଜ୍ଞାନତତ୍ତ୍ୱରେ ହିରଣ୍ୟଗର୍ଭରେ ବାଲ୍ୟବ୍ରହ୍ମଙ୍କ ଜ୍ୟୋତିଃରୂପ ଧାରଣ କରିଥିଲେ ଏହି ପବିତ୍ର ଅଗ୍ନିଉତ୍ସବ (ମାଘପୂର୍ଣ୍ଣିମା)ରେ ।

ଦ୍ୱାପରଯୁଗରେ ଏହି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ ପଞ୍ଚଭୂତର ପଞ୍ଚଦେବ । ବୃନ୍ଦାବନରେ ପ୍ରଭୁଙ୍କର ଅଲୌକିକ ହ୍ଲାଦିନୀ ଲୀଳା ରଚନାର ମୂକସାକ୍ଷୀ ରାହାସ କୁଞ୍ଜ ଦର୍ଶନ କରିବା ପରେ ପଞ୍ଚଦେବଙ୍କର ପ୍ରବଳ ଆଗ୍ରହ ହୋଇଥିଲା ରାହାସଗୁଞ୍ଜରର ବାଲ୍ୟରୂପ ଦର୍ଶନ ପାଇଁ । କରୁଣାସାଗର ବନମାଳୀ ମାଘପୂର୍ଣ୍ଣିମାର ଏହି ପବିତ୍ର ଦିବସରେ ରାହାସ କୁଞ୍ଜରେ ''ବାଲ୍ୟରାହାସ ଗୁଞ୍ଜର'' ରୂପ ଦର୍ଶନ କରାଇଥିଲେ । ଏହା ଜାଣିବା ପରେ ଅଭିମାନୀ ରାସେଶ୍ୱରୀ ଶ୍ରୀରାଧା ଅଭିମାନରେ ଫାଟି ପଡ଼ିଥିଲେ । ତାଙ୍କର ଅଭିମାନ ସହ୍ୟ କରିବା କୁଞ୍ଜବିହାରୀଙ୍କ ପକ୍ଷେ ସଂପୂର୍ଣ୍ଣ ଅସମ୍ଭବ । ତେଣୁ ରାସେଶ୍ୱର ଋତୁରାଜ ବସନ୍ତର ପ୍ରଥମ ପର୍ବ ମାଘମାସର ଏହି ପୂର୍ଣ୍ଣଚନ୍ଦ୍ର ରାତ୍ରିରେ ନିତ୍ୟକୁଞ୍ଜରେ ଗୁର୍ଜ୍ଜର ବାଲ୍ୟବ୍ରହ୍ମ ସାଜି ମା' ରାଧାଙ୍କ କୋଳରେ ଅବସ୍ଥାନ କରି ତାଙ୍କ ମାନଭଞ୍ଜନ କରିଥିଲେ । ସେହି ଯୁଗରେ ଅଗଣିତ ମୁନି, ଋଷିଙ୍କୁ ''ଜ୍ୟୋତି ବାଲ୍ୟବ୍ରହ୍ମ'' ରୂପ ଦର୍ଶନ ଦେଇ ଧନ୍ୟ କରାଇଥିଲେ ।

ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗର ଲୀଳା ସରିଯାଇଛି ଓ ପୁରାଣପୃଷ୍ଠା ସେହି ନିତ୍ୟଲୀଳାକୁ ଧାରଣ କରି ଧନ୍ୟ ହୋଇଛି । ଆମେ ସେଗୁଡ଼ିକୁ ଶ୍ରବଣ କରି ପୁଲକିତ ହେଉଅଛେ । କିନ୍ତୁ ବର୍ତ୍ତମାନ ଯେ ସେହି ଲୀଳା ମର୍ତ୍ତ୍ୟଧାମରେ ରଚନା ହୋଇ ଚାଲିଛି ତା'ର ହିସାବ ରଖିଛନ୍ତି କେତେଜଣ ? ସୂକ୍ଷ୍ମଯୋଗୀମାନେ ତା'ର ହିସାବ ଲେଖି ଚାଲିଛନ୍ତି ପରବର୍ତ୍ତୀ ଯୁଗର ପୁରାଣକୁ ପରିପୁଷ୍ଟ କରିବାକୁ । କଳିଯୁଗ ତା'ର ରାଜତ୍ୱର ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି । କଳ୍କଯୁଗରେ ଅଗ୍ନିଦେବଙ୍କର ପ୍ରାର୍ଥନା ପୂର୍ଣ୍ଣହୋଇଛି । ପ୍ରଭୁ ଗୋଲୋକବିହାରୀ ମର୍ତ୍ତ୍ୟାବତରଣ କରିଛନ୍ତି । ତାଙ୍କରି ସ୍ଥୂଳ ଉପସ୍ଥିତିରେ ଆଜି ସେହି ପବିତ୍ର ''ବାଲ୍ୟବ୍ରହ୍ମଦିବସ'' ନିର୍ଦ୍ଧାରିତ ବିଧିବିଧାନ ଅନୁଯାୟୀ ପବିତ୍ର ଲୀଳାଭୂମି ଜଗତପୁରସ୍ଥ 'କେଶବଭବନ' ପରିସରରେ ସହସ୍ରାଧିକ ଭକ୍ତ, ଅନୁଗତଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଅଛି ।

ଯୁଗ ଯୁଗ ଧରି ପ୍ରମାଣିତ ହୋଇ ଆସିଛି, ଯେଉଁ ଭାଗ୍ୟବାନ ଶ୍ରଦ୍ଧା,ନିଷ୍ଠା, ଏକାଗ୍ରତା ଓ ଭକ୍ତିପୂତ ହୃଦୟରେ ତାଙ୍କୁ ଥରେ ପାଇଛି, ତାଙ୍କର ଲୀଳାଶ୍ରବଣ କରିଛି, ପାଠ କରିଛି, କରାଇଛି, ତା'ର ପୁଣ୍ୟଫଳ କଳନା କରିବା ସମ୍ଭବ ହୋଇନାହିଁ । ଆଜି କିନ୍ତୁ ପରିବେଶ ଆହୁରି ସରଳ, ସହଜ ହୋଇଯାଇଛି । ତାଙ୍କରି ସ୍ଥୂଳ ଉପସ୍ଥିତିରେ ଲୀଳାମୃତର ଅବାରିତ ଧାରା ଝରିଚାଲିଛି ସ୍ୱର୍ଣ୍ଣପ୍ରସୂ ଧରିତ୍ରୀ ବକ୍ଷରେ ।

ଆସନ୍ତୁ......ଯୁଗସନ୍ଧିର ଏହି ନିଷ୍ଠୁର ମୁହୂର୍ତ୍ତରେ ସେହି ଗୋପିନାଥ, ଭକ୍ତବତ୍ସଳ, ଜରିଆ କୂଳିଆ, ପତିତପାବନଙ୍କ ଶ୍ରୀପାଦପଦ୍ମରେ ନିଜକୁ ଉତ୍ସର୍ଗ କରି ଏ ଭବପାରାବାରକୁ ପାର ହୋଇଯିବା ଓ ତାଙ୍କ ଲୀଳାଙ୍ଗର ସୌଭାଗ୍ୟ ନେଇ ଆସନ୍ତା ଯୁଗର ପୁରାଣ ପାଇଁ କଥାବସ୍ତୁ ହୋଇଯିବା ।

ଚିରମଂଗଳମୟ ସେ । ତାଙ୍କରି କରୁଣାରେ ଏ ବିଶ୍ୱବକ୍ଷରୁ ଅଶାନ୍ତି ଅପସରି ଯାଉ । ଚିରଶାନ୍ତି ପ୍ରତିଷ୍ଠିତ ହେଉ । ଆଜିର ଏହି ପବିତ୍ର ଦିବସରେ ତାଙ୍କ ଶ୍ରୀପୟରରେ ଏତିକି ଅଳି ମାତ୍ର ।

୦୦୦

# ଆଶ୍ରମ ସନ୍ଦେଶ

| | |
|---|---|
| ତା୩.୯.୯୮ ଖ୍ରି (ମଙ୍ଗଳବାର) | : ଦିବା ଘ.୧୧।୩୦ ମି. ରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ଶୁଭଯାତ୍ରା ଆରମ୍ଭ କରି ସଂଧ୍ୟା ଘ୭।୩୦ମିନିଟ୍‌ରେ ଶୁକୃଳି ଠାରେ ପହଞ୍ଚିଥିଲେ । ସେଠାରେ ରାତି ଘ୧୦।୩୦ ମିନିଟ୍ ପର୍ଯ୍ୟନ୍ତ ଅବସ୍ଥାନ କରି ଶୁକୃଳି ଶାଖା ଅନ୍ତର୍ଗତ 'ଦ୍ରୋଭା' ଯାତ୍ରା କରିଥିଲେ । ସେଠାରେ ହେଉଥିବା କେତନୀ ବାର୍ଷିକ ଉତ୍ସବ ଓ ସତ୍‌ସଂଗରେ ମଞ୍ଚାସୀନ ହୋଇ ସହସ୍ରାଧିକ ଭକ୍ତ, ଅନୁଗତ, ଆଶ୍ରିତଙ୍କୁ ସ୍ୱର୍ଗୀୟ ଆନନ୍ଦ ପ୍ରଦାନ କରିଥିଲେ । ଏହାପରେ ଶୁକୃଳି ଫେରିଆସି ରାତ୍ରିଯାପନ କରିଥିଲେ । |
| ତା୪.୩.୯୮ ଖ୍ରି (ବୁଧବାର) | : ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ଶୁକୃଳିଠାରେ ଅବସ୍ଥାନ କରି ହଜାର ହଜାର ଭକ୍ତ, ଅନୁଗତ, ଆର୍ତ୍ତମାନଙ୍କୁ ଦର୍ଶନ୍ ଦେଇ କୃତାର୍ଥ କରିଥିଲେ । |
| ତା୫.୩.୯୮ଖ୍ରି (ଗୁରୁବାର) | : ପୂର୍ବଦିନର କାର୍ଯ୍ୟକ୍ରମ ସହ ଠାକୁରେ ରାତ୍ରି ଘ୧୧ଟାରେ ଶୁକୃଳି କେନ୍ଦ୍ରୀୟଶାଖା ଅନ୍ତର୍ଗତ ''ଜାମୁନାଳିଆ''ରେ ଅନୁଷ୍ଠିତ ହେଉଥିବା କେତନୀ ସତ୍‌ସଂଗ ମଣ୍ଡପରେ ମଞ୍ଚାସୀନ ହୋଇ ଅଗଣିତ ଭକ୍ତବୃନ୍ଦଙ୍କୁ ଦର୍ଶନଦାନ ଦେଇ ଧନ୍ୟ କରିଥିଲେ । |
| ତା୬.୩.୯୮ ଖ୍ରି (ଶୁକ୍ରବାର) | : ଶୁକୃଳି ଗସ୍ତ ଶେଷ କରି ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ସ୍ୱର୍ଣ୍ଣକ୍ଷେତ୍ରକୁ ବାହୁଡ଼ା ଯାତ୍ରା କରିଥିଲେ । |
| ତା୧୪.୩.୯୮ଖ୍ରି (ଶନିବର) | : ପବିତ୍ର ମୀନ ସଂକ୍ରାନ୍ତି ଓ ହୋରି ଉତ୍ସବ । ଶ୍ରୀଗୁରୁସ୍ୱାମୀ ସିପୁରାଗ୍ରାମର ଗୁରୁଭ୍ରାତା କାଶୀନାଥ ଯେନାଙ୍କ ବାସଭବନରେ ଉପସ୍ଥିତ ରହି ଅଗଣିତ ପ୍ରେମିକ ଭକ୍ତମାନଙ୍କ ଗହଣରେ ହୋଲି ଖେଳରେ ନିଜକୁ ନିୟୋଜିତ କରିଥିଲେ ।<br>ବେଗୁନିଆପଦା ନିକଟସ୍ଥ କେଳାପଡ଼ିଆଠାରେ ''ଚରମ ଯଜ୍ଞ ସଂକଳନ'' ଉତ୍ସବ ପାଳନର ପ୍ରଥମ ଦିବସରେ ସଂକଳନ ଯଜ୍ଞାହୂତି ସହ ସଂଧ୍ୟାରେ ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । |
| ତା୧୫.୩.୯୮ଖ୍ରି (ରବିବାର) | : ''ଚରମଯଜ୍ଞ ସଂକଳନ'' ର ଦ୍ୱିତୀୟ ତଥା ଶେଷ ଦିବସ । ଦିବାଭାଗରେ ଯଜ୍ଞାହୂତି, ନାମଯଜ୍ଞ ଓ ଭଜନ ସମାରୋହ ଅନୁଷ୍ଠିତ ହେବାପରେ ସଂଧ୍ୟାରେ ସତ୍‌ସଙ୍ଗ ଅନୁଷ୍ଠାନ କରାଯାଇଥିଲା । ରାତ୍ରି ଘ୧୧ଟାରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ମଞ୍ଚାସୀନ ହୋଇ ଅସଂଖ୍ୟ ଭକ୍ତମାନଙ୍କୁ ଦର୍ଶନ ଦେଇ ଏକ ଅପୂର୍ବ, ଅବିସ୍ମରଣୀୟ ପରିବେଶ ସୃଷ୍ଟି କରାଇଥିଲେ । |
| ତା୨୨.୩.୯୮ ଖ୍ରି (ରବିବାର) | : ଓଡ଼ାସିଂହଠାରେ ଅନୁଷ୍ଠିତ ହୋଇଥିବା ଆଞ୍ଚଳିକ ସତ୍‌ସଙ୍ଗ ମଣ୍ଡପରେ ଶ୍ରୀ ଗୁରୁସ୍ୱାମୀ ରାତ୍ରି ଘ.୧୦।୦୫ ମିନିଟ୍‌ଠାରୁ ଘ୧୧।୫୫ ମିନିଟ୍ ପର୍ଯ୍ୟନ୍ତ ଉପସ୍ଥିତ ରହି ଭକ୍ତମାନଙ୍କୁ ଦର୍ଶନାନନ୍ଦ ଦାନ କରିଥିଲେ । |

| | |
|---|---|
| ତା୨୩.୩.୯୮ ରିଖ (ସୋମବାର) | : ରାତ୍ର ଘ. ୧୦ଷ୍ଟାରେ ଶ୍ରୀଗୁରୁସ୍ୱାମୀ କେନ୍ଦୁଝର ଜିଲ୍ଲା ଗସ୍ତରେ ଶୁଭଯାତ୍ରା ଆରମ୍ଭକରି ପରଦିନ ପ୍ରାତଃ ଘ୫ଷ୍ଟାରେ କେନ୍ଦୁଝରରେ ପହଞ୍ଚି ବିଶ୍ରାମ ନେଇଥିଲେ । |
| ତା୨୪.୩.୯୮ ରିଖ (ମଙ୍ଗଳବାର) | : ପୁଟୁଗାଁଠାରେ ଅନୁଷ୍ଠିତ ବାର୍ଷିକ କେତନୀ ସତ୍‌ସଂଗ ମଣ୍ଡପରେ ଠାକୁରେ ଦୀର୍ଘ ଘ୧।୧୫ମି. ଉପସ୍ଥିତ ରହି ଅଗଣିତ ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଲହରୀ ଖେଳାଇ ଦେଇଥିଲେ । |
| ତା୨୫.୩.୯୮ ରିଖ (ବୁଧବାର) | : ଅପରାହ୍ନ ଘ୪।୨୦ ମି. ରୁ ରାତ୍ର ଘ୯.୫୦ମିନିଟ୍ ମଧ୍ୟରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ କେନ୍ଦୁଝର ଜିଲ୍ଲାର ରାହାଙ୍କି,ଶିରିଶପାଳ, ବାଲିଆଗୋଡ଼ା,ମହାଦେଇଯୋଡ଼ା, ବାଉରୀପଦା, ପଦ୍ମପୁର, ଶିଲିଶୁଆଁ,ଗୋପୀନାଥପୁର ଶାଖା ପରିଦର୍ଶନ କରି କେନ୍ଦୁଝର ଫେରି ଆସି ସେଠାରେ ଅବସ୍ଥାନ କରିଥିଲେ । |
| ତା୨୬.୩.୯୮ ରିଖ (ଗୁରୁବାର) | : ଶ୍ରୀଠାକୁରଙ୍କର କେନ୍ଦୁଝରଠାରେ ଅବସ୍ଥାନ । |
| ତା୨୭.୩.୯୮ ରିଖ (ଶୁକ୍ରବାର) | : ଦିବା ଘ୧।୨୫ଠାରୁ ରାତ୍ର ଘ.୯.୦୦ ମଧ୍ୟରେ ଶ୍ରୀଶ୍ରୀଗୁରୁସ୍ୱାମୀ କେନ୍ଦୁଝର ଜିଲ୍ଲାର ଅବଶିଷ୍ଟ ଶାଖା ଯଥା : କେନ୍ଦ୍ରୀୟ ଶାଖା, କେଉଁଝର, କେରୀ, ସିଲ୍‌ଦା, କଇଣ୍ଡା, ତୁରୁମୁଙ୍ଗା, ଜଜପୋଶି, ଉଖୁଣ୍ଡା, ଟାଙ୍ଗରାଣୀ (ବେଲ୍‌ଦଣ) ଶାଖା ପରିଦର୍ଶନ କରି କେନ୍ଦୁଝରରେ ରାତ୍ରିଯାପନ କରିଥିଲେ । |
| ତା ୨୮.୩.୯୮ ରିଖ (ଶନିବାର) | : ଦିବା ଘ୧୨।୩୫ମି. ରୁ ଘ୧।୫୫ ମି. ପର୍ଯ୍ୟନ୍ତ କେନ୍ଦୁଝରର ସିଦ୍ଧମଠ ଠାରେ ଶ୍ରୀଗୁରୁସ୍ୱାମୀ ଅବସ୍ଥାନ କରିଥିଲେ । ଦିବା ଘ୪।୦୦ରୁ ରାତ୍ର ଘ୯।୩୦ ମି. ମଧ୍ୟରେ ଶ୍ରୀଗୁରୁସ୍ୱାମୀ କେଉଁଝର ଜିଲ୍ଲାର ଟାଙ୍ଗରାଣୀ, ଝୁମ୍ପୁରା, ଖୁଣ୍ଟାପଡ଼ା ଓ ବରହମପୁର କରଞ୍ଜିଆ ଶାଖା ପରିଦର୍ଶନ କରିଥିଲେ । |
| ତା୨୯.୩.୯୮ ରିଖ (ରବିବାର) | : ସଂଧ୍ୟାରେ ଶ୍ରୀଗୁରୁସ୍ୱାମୀ ମୋଚିବନ୍ଧଠାରେ ଥିବା ଶ୍ରୀପାଦୁକାସ୍ଥଳୀ ପରିଦର୍ଶନ କରିଥିଲେ । |
| ତା୩୦.୩.୯୮ ରିଖ (ସୋମବାର) | : ଶ୍ରୀଗୁରୁସ୍ୱାମୀ କେଉଁଝର ଜିଲ୍ଲାର ଘଟଗାଁ ଓ ଦେଓଗାଁ ଶାଖା ପରିଦର୍ଶନ କରି ପୁନର୍ବାର କେଉଁଝର ଫେରିଆସିଥିଲେ । |
| ତା୭.୪.୯୮ ରିଖ (ମଙ୍ଗଳବାର) | : ଶ୍ରୀଗୁରୁସ୍ୱାମୀ କେନ୍ଦୁଝର ଯାତ୍ରା ଶେଷ କରି ସ୍ୱର୍ଣ୍ଣକ୍ଷେତ୍ର ପ୍ରତ୍ୟାବର୍ତ୍ତନ କରିଥିଲେ । |
| ତା୯.୪.୯୮ ରିଖ (ଗୁରୁବାର) ତା ୧୧.୪.୯୮ ରିଖ (ଶନିବାର) | ଉକ୍ତ ପବିତ୍ର ଦିବସରେ ସତ୍ୟ, ତ୍ରେତୟା, ଦ୍ୱାପରଯୁଗର ନାମାହୁତି ଯଜ୍ଞ ଓ କଳିଯୁଗର ନାମଯଜ୍ଞ (ଅଷ୍ଟମ ପ୍ରହରୀ) ମହାସମାରୋହରେ ସ୍ୱର୍ଣ୍ଣକ୍ଷେତ୍ରରେ ପାଳିତ ହୋଇଥିଲା । |

୦୦୦

ଆମର ଲକ୍ଷ୍ୟ : ଚରମପ୍ରାପ୍ତି